

ଯା ଦେବୀ ସର୍ବଭୂତେଷୁ...........


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ଗୁରୁବାର ୧୮ ମାର୍ଚ୍ଚ ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-୮ ■ Baleshwar ♦ THURSDAY 18 MARCH 2021
Vol.No. 32 ■ No. 73 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ଅପେକ୍ଷାର୍ ଅବସାନ ଘଟାଇ ପ୍ରକାଶ ପାଇଛି ନୂଆବର୍ଷ ସଂଖ୍ୟା .....

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ଼, ବାଲେଶ୍ୱର-୭୫୬୦୦୧


## ଦେଶରେ ବଢୁଛି କରୋନା ସଂକ୍ରମଣ

### ଲକଡାଉନ ନୁହେଁ ଛୋଟ କଂଟେନମେଣ୍ଟ ଜୋନ କରି ନିୟନ୍ତ୍ରଣ କର ସଂକ୍ରମଣ : ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ,୧୭/୦୩ (ନି.ପ୍ର): ଦେଶର ବିଭିନ୍ନ ରାଜ୍ୟରେ କରୋନାର ଦ୍ୱିତୀୟ ଲହର ଆଶଙ୍କା ଭିତରେ, ମୁଖ୍ୟମନ୍ତ୍ରୀମାନଙ୍କ ସହ ଆଲୋଚନା କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି । ଦ୍ୱିତୀୟ ଲହର କିଭଳି ସାରାଦେଶକୁ ନବ୍ୟାପିବ, ସେଥିପାଇଁ ସତର୍କ କରିଛନ୍ତି ପ୍ରଧାନମନ୍ତ୍ରୀ । କହିଛନ୍ତି, ଏହି ଲହରକୁ ନରୋକିଲେ, ମୁକାବିଲା କରିବା କଷ୍ଟକର ହୋଇପଡିବ । ବିଶେଷ କରି କିଭଳି ଛୋଟ ସହର ଓ ଗାଁକୁ ଯେଭଳି ନବ୍ୟାପିବ, ସେଥପାଇଁ ପଦକ୍ଷେପ ନେବାକୁ ପଡିବ । ଗତ ମାସରେ କରୋନା ସଂକ୍ରମଣ ଟିକେ କମିବା ପରେ ଅଧିକାଂଶ ରାଜ୍ୟ ସରକାର ଟେଷ୍ଟିଂ, ଟ୍ରାକିଂ କମାଇ ଦେଇଥିଲେ । ପୂର୍ବ ଭଳି ଟେଷ୍ଟିଂ ଓ ଟ୍ରାକିଂକୁ ଆଉ ଗୁରୁତ୍ୱ ଦେଇନଥିଲେ । ହେଲେ, ଏହା ମହଙ୍ଗା ପଡିଛି । ମହାରାଷ୍ଟ୍ର ଭଳି ରାଜ୍ୟରେ କରୋନା ବ୍ୟାପିବାର ଏହା ଏକ ପ୍ରମୁଖ କାରଣ ବନିଯାଇଛି । ସେଥିପାଇଁ ଦ୍ୱିତୀୟ ଲହରକୁ ରୋକିବା ପାଇଁ ଟେଷ୍ଟିଂ, ଟ୍ରାକିଂ ଓ ଟ୍ରିଟମେଂଟକୁ ବଢ଼ାଇବା ଉପରେ ଗୁରୁତ୍ୱ ଦେଇଛନ୍ତି ପ୍ରଧାନମନ୍ତ୍ରୀ । ତେବେ କରୋନା ମୁକାବିଲା ପାଇଁ ଲକଡାଉନ ଭଳି କଠୋର କଟକଣା ନଲଗାଇବାକୁ ପରାମର୍ଶ ଦେଇଛନ୍ତି ମୋଦି । ଜନତାଙ୍କ ଭିତରେ ଭୟର ବାତାବରଣ ସୃଷ୍ଟି ନକରିବାକୁ କହିଛନ୍ତି । ପୁରୁଣା ଅନୁଭୂତିକୁ ଲଗାଇ ମୁକାବିଲା କରିବାକୁ କହିଛନ୍ତି । ଏଥିପାଇଁ ରାଜ୍ୟମାନଙ୍କୁ ପାଞ୍ଚଟି ମନ୍ତ୍ର ଦେଇଛନ୍ତି ପ୍ରଧାନମନ୍ତ୍ରୀ । କହିଛନ୍ତି.. ଟିକା ସହ କଟକଣା ମାନିବାକୁ ପଡିବ, ଆରଟିପିସିଆର ଟେଷ୍ଟକୁ ବଢ଼ାଇବାକୁ ପଡିବ, ଛୋଟ ଛୋଟ କଂଟେନମେଂଟ ଜୋନ ବନାଇବା ଉପରେ ଗୁରୁତ୍ୱ, ଟିକା ଦେବା ପାଇଁ ଅଧିକ କେନ୍ଦ୍ର ବ୍ୟବସ୍ଥା କରିବା, ଟିକାର ଏକ୍ସପାଏରୀ ଡେଟକୁ ନଜରରେ ରଖିବା ଗତ କିଛି ଦିନ ହେଲା ଦେଶରେ ଦୈନିକ ୨୦ ହଜାର ଉପରେ ନୂଆ ଆକ୍ରାନ୍ତ ଚିହ୍ନଟ ହେଉଛନ୍ତି । ଗତ ୨୪ ଘଂଟା ମଧ୍ୟରେ ୨୮ ହଜାର ୯୦୩ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ସେହପରି ଗୋଟିଏ ଦିନରେ ୧୮୮ ଜଣଙ୍କ ମୃତ୍ୟୁ ହୋଇଛି ।

## ଏପ୍ରିଲ ୩ରେ ଓଡ଼ିଶା ଆସିବେ ଉପରାଷ୍ଟ୍ରପତି

ଭୁବନେଶ୍ୱର,୧୭/୦୩ (ନି.ପ୍ର): ଆସନ୍ତା ଏପ୍ରିଲ ୩ ତାରିଖରେ ଭାରତର ଉପରାଷ୍ଟ୍ରପତି ଭେଙ୍କିୟା ନାଇଡୁ ଓଡ଼ିଶା ଗସ୍ତରେ ଆସିବେ। ଉତ୍କଳ ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବରେ ଦୀକ୍ଷାନ୍ତ ଭାଷଣ ପ୍ରଦାନ କରିବେ। ସମ୍ପୃକ୍ତ ବିଶ୍ୱବିଦ୍ୟାଳୟର କୁଳପତି ଡଃ. ସବିତା ଆଚାର୍ଯ୍ୟ ଏହି ସୂଚନା ଦେଇଛନ୍ତି।

## ଆସନ୍ତା ଶିକ୍ଷା ବର୍ଷ ଆରମ୍ଭରେ ପ୍ରଥମରୁ ଅଷ୍ଟମ ଯାଏଁ ହେବ ରିଭିଜନ କ୍ଲାସ୍

ଭୁବନେଶ୍ୱର,୧୭/୦୩ (ନି.ପ୍ର): ଆସନ୍ତା ଶିକ୍ଷା ବର୍ଷ ଆରମ୍ଭରୁ ୨ରୁ ୩ ମାସ ପର୍ଯ୍ୟନ୍ତ ପ୍ରଥମରୁ ଅଷ୍ଟମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ରିଭିଜନ କ୍ଲାସ ହେବ। ଏହି ସମୟରେ ପୁରୁଣା କ୍ଲାସର ପାଠ ରିଭିଜନ କରାଯିବ । ଛାତ୍ରଛାତ୍ରୀଙ୍କ ଦକ୍ଷତା ସ୍ତର ବୃଦ୍ଧି ପାଇଁ ସ୍କୁଲ ଓ ଗଣଶିକ୍ଷା ବିଭାଗ ଏହି ନିଷ୍ପତି ନେଇଛି । ସରକାରୀ, ସରକାରୀ ଅନୁଦାନପ୍ରାପ୍ତ ଓ ଘରୋଇ ସ୍କୁଲ ପାଇଁ ଏହି ନିୟମ ଲାଗୁ ହେବ । ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତ ଛାତ୍ରଛାତ୍ରୀଙ୍କୁ ବିନା ପରୀକ୍ଷାରେ ପାସ୍ କରିବାକୁ କିଛି ଦିନ ପୂର୍ବେ ଘୋଷଣା କରାଯାଇଥିଲା । କରୋନା ଯୋଗୁ ପୂରା ଶିକ୍ଷା ବର୍ଷ ପ୍ରଭାବିତ ହୋଇଛି । ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀ ଅଫ୍‌ଲାଇନ୍‌ରେ କୌଣସି ଶିକ୍ଷା ଗ୍ରହଣ କରିନାହାନ୍ତି । ଅନ୍‌ଲାଇନ୍ ପାଠପଢ଼ା ସେବା ସବୁଠି ଫଳପ୍ରଦ ହୋଇପାରିନାହିଁ । ତେଣୁ ପରୀକ୍ଷା କରିବା ଅସମ୍ଭବ । ଅପରପକ୍ଷେ, ଏବେ ନବମ, ଦଶମ, ଏକାଦଶ ଓ ଦ୍ୱାଦଶ କ୍ଲାସ ଚାଲିଛି ।

## ମଣ୍ଡି ଓ ବିଜେପି ବିଧାୟକ ସୁବାସ ପାଣିଗ୍ରାହୀଙ୍କ କ୍ଷମା ପ୍ରାର୍ଥନା ଦାବିରେ ଅଚଳ ବିଧାନସଭା



ଭୁବନେଶ୍ୱର,୧୭/୦୩ (ନି.ପ୍ର): ବିଧାନସଭାରେ ଅଚଳାବସ୍ଥା ଜାରି । ୫ ଦିନ ହେଲା ମଣ୍ଡି ପ୍ରସଙ୍ଗକୁ ନେଇ ଗୃହରେ ହଙ୍ଗାମା କରୁଛନ୍ତି ବିରୋଧୀ । ହଟ୍ଟଗୋଳ ଯୋଗୁଁ ଗୃହକୁ ବାରମ୍ବାର ମୁଲତବୀ ଘୋଷଣା କରୁଛନ୍ତି ବାଚସ୍ପତି । ଗୃହ ବିଲକୁଲ୍ ଚାଲି ପାରୁନାହିଁ । ଗୃହ କାର୍ଯ୍ୟ ସ୍ୱାଭାବିକ କରିବା ପାଇଁ ବାଚସ୍ପତି ସର୍ବଦଳୀୟ ବୈଠକ ଡାକିଛନ୍ତି । ଆଉ ଏହାରି ଭିତରେ ବିରୋଧୀ ଦଳ ନେତା ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଛନ୍ତି । ଧାନ କିଣା ଅବ୍ୟବସ୍ଥା ଓ ଗୃହର ସୁପରିଚାଳନା ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା ପାଇଁ ସମୟ ମାଗିଛନ୍ତି ବିରୋଧୀ ଦଳ ନେତା ପ୍ରଦୀପ୍ତ ନାୟକ । ସେପଟେ କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର କହିଛନ୍ତି, ବିଧାୟକ କ୍ଷମା ମାଗିବା ବଡ କଥା ନୁହେଁ, ଗୃହ କେମିତି ଚାଲିବ ସେ କଥା ଚିନ୍ତା କରାଯାଉ । ଏନେଇ ଗୃହର ନେତା ହିସାବରେ ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡିଛନ୍ତି ନରସିଂହ । ୧୫ ତାରିଖ ପରେ ଆଜି ଏନେଇ ନରସିଂହ ପୁଣି ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଛନ୍ତି । ସେ କହିଛନ୍ତି, ମୁଖ୍ୟମନ୍ତ୍ରୀ ହସ୍ତକ୍ଷେପ କରି ଏ ନେଇ ବିରୋଧୀ ଦଳର ନେତାଙ୍କ ସହ ଆଲୋଚନା କରନ୍ତୁ । ବିଜେଡି କହିଛି, ବିଜେପି ବିଧାୟକ ସୁବାସ ପାଣିଗ୍ରାହୀଙ୍କ ଆତ୍ମହତ୍ୟା ଉଦ୍ୟମ ଗୃହର ମର୍ଯ୍ୟାଦା କ୍ଷୁର୍ଣ୍ଣ କରିଛି ।

### ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନାବେଳେ ଚିନ୍ତାପ୍ରକଟ କଲେ ପ୍ରଧାନମନ୍ତ୍ରୀ

## ଦେଶରେ ନଷ୍ଟ ହେଲାଣି ୪୯ ଲକ୍ଷ କରୋନା ଟିକା !




ଭୁବନେଶ୍ୱର,୧୭/୦୩ (ନି.ପ୍ର): ସାରା ଦେଶରେ ଏବେ କରୋନା ଟିକାକରଣ ଚାଲିଥିବାବେଳେ ଟିକା ଅପଚୟକୁ ନେଇ ସରକାରଙ୍କ ଚିନ୍ତା ବଢିଯାଇଛି । ଆଜି ମୁଖ୍ୟମନ୍ତ୍ରୀମାନଙ୍କ ସହ ଭିଡିଓ କନଫରେନ୍ସିଂ ବେଳେ ଖୋଦ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏ ନେଇ ଚିନ୍ତା ପ୍ରକଟ କରିବା ସହ ରାଜ୍ୟମାନଙ୍କୁ ସତର୍କ କରାଇଦେଇଛନ୍ତି । ମୋଦୀ କହିଛନ୍ତି ଯେ ଗୋଟିଏ ଟିକା ନଷ୍ଟ ହେବା ଅର୍ଥ ହେଉଛି ଜଣେ ବ୍ୟକ୍ତିର ସ୍ୱାସ୍ଥ୍ୟସେବା ଅଧିକାରକୁ ଚୋରାଇନେବା । କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରାଳୟର ତଥ୍ୟ ଅନୁସାରେ ଏପର୍ଯ୍ୟନ୍ତ କେନ୍ଦ୍ର ସରକାରଙ୍କ ପକ୍ଷରୁ ରାଜ୍ୟମାନଙ୍କୁ ମୋଟ ୭ କୋଟି ୫୪ ଲକ୍ଷ କରୋନା ଟିକା ଦିଆଯାଇଛି । ଯଦି ଏହାର ୬.୫ ପ୍ରତିଶତ ହିସାବ କରାଯାଏ ତେବେ ଦେଶରେ ଏପର୍ଯ୍ୟନ୍ତ ପ୍ରାୟ ୪୯ ଲକ୍ଷ ଟିକା ଅପଚୟ ▶▶ପୃଷ୍ଠା ୭

## ସାମ୍ବାଦିକଙ୍କୁ ଟୀକା ଦେବାକୁ ଚିଠି ଲେଖିଲେ ରାଜ୍ୟ ସରକାର

ଭୁବନେଶ୍ୱର,୧୭/୦୩ (ନି.ପ୍ର): ଛାପା ଏବଂ ବୈଦ୍ୟୁତିକ ଗଣମାଧ୍ୟମରେ କାର୍ଯ୍ୟରତ ଥିବା ସାମ୍ବାଦିକମାନଙ୍କୁ କରୋନା ଟୀକା ଦେବା ପାଇଁ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ ମହାପାତ୍ର କେନ୍ଦ୍ର ସ୍ୱାସ୍ଥ୍ୟ ସଚିବଙ୍କୁ ଚିଠି ଲେଖିଛନ୍ତି। ସାମ୍ବାଦିକ ଓ ଗଣମାଧ୍ୟମ ସଂସ୍ଥାରେ କାର୍ଯ୍ୟ କରୁଥିବା କର୍ମଚାରୀଙ୍କ ସମେତ ବିଦ୍ୟୁତ୍ ଓ ଜଳଯୋଗାଣ କର୍ମଚାରୀ, ଏୟାରପୋର୍ଟ, ରେଲୱେ ଓ ବନ୍ଦରରେ କାର୍ଯ୍ୟରତ କର୍ମଚାରୀଙ୍କ ସମେତ ଶ୍ରୀମନ୍ଦିର ଓ ଲିଙ୍ଗରାଜ ମନ୍ଦିରର ସେବାୟତଙ୍କୁ ଟୀକା ଦେବା ପାଇଁ ଚିଠି ଲେଖି ଅନୁରୋଧ କରିଛନ୍ତି।

## ଆଲୁମିନିୟମ ଏୟାର ବ୍ୟାଟେରୀ ଉତ୍ପାଦନ ପାଇଁ ଭାରତ ପ୍ରସ୍ତୁତ : ଧର୍ମେନ୍ଦ୍ର



ନୂଆଦିଲ୍ଲୀ/ଭୁବନେଶ୍ୱର,୧୭/୦୩: ଆଲୁମିନିୟମ-ଏୟାର ବ୍ୟାଟେରୀ ଟେକ୍ନୋଲୋଜିକୁ ବ୍ୟବସାୟୀକରଣ କରିବା ଦିଗରେ ବୁଧବାର ନୂଆଦିଲ୍ଲୀ ଠାରେ ଆଇଓସି ଫିନର୍ଜି ପ୍ରାଇଭେଟ୍ ଲିମିଟେଡ(ଆଇଓପି)ର ଉଦଘାଟନ ହୋଇଛି । କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ଇସ୍ରାଏଲର ଉର୍ଜା ମନ୍ତ୍ରୀ ୟୁଭାଲ୍ ଷ୍ଟିନ୍‌ଜଙ୍କ ଭିଡିଓ କନଫରେନ୍ସିଂ ଜରିଆରେ ଏଥିରେ ଯୋଗ ଦେଇଥିଲେ । ଏହି ଯୌଥ ଉଦ୍ୟୋଗ ମାଧ୍ୟମରେ ଦେଶରେ ଆଲୁମିନିୟମ ଏୟାର ବ୍ୟାଟେରୀ ଉତ୍ପାଦନ କରିବା ଏବଂ ବ୍ୟବହାରଯୁକ୍ତ ଆଲୁମିନିୟମର ପୁନଃବ୍ୟବହାର କରିବା ପାଇଁ ଆଗାମୀ ଦିନରେ ଯୋଜନା ରଖାଯାଇଥିବା ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି । ସୂଚନାଯୋଗ୍ୟ ଯେ, ଆଇଓସି ଫିନର୍ଜି ପ୍ରାଇଭେଟ୍ ଲିମିଟେଡ ହେଉଛି ଇଣ୍ଡିଆନ ଅଏଲ ଏବଂ ଇସ୍ରାଏଲର ଫିନର୍ଜି କମ୍ପାନୀର ଯୌଥ ଉଦ୍ୟୋଗ । ଏହି କମ୍ପାନୀ ଭାରତୀୟ ▶▶ପୃଷ୍ଠା ୭

## ବିଧାନସଭା ନିର୍ବାଚନ ପାଇଁ ଇସ୍ତାହାର ଉନ୍ମୋଚନ କଲେ ମମତା ବାନାର୍ଜୀ

### ବର୍ଷକ ଭିତରେ ୫ଲକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି କରିବାର ଦେଲେ ପ୍ରତିଶ୍ରୁତି



ପଶ୍ଚିମବଙ୍ଗ,୧୭/୦୩ (ନି.ପ୍ର): ଇସ୍ତାହାର ଉନ୍ମୋଚନ ନେଇ ତାରିଖ ପରେ ତାରିଖ ବଦଳିବା ପରେ ଆଜି ନିର୍ବାଚନୀ ଇସ୍ତାହାର ଉନ୍ମୋଚନ କରିଛି ଟିଏମସି । ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଆଗାମୀ ନିର୍ବାଚନ ପାଇଁ ଇସ୍ତାହାର ଉନ୍ମୋଚନ କରିଛନ୍ତି। ଇସ୍ତାହାରରେ ବର୍ଷକ ମଧ୍ୟରେ ୫ଲକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି କରିବାର ପ୍ରତିଶ୍ରୁତି ଦେବା ସହ ବିଧବା ମହିଳାଙ୍କୁ ମେ' ମାସରୁ ୧୦୦୦ଟଙ୍କା ଲେଖାଏଁ ଦେବାକୁ ଇସ୍ତାହାରରେ କୁହାଯାଇଛି । ସାମ୍ବାଦିକ ସମ୍ମିଳନୀରେ ମମତା ବାନାର୍ଜୀ କହିଛନ୍ତି ଯେ, ଏହା ଏକ ରାଜନୈତିକ ଇସ୍ତାହାର ନୁହେଁ, ଏହା ଏକ ▶▶ପୃଷ୍ଠା ୭

## ପିପିଲି ଉପନିର୍ବାଚନ : ସିଇଓଙ୍କ ସାମ୍ବାଦିକ ସମ୍ମିଳନୀ

### ନାମାଙ୍କନ ବେଳେ ପ୍ରାର୍ଥୀ ସହ ୨ଟି ଗାଡ଼ିକୁ ଅନୁମତି

ଭୁବନେଶ୍ୱର,୧୭/୦୩ (ନି.ପ୍ର): ପିପିଲିରେ ଏପ୍ରିଲ ୧୭ରେ ପଡ଼ିବ ଭୋଟ୍, କେମିତି ହେବ ନିର୍ବାଚନ କ'ଣ ରହିବ ଗାଇଡଲାଇନ୍ ଏନେଇ ସାମ୍ବାଦିକ ସମ୍ମିଳନୀ କରିଛନ୍ତି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ସୁଶୀଲ କୁମାର ଲୋହାନୀ । ତେବେ ନାମାଙ୍କନ ବେଳେ ପ୍ରାର୍ଥୀଙ୍କ ସହ ମାତ୍ର ଦୁଇଟି ଗାଡ଼ିକୁ ଅନୁମତି ଦିଆଯାଇଛି । ଡୋର ଟୁ ଡୋର କ୍ୟାମ୍ପେନ ବେଳେ ପ୍ରାର୍ଥୀଙ୍କ ସହ ମାତ୍ର ୫ ଜଣ ରହିପାରିବେ । ସବୁଠାରୁ ବଡ଼କଥା ହେଲା କି, ୮୦ ବର୍ଷରୁ ଅଧିକ, ଦିବ୍ୟାଙ୍ଗ ଓ କରୋନା ସଂକ୍ରମିତଙ୍କ ପାଇଁ ପୋଷ୍ଟାଲ ବାଲାଟ୍ ବ୍ୟବସ୍ଥା କରାଯାଇଛି । ଏବେଠୁ ପୋଷ୍ଟାଲ ଭୋଟ୍ ପାଇଁ କରିପାରିବେ ଆବେଦନ କରିବେ ଭୋଟର । ନିର୍ବାଚନରେ ସଂଶ୍ଳିଷ୍ଟ ଥିବା ସମସ୍ତ କର୍ମଚାରୀଙ୍କୁ ସମ୍ମୁଖ ଯୋଦ୍ଧା ଭାବେ ବିବେଚନା କରାଯିବ । ଆଉ ନୂଆ ଗାଇଡଲାଇନରେ ସମସ୍ତଙ୍କୁ ଠିକ୍ ସମୟରେ ଟୀକାକରଣ ମଧ କରାଯିବ । ପ୍ରଚାର ବେଳେ ବେଶି ସଂଖ୍ୟାରେ ଗାଡ଼ି ବ୍ୟବହାର କରିପାରିବେ କିନ୍ତୁ ମାସ୍କ, ସାନିଟାଇଜର ବ୍ୟବହାର ବାଧ୍ୟତାମୂଳକ ରହିବ । ପୂର୍ବ ଉପନିର୍ବାଚନ ଭଳି ସାମାଜିକ ଦୂରତା, କରୋନା ନିୟମ ପାଳନ ହେବ ବୋଲି କହିଛନ୍ତି ସିଇଓ ।

## ୩୭୦ ଗ୍ରାମପଂଚାୟତରେ ନାହିଁ ହାଇସ୍କୁଲ

ଭୁବନେଶ୍ୱର,୧୭/୦୩ (ନି.ପ୍ର): ରାଜ୍ୟର ୩୭୦ଟି ଗ୍ରାମପଂଚାୟତରେ ଉଚ୍ଚବିଦ୍ୟାଳୟ ନାହିଁ ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଂଜନ ଦାଶ ସୁଧାଂଶୁ ଶେଖର ପରିଡାଙ୍କ ପ୍ରଶ୍ନର ଉତରରେ କହିଛନ୍ତି। ମନ୍ତ୍ରୀ କହିଛନ୍ତି ଯେ ଏହି ଗ୍ରାମପଂଚାୟତଗୁଡିକରେ ଆରଏମଏସଏ ନିୟମାବଳୀ ଅନୁଯାୟୀ ଉଚ୍ଚବିଦ୍ୟାଳୟ ପ୍ରତିଷ୍ଠା କରାଯିବ। ଦୂରତା ଓ ଛାତ୍ରଛାତ୍ରୀଙ୍କ ଉପସ୍ଥାପନକୁ ଦୃଷ୍ଟିରେ ରଖି ସେଠାରେ ଥିବା ଉଚ୍ଚପ୍ରାଥମିକ ବିଦ୍ୟାଳୟକୁ ଉନ୍ନୀତ ଉଚ୍ଚବିଦ୍ୟାଳୟରେ ପରିଣତ କରିବାକୁ ଓଏମଏସଏମକୁ ପ୍ରସ୍ତାବ ଦେବାକୁ ଜିଲ୍ଲା ଶିକ୍ଷା ଅଧିକାରୀମାନଙ୍କୁ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ନିର୍ଦ୍ଦେଶ ଦେଇଛନ୍ତି। ଉଚ୍ଚବିଦ୍ୟାଳୟ ନଥିବା ଗ୍ରାମପଂଚାୟତରେ କୌଣସି ସଂସ୍ଥା ଉଚ୍ଚବିଦ୍ୟାଳୟଖୋଲିଲେ ମାଟ୍ରିକ୍ ର ଗୋଟିଏ ବ୍ୟାଚ୍ ପରୀକ୍ଷା ହେବା ପରେ ଅନୁଦାନ ପାଇବାକୁ ଯୋଗ୍ୟ ବିବେଚିତ ହେବେ।

## ଦିଲ୍ଲୀ ବିଶ୍ୱର ସବୁଠାରୁ ପ୍ରଦୂଷିତ ରାଜଧାନୀ

### ବିଶ୍ୱର ସବୁଠାରୁ ଅଧିକ ପ୍ରଦୂଷିତ ୫୦ ସହର ମଧ୍ୟରୁ ଭାରତରେ ରହିଛି ୩୫ ସହର

ନୂଆଦିଲ୍ଲୀ,୧୭/୦୩: ଦୁନିଆର ସବୁଠାରୁ ପ୍ରଦୂଷିତ ୫୦ ସହର ମଧ୍ୟରୁ ଭାରତରେ ରହିଛି ୩୫ ସହର । କେବଳ ସେତିକି ନୁହେଁ ଦୁନିଆର ସବୁଠାରୁ ପ୍ରଦୂଷିତ ରାଜଧାନୀ ସୂଚୀରେ ଦିଲ୍ଲୀର ସ୍ଥାନ ସବୁଠାରୁ ଉପରେ । ସ୍ୱିସ୍ ସଂଗଠନ 'ଆଇକ୍ୟୁ ଏୟର' ଦ୍ୱାରା ମଙ୍ଗଳବାର ଜାରି କରାଯାଇଥିବା 'ବିଶ୍ୱ ଏୟାର କ୍ୱାଲିଟ୍ ରିପୋର୍ଟ,୨୦୨୦' ରେ ଏହି କଥା କୁହାଯାଇଛି । ରିପୋର୍ଟରେ କୁହାଯାଇଛି କି ୨୦୧୯ ତୁଳନାରେ ୨୦୨୦ ରେ ଦିଲ୍ଲୀର ବାୟୁ ଗୁଣବତ୍ତାରେ ସୁଧାର ଆସିଛି । ଏହି ସୁଧାର ପରେ ବି ଦିଲ୍ଲୀ ବିଶ୍ୱର ସବୁଠାରୁ ଅଧିକ ପ୍ରଦୂଷିତ ସହର ମଧ୍ୟରେ ୧୦ମ ସ୍ଥାନରେ ରହିଛି । ମାତ୍ର ବିଶ୍ୱର ରାଜଧାନୀ ସହରର କଥା କୁହାଗଲେ ଦିଲ୍ଲୀ ବିଶ୍ୱର ସବୁଠାରୁ ▶▶ପୃଷ୍ଠା ୭

## ବଳରାମଗଡ଼ି ଗୁଳିକାଣ୍ଡ : ହତ୍ୟା ମାମଲାରେ ୮ ଗିରଫ



ବାଲେଶ୍ୱର,୧୭/୦୩ (ନି.ପ୍ର): ବଳରାମଗଡ଼ି ସଂଘବଦ୍ଧ ହତ୍ୟା ମାମଲାର ଦୁଇଦିନ ମଧ୍ୟରେ ୮ ଜଣ ଅଭିଯୁକ୍ତଙ୍କୁ ଗିରଫ କରିବାରେ ପୁଲିସକୁ ସଫଳତା ମିଳିଛି। ଜିଲା ପୁଲିସ ମୁଖ୍ୟାଳୟରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ବାଲେଶ୍ୱର ଏସପି ଶୁଧାଂଶୁ ଶେଖର ମିଶ୍ର ଉପସ୍ଥିତ ରହି ବଳାରାମଗଡ଼ି ଗୁଳିକାଣ୍ଡ ଓ ହତ୍ୟା ମାମଲାର ପୃଷ୍ଠଭୂମି ଏବଂ ପୁଲିସ ଟିମର କାର୍ଯ୍ୟଧାରା ସମ୍ପର୍କରେ ସୂଚନା ଦେଇଛନ୍ତି। ଦୁଇଜଣ ଡିଏସପି ଓ ଏକାଧିକ ଇନସ୍ପେକ୍ଟରଙ୍କୁ ନେଇ ଗଠିତ ସ୍ୱତନ୍ତ୍ର ଟିମ ବିଭିନ୍ନ ସ୍ଥାନରେ ଚଢ଼ଉ କରି ୮ ଜଣଙ୍କୁ ଗିରଫ କରିଥିବା ସେ କହିଛନ୍ତି। ଗିରଫ ଅଭିଯୁକ୍ତମାନେ ହେଲେ ମେରାଇନଥାନା ଅନ୍ତର୍ଗତ ମିର୍ଜାପୁରର ଶେଖ ଅମିରୁଦ୍ଦିନ୍‌ଙ୍କ ପୁତ୍ର ଶେଖ ରଫିକ ଓରଫ ନନ ଓରଫ କଟିବାବୁ ଓ ଶେଖ ଅବଦୁଲଙ୍କ ପୁତ୍ର ଶେଖ ଫରିଦ ଓରଫ ବବୁଲୁ, ବାଲେଶ୍ୱର ଟାଉନଥାନା ଅନ୍ତର୍ଗତ ସୁଏଲପୁର ଅଞ୍ଚଳର ସନ୍ତୋଷ ବାରିକଙ୍କ ପୁତ୍ର ରବି ବାରିକ ଓ ଗଳାପୋଲ ଅଞ୍ଚଳର ମହମ୍ମଦ ସାହିଲଙ୍କ ପୁତ୍ର ମହମ୍ମଦ ହବିବ ଓରଫ ବୁଲବୁଲ, ସହଦେବଖୁଣ୍ଟା ଥାନା ଅନ୍ତର୍ଗତ ଭାସ୍କରଗଞ୍ଜ ଅଞ୍ଚଳର ଆରତ ଶ୍ରୀଚନ୍ଦନଙ୍କ ପୁତ୍ର ଆଶିଷ ଶ୍ରୀଚନ୍ଦନ ଓରଫ ପୁଣ୍ଟୁ, ନୂଆବଜାର ଅଞ୍ଚଳର ପୁରୁଷୋତ୍ତମ ସେଣ୍ଠଙ୍କ ପୁତ୍ର ବିଶ୍ୱଜିତ ସେଣ୍ଠ, ସଦର ଥାନା ଅନ୍ତର୍ଗତ ହର୍ଷପୁରାର ପୁରୁଷୋତ୍ତମ ଦାସଙ୍କ ପୁତ୍ର ବିଜୟ ଦାସ ଓରଫ ବିଜୁ ଓ ଶଙ୍କର ମହାଳିକଙ୍କ ପୁତ୍ର ରାଜେନ୍ଦ୍ର ମହାଳିକ ଓରଫ ରାଜୁ ଓରଫ ଜେଜେ। ସେମାନଙ୍କଠାରୁ ୨ଟି ପିସ୍ତଲ, ୨ଟି ଅଫୁଟା ଗୁଳି, ୨ଟି ତେଲେଙ୍ଗା କଟୁରୀ, ଗୋଟିଏ ଖଣ୍ଡା ସହ ଗୋଟିଏ ବାଇକ ପୁଲିସ ଜବତ କରିଛି। ଟ୍ରଲରରେ ଲାଗିଥିବା ସିସିଟିଭି ଫୁଟେଜ ଓ ଫୋନ ଟ୍ରାକିଂ ତଥା ଗୋଇନ୍ଦା ତଥ୍ୟ ଆଧାରରେ ଅଭିଯୁକ୍ତମାନଙ୍କୁ ସ୍ୱଳ୍ପ ସମୟ ମଧ୍ୟରେ ପୁଲିସ ଗିରଫ କରିପାରିଛି ବୋଲି ଏସପି ଶ୍ରୀ ମିଶ୍ର କହିଛନ୍ତି। ତେବେ ସମସ୍ତ ଅଭିଯୁକ୍ତଙ୍କ ମଧ୍ୟରେ ପୂର୍ବରୁ ବହୁ ଅପରାଧିକ ମାମଲା ରହିଥିବା ସେ ସୂଚନା ଦେଇଛନ୍ତି। ନିକଟ ଅତୀତରେ ସଦର ଥାନା ଅନ୍ତର୍ଗତ କେଶରପୁର ଅଞ୍ଚଳରେ ବିଦ୍ୟୁତ ତାର ଟଣାକୁ ନେଇ ହୋଇଥିବା ଗଣ୍ଡୋଗଳର ପୂର୍ବ ଶତ୍ରୁତାକୁ ନେଇ ଏହି ହତ୍ୟାକାଣ୍ଡ ଘଟିଥିବା ପୁଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ଏଥିରେ ଆହୁରି ସଂଖ୍ୟାଧିକ ଅଭିଯୁକ୍ତ ସାମିଲ ଥିବା ଏସପି ସୂଚନା ଦେଇଛନ୍ତି। ମାଷ୍ଟରମାଇଣ୍ଡ ସମେତ ଅନ୍ୟାନ୍ୟ ଫେରାର ଅଭିଯୁକ୍ତଙ୍କୁ ଖୁବଶୀଘ୍ର ଗିରଫ କରାଯିବ ବୋଲି ଏସପି ଶ୍ରୀ ମିଶ୍ର କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଡିଏସପି ଅନୁପ କାନୁନଗୋ ଓ ଅମୂଲ୍ୟ ଧର ପ୍ରମୁଖ ଏହି ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ଥିଲେ।

# ବଳାଙ୍ଗୀ ସାଂସ୍କୃତିକ ଜାଗରଣ ଯାତ୍ରା ଓ ଶ୍ରୀରାମ ଚନ୍ଦ୍ର ଜ୍ୟୋତିରଥର ଜିଲ୍ଲା ପରିକ୍ରମା ଉଦ୍‌ଯାପିତ

## ମୟୂରଭଂଜରେ ସାଂସ୍କୃତିକ ଓ ସାମାଜିକ ସଦଭାବନା ପାଇଁ ୩ଦିନ ଧରି ଜିଲ୍ଲା ପରିକ୍ରମା କରିଥିଲା ଜାଗରଣ ଯାତ୍ରା



ବାରିପଦା ,୧୭।୩ (ନି.ପ୍ର): ମୟୂରଭଂଜ ଜିଲ୍ଲାର ଅବଲୁପ୍ତପ୍ରାୟ ଭାଷା, ସାହିତ୍ୟ, କଳା, ସଂସ୍କୃତି ଓ ପର୍ଯ୍ୟଟନର ବିକାଶ ନିମନ୍ତେ ୨୦୦୩ ମସିହାଠାରୁ ବାରିପଦାଠାରେ ସାଂସ୍କୃତିକ ଗଣପର୍ବ ବଳାଙ୍ଗୀ ମହୋତ୍ସବ ପାଳିତ ହୋଇ ଅସୁଥିବା ପରିପ୍ରେକ୍ଷୀରେ ଚଳିତ ବର୍ଷ ୫ମ ବାର୍ଷିକ ସାଂସ୍କୃତିକ ଜାଗରଣ ଯାତ୍ରା (ବାଇକ ଶୋଭାଯାତ୍ରା) ଓ ମହାରାଜା ଶ୍ରୀରାମଚନ୍ଦ୍ର ଜ୍ୟୋତିରଥ ଜିଲ୍ଲା ପରିକ୍ରମା କାର୍ଯ୍ୟକ୍ରମ ଗତ ୧୨ ତାରିଖ ସକାଳେ ୨ୟ ଶ୍ରୀକ୍ଷେତ୍ର ବାରିପଦାର ଶ୍ରୀଶ୍ରୀ ହରିବଳଦେବ ଜୀଉ ମନ୍ଦିର ନିକଟରୁ ବାହାରି ୧୪ ତାରିଖ ପର୍ଯ୍ୟନ୍ତ ୩ ଦିନ ଧରି ମୟୂରଭଂଜ ଜିଲ୍ଲାର ଚାରୋଟି ଯାକ ସବଡିଭିଜନର ଲୋକଙ୍କ ମଧ୍ୟରେ ସାମାଜିକ ଓ ସାଂସ୍କୃତିକ ସମନ୍ୱୟ ରକ୍ଷା କରିବା ନିମନ୍ତେ ସମଗ୍ର ମୟୂରଭ ଜିଲ୍ଲା ପରିକ୍ରମା କରିବା ସହ ନବ ଓଡିଶାର ଅନ୍ୟତମ ନିର୍ମାତା ରାଜର୍ଷି ମହାରାଜା ଶ୍ରୀରାମ ଚନ୍ଦ୍ର ଭଂଜଦେଓଙ୍କ ସ୍ମୃତି ଉଦ୍ଦେଶ୍ୟରେ ମହାରାଜା ଶ୍ରୀରାମଚନ୍ଦ୍ର ଜ୍ୟୋତିରଥ ମଧ୍ୟ ଜିଲ୍ଲା ପରିକ୍ରମା କାର୍ଯ୍ୟକ୍ରମ ଚାଲିଥିଲା । ଜିଲ୍ଲାରେ ସାଂସ୍କୃତିକ ସମନ୍ୱୟ ସହିତ ଭାଇଚାରାର ପରଂପରାକୁ ଆଗେଇ ନେବା ଦିଗରେ ବଳାଙ୍ଗୀ ମହୋତ୍ସବର ଏଭଳି ପ୍ରୟାସକୁ ବିଭିନ୍ନ ମହଲରେ ପ୍ରଶଂସା କରାଯିବା ସହିତ ଜାଗରଣ ଯାତ୍ରା ଜିଲ୍ଲା ପରିକ୍ରମା ସମୟରେ ସମାଜରୁ କୁସଂସ୍କାର, ଅନ୍ଧ ବିଶ୍ୱାସ, ନିଶାସେବନ ଆଦି ଦୂର କରିବା, କରୋନା ସଚେତନତା ସୃଷ୍ଟି ଏବଂ ଟ୍ରାଫିକ ନିୟମ ପାଳନ କରିବା, ପରିବେଶ ସୁରକ୍ଷା, ଅଯଥା ଜଳ ଅପଚୟ ନକରିବା ଆଦି ଦିଗରେ ପ୍ରଚାର ପତ୍ର ଓ ପଥପ୍ରାନ୍ତ ସଭା ମାଧ୍ୟମରେ ଜନ ସଚେତନତା ସୃଷ୍ଟି ପାଇଁ ପ୍ରୟାସ କରାଯାଇଥିଲା । ଏହି ୩ ଦିନ ବ୍ୟାପି ଅନୁଷ୍ଠିତ ହେବାକୁଥିବା ଶୋଭାଯାତ୍ରାରେ ୨୦ଟି ବାଇକ ସହ ମୋଟ ୪୦ଜଣ ସଂସ୍କୃତି ସୈନିକ ସାମିଲ ହେବା ସହିତ ଜ୍ୟୋତିରଥ ବାରିପଦାରୁ ବାହାରି କୁଳିଅଣା, ୫।ରପୋଖରୀଆ, ବାଙ୍ଗିରିପୋଷୀ, ବିଶୋଇ, ବିଜାତୋଳା, ରାଇରଙ୍ଗପୁର, ବହଳଦା, ଜାମଦା, ଭାଲୁବସା, ଯଶିପୁର, ଖିଚିଂ, କରିଆ, ଠାକୁରମୁଣ୍ଡା, ଶରତ, କପ୍ତିପଦା, ଉଦଳା, ଖୁଂଟା, ହରିପୁର, ବଡସାହି, ମାଣତ୍ରୀ, ପାଟୁଳିପୁରା, ବୈଶିଙ୍ଗା, ବେତନଟୀ, ଚିତ୍ରଡା, ମରୋଡା, ବାଘଡା, ଶୁଳିଆପଦା ଦେଉଳି ହୋଇ ବାରିପଦାରେ ୧୪ ତାରିଖ ସଂଧ୍ୟାରେ ପହଂଚିବା ପରେ ବାରିପଦା କୃଷ୍ଣ ଚନ୍ଦ୍ର ଗୋଲେଇଠାରୁ ଫାୟାର ଷ୍ଟେସନ ଛକ ପର୍ଯ୍ୟନ୍ତ ଏକ ପଦଯାତ୍ରାରେ ଆସି ବଳାଙ୍ଗୀ କାର୍ଯ୍ୟାଳୟଠାରେ ଉଦଯାପିତ ହୋଇଯାଇଥିବାର ଜଣାଯାଇଛି । ତେବେ ଉପରୋକ୍ତ ସ୍ଥାନ ମାନଙ୍କରେ ବିଭିନ୍ନ ସଂଗଠନ ବୁଦ୍ଧିଜିବୀ ତଥା ଜନସାଧାରଣଙ୍କ ତରଫରୁ ଜାଗରଣ ଯାତ୍ରା ଓ ମହାରାଜା ଶ୍ରୀରାମ ଚନ୍ଦ୍ର ଜ୍ୟୋତିକୁ ଉଚ୍ଛସିତ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇ ଥିବାରୁ ମହୋତ୍ସବ କମିଟି ପକ୍ଷରୁ ପ୍ରତିଷ୍ଠାତା ସମ୍ପାଦକ ଶରତ ଚନ୍ଦ୍ର ନାୟକ, କାର୍ଯ୍ୟକାରୀ ସମ୍ପାଦକ ଦୀପକ କୁମାର ନାୟକ ସମସ୍ତଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି ।

# ଭୁବନେଶ୍ୱର ମହାନଗର ନିଗମ କର୍ତ୍ତୃପକ୍ଷ ଆଇନ୍ ପରିସର ବାହାରେ

ଭୁବନେଶ୍ୱର,୧୭।୩ (ନି.ପ୍ର): ଭୁବନେଶ୍ୱରକୁ ସଫା ସୁତୁରା ରଖିବା ପାଇଁ ମହାନଗର ନିଗମ ଅଧିନରେ ସିଧାସଳଖ ଭାବେ ପ୍ରାୟ ୨୫୦୦ ଓ ଠିକାଦାରଙ୍କ ଜରିଆରେ ପ୍ରାୟ ୪୫୦୦ ରୁ ଉର୍ଦ୍ଧ୍ୱ ପୁରୁଷ ଓ ମହିଳା ସଫେଇ କର୍ମଚାରୀ ନିଯୁକ୍ତି ହୋଇଛନ୍ତି । ଶ୍ରମିକମାନେ ଭୁବନେଶ୍ୱରକୁ ସଫାସୁତୁରା ରଖିଛନ୍ତି, ଯାହା ଫଳରେ ଭୁବନେଶ୍ୱର ଆଜି ସ୍ମାର୍ଟ ସିଟିର ମାନ୍ୟତା ପାଇଛି । କିନ୍ତୁ ଦୁଃଖ ଓ ପରିତାପର ବିଷୟ ସେହି ଶ୍ରମିକ ମାନଙ୍କ ପ୍ରତି କର୍ତ୍ତୃପକ୍ଷଙ୍କ ଅବହେଳା ଦିନକୁ ଦିନ ବଢ଼ି ଚାଲିଛି । ଏଠାରେ ଶ୍ରମିକ ମାନଙ୍କୁ ସରକାରୀ ଘୋଷିତ ସର୍ବନିମ୍ନ ମଜୁରୀ ମିଳେନାହିଁ କି ଆଇନ୍ ଅନୁସାରେ ସେମାନଙ୍କ ସାମାଜିକ ସୁରକ୍ଷା ପାଇଁ କୌଣସି ବିଧିବ୍ୟବସ୍ଥା ନାହିଁ । ନ୍ୟାର୍ଯ୍ୟ ପ୍ରାପ୍ୟ ପାଇବା ଆଶାରଖି ସମସ୍ତ ସଫେଇ କର୍ମଚାରୀମାନେ ୨୦୧୭ ମସିହାରୁ ଭୁବନେଶ୍ୱର ମହାନଗର ନିଗମ ଶ୍ରମିକ ୟୁନିୟନ ନାମରେ ଏକ ସଂଗଠନ ଗଠନ କରି ୧୦ ଦଫା ଦାବି ଯଥା ସର୍ବନିମ୍ନ ମଜୁରୀ ପ୍ରଦାନ, ସମସ୍ତ ଶ୍ରମିକଙ୍କୁ ସ୍ଥାୟୀ କରିବା, ସାପ୍ତାହିକ, ପର୍ବପର୍ବାଣୀ, ବାର୍ଷିକ ଛୁଟି, ପରିଚୟ ପତ୍ର, ଅବସର କାଳୀନ ଦେୟ ଓ ପେନସନ୍ ପ୍ରଦାନ କରିବା ସହିତ ପ୍ରତ୍ୟେକ ଶ୍ରମିକ ମାନଙ୍କ ପାଇଁ ୧୦ଲକ୍ଷ ଟଙ୍କାର ବୀମା ପଲିସି କରିବାକୁ ଭୁବନେଶ୍ୱର ମହାନଗର ନିଗମ କର୍ତ୍ତୃପକ୍ଷ ଓ ତିନିଗୋଟି ଠିକାଦାରଙ୍କୁ ଦାବିପତ୍ର ପ୍ରଦାନ କରିବା ସହିତ ଏହାର ଆଇନ୍‌ଗତ ସମାଧାନ ପାଇଁ ରାଜ୍ୟ ଶ୍ରମ ଦପ୍ତରଙ୍କୁ ମଧ୍ୟ ଅବଗତ କରାଯାଇଥିଲା । ଇତିମଧ୍ୟରେ ତିନିବର୍ଷରୁ ଉର୍ଦ୍ଧ୍ୱ ସମୟ ଅତିକ୍ରମ କରିଯାଇଥିଲେ ମଧ୍ୟ ଭୁବନେଶ୍ୱର ମହାନଗର ନିଗମ କିମ୍ବା କୌଣସି ଠିକାଦାର ଏହାର ସମାଧାନ କଲେ ନାହିଁ । ଅନ୍ୟପକ୍ଷରେ ଶ୍ରମିକ ମାନଙ୍କର ସମସ୍ୟା ଗୁଡ଼ିକର ସମାଧାନ ପାଇଁ ଶ୍ରମ ବିଭାଗର ମଧ୍ୟ କୌଣସି ଉଦ୍ୟମ ନାହିଁ । ଶ୍ରମ ଦପ୍ତରର ଅବହେଳା କାରଣରୁ ଭୁବନେଶ୍ୱର ମହାନଗର ନିଗମ କର୍ତ୍ତୃପକ୍ଷ ଶ୍ରମିକ ମାନଙ୍କ ବିରୋଧରେ ଦମନମୂଳକ ପଦକ୍ଷେପ ଚଳେଇ ରଖିଛନ୍ତି । ପ୍ରକାଶ ଥାଉ କି କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମିଳିତ ସହଯୋଗରେ ବସ୍ତି ପ୍ରକଳ୍ପ ଯୋଜନାରେ ସଫେଇ କର୍ମଚାରୀ ମାନଙ୍କ ପାଇଁ ଭୁବନେଶ୍ୱରସ୍ଥ କେଦାରପଲ୍ଲୀଠାରେ କେତେକ ଘର ନିର୍ମାଣ କରାଯାଇ ତତ୍‌କାଳୀନ ସ୍କାଭେଂଜର ମାନଙ୍କୁ ସ୍ଥାୟୀ ଭାବରେ ବିନା ଭଡ଼ାରେ ଦିଆଯାଇଥିଲା ।କିନ୍ତୁ ପରବର୍ତୀ ସମୟରେ ବିଏମସି କର୍ତ୍ତୃପକ୍ଷ ଜବରଦସ୍ତ ଉକ୍ତ ଘରକୁ ଖାଲି କରୁଛନ୍ତି । ଶ୍ରମିକମାନଙ୍କୁ ଅବସର ବୟସ ପୂର୍ବରୁ ଜବରଦସ୍ତ ଅବସର ଦିଆଯାଉଛି । ସେମାନଙ୍କର ନ୍ୟାର୍ଯ୍ୟ ପ୍ରାପ୍ୟ ପ୍ରଦାନ କରାଯାଉ ନାହିଁ । ଏପରିକି ଶ୍ରମିକମାନେ ଅବସର ଗ୍ରହଣ କରିବା ପରେ ମୃତ୍ୟୁବରଣ କରିସାରିଥିଲେ ସୁଦ୍ଧା ସେମାନଙ୍କର ପ୍ରାପ୍ୟ ତାଙ୍କ ଉତରାଧିକାରୀଙ୍କୁ ଦିଆଯାଉନାହିଁ । କୋର୍ଟ, କଚେରୀଙ୍କ ଆଦେଶକୁ ମଧ୍ୟ ବିଏମସି କର୍ତ୍ତୃପକ୍ଷ ଅବମାନନା କରୁଛନ୍ତି । ଶ୍ରମିକ ସଂଗଠନ ପକ୍ଷରୁ ଉପରୋକ୍ତ ଦାବି ଗୁଡ଼ିକୁ ଆଲୋଚନା ମାଧ୍ୟମରେ ସମାଧାନ କରିବା ପାଇଁ ବିଏମସି କମିଶନରଙ୍କୁ ବାରମ୍ବାର ଲିଖିତ ଭାବେ ଜଣାଇଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଉ ନାହିଁ କିମ୍ବା ଶ୍ରମ ବିଭାଗର ନିଷ୍କ୍ରିୟ ଫଳରେ ଶ୍ରମିକ ଅଶାନ୍ତି ଦିନକୁ ଦିନ ବଢ଼ି ଚାଲିଛି । ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ସମସ୍ୟା ଗୁଡ଼ିକର ସମାଧାନ ନ ହେଲେ ସଫେଇ କର୍ମଚାରୀ ମାନଲେଗାତାର ଧର୍ମଘଟ କରିବେ ।

# ୧୦ ବର୍ଷରେ ମମତା ପର୍ଶ୍ଚିମବଙ୍ଗଙ୍କୁ ନଷ୍ଟ କରିଦେଇଛନ୍ତି : ରାଜନାଥ ସିଂ

କୋଲକାତା,୧୭।୩ (ନି.ପ୍ର): ମଙ୍ଗଳବାର ଦିନ ପର୍ଶ୍ଚିମବଙ୍ଗଙ୍କୁ ପ୍ରଚାର ପାଇଁ ଆସିଥିବା କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ମମତା ବାନାର୍ଜୀଙ୍କୁ କଡ଼ା ଜବାବ ଦେଇଛନ୍ତି । ପର୍ଶ୍ଚିମ ମେଦିନୀପୁରର ଦାସପୁରରେ ଏକ ସାଧାରଣ ସଭାରେ ଯୋଗଦେଇ ରାଜନାଥ ସିଂ କହିଛନ୍ତି ଯେ, ମମତା ବାନାର୍ଜୀ ୧୦ ବର୍ଷ ଶାସନ କାଳରେ ପର୍ଶ୍ଚିମବଙ୍ଗଙ୍କୁ ନଷ୍ଟ କରିଦେଇଛନ୍ତି । ସେହିପରି ମମତାଙ୍କ ଉପରେ ହୋଇଥିବା ଆକ୍ରମଣ ପ୍ରସଙ୍ଗରେ ସେ କହିଛନ୍ତି ଯେ, ମମତା ନିରାଶ ହୋଇ ବାନାର୍ଜୀ ବିଜେପିକୁ ଦାୟୀ କରୁଛନ୍ତି । ପର୍ଶ୍ଚିମବଙ୍ଗରେ ବିଜେପି ସରକାର ଗଠନ ହେବ । ଶ୍ରୀ ସିଂ କହିଛନ୍ତି ଯେ, ମମତା ଦିଦିଙ୍କ ବ୍ୟତୀତ ଏହି ଆକ୍ରମଣ ସମ୍ପର୍କରେ କେହି ଅଭିଯୋଗ କରିନାହାଁନ୍ତି । ଅନୁସନ୍ଧାନକାରୀ ଏଜେନ୍ସି ଏବଂ ପର୍ଯ୍ୟବେକ୍ଷକଙ୍କ ରିପୋର୍ଟରେ କୁହାଯାଇଛି ଯେ, ସୁରକ୍ଷା ଅଭାବରୁ ଏହି ଦୁର୍ଘଟଣା ଘଟିଛି । ମୁଁ ଆଶା କରୁଛି ଯେ, ସେ ଶୀଘ୍ର ସୁସ୍ଥ ହୋଇଯିବେ, କିନ୍ତୁ ଏହା ତାଙ୍କ ନିରାଶାର ଫଳାଫଳ ଯେ, ସେ ତାଙ୍କ ଆଘାତ ପାଇଁ ବିଜେପିକୁ ଦାୟୀ କରୁଛନ୍ତି । ରାଜ୍ୟବାସୀ ଏଥର ପରିବର୍ତନ ପାଇଁ ମନ ବଳାଇ ସାରିଛନ୍ତି । ସୂଚନାଯୋଗ୍ୟ ଯେ, ବିଧାନସଭା ନିର୍ବାଚନର ପ୍ରଥମ ପର୍ଯ୍ୟାୟରେ ୨୭ ମାର୍ଚ୍ଚରେ ରାଜ୍ୟର ୩୦ଟି ସିଟ୍ ଭୋଟ ଗ୍ରହଣ ହେବ ।

# ଭେଡେନ୍ ଗଣ ବଳାତ୍କାର ମାମଲାର ତଦନ୍ତ କରିବେ ଓଏଚଆରସି ଡି.ଜି

ଭୁବନେଶ୍ୱର ,୧୭।୩ (ନି.ପ୍ର): ବଗରଡ ଜିଲ୍ଲା ଭେଡେନ୍ ଥାନା ରୂପାପଲ୍ଲୀ ଗାଁରେ ତିନି ଦଳିତ ମହିଳାଙ୍କୁ ଗଣଧର୍ଷଣ ଓ ଦୁଇ ଜଣଙ୍କୁ ହତ୍ୟା ଅଭିଯୋଗ ମାମଲାରେ ଓଡିଶା ମାନବିକ ଅଧିକାର କମିଶନଙ୍କ ନିକଟରେ ଦାଖଲ ହୋଇଥିବା ତଦନ୍ତ ରିପୋର୍ଟ ତ୍ରୁଟିପୂର୍ଣ୍ଣ ଦର୍ଶାଇ କମିଶନ ଏହାକୁ ଅଗ୍ରାହ୍ୟ କରିବା ସହ ତଦନ୍ତ ଭାର ଓଏଚଆରସିର ପୋଲିସ୍ ଏଡିଜି ତଥା ତଦନ୍ତ ବିଭାଗ ନିର୍ଦ୍ଦେଶକଙ୍କୁ ଦେଇଛନ୍ତି । ସେପଟେ ନିଜ ଜୀବନ ବିପଦରେ ଥିବା ଦର୍ଶାଇ ପିଡିତାଙ୍କ ଆବେଦନକୁ ଗ୍ରହଣ କରି ତାଙ୍କୁ ଓ ତାଙ୍କ ପରିବାରକୁ ସୁରକ୍ଷା ଯୋଗାଇଦେବା ପାଇଁ କମିଶନ ନିର୍ଦ୍ଦେଶ ଦେଇଥିଲେ । ତଦନ୍ତ ସଂପର୍କରେ ରିପୋର୍ଟ ଦେଇନଥିବାରୁ ତଦନ୍ତକାରୀ ଅଫିସର ତଥା ବରଗଡ ଏସଡିପିଓଙ୍କୁ ବ୍ୟକ୍ତିଗତ ଭାବେ ହାଜର ହେବା ଲାଗି ମଧ ନିର୍ଦ୍ଦେଶ ଦେଇଥିଲେ । ସେହି ଅନୁସାରେ ଗତ ୨୨ ତାରିଖରେ ବରଗଡ ଡିଏସପି ହାଜର ହୋଇ ତଦନ୍ତ ରିପୋର୍ଟ ପ୍ରଦାନ କରିଥିଲେ । ଏହା ଠିକ୍ ଭାବେ ହୋଇନାହିଁ ବୋଲି ଆବେଦନକାରୀ ଆଡଭୋକେଟ୍ ଶ୍ରୀ ନିଶିକାନ୍ତ ମିଶ୍ର ଯୁକ୍ତି ଦର୍ଶାଇଥିଲେ । କମିଶନ ମଧ ହୃଦବୋଧ କରିଥିଲେ ଯେ ତଦନ୍ତ ରିପୋର୍ଟ ସଠିକ ଓ ନିରପେକ୍ଷ ହୋଇନାହିଁ । ତେଣୁ ଘଟଣାର ସମସ୍ତ ରେକର୍ଡ କମିଶନଙ୍କ ତଦନ୍ତ ବିଭାଗ ନିର୍ଦ୍ଦେଶକଙ୍କୁ ପ୍ରଦାନ କରିବା ଲାଗି ନିର୍ଦ୍ଦେଶ ଦେଇଥିଲେ । ଅଭିଯୋଗକାରୀ ୨୦୧୭ ମଇ ୩ ତାରିଖରେ ଦେଇଥିବା ଏତଲା ଆଧାରରେ ମାମଲା ରୁଜୁ କରିବା ପାଇଁ କମିଶନ ୩.୧୦.୨୦୧୯ରେ ନିର୍ଦ୍ଦେଶ ଦେଇଥିଲେ । ଏତଲା ରୁଜୁ ନକରି ପୋଲିସ୍ ମାନବିକ ଅଧିକାର ଉଲଂଘନ କରିଥିବାରୁ ପିଡିତାଙ୍କୁ କାହିଁକି କ୍ଷତିପୂରଣ ଦିଆନଯିବ, ତାହା ଜଣାଇବାକୁ କମିଶନ ବରଗଡ ଏସପିଙ୍କୁ ନିର୍ଦ୍ଦେଶ ଦେଇଥିଲେ । କିନ୍ତୁ ଏ ସଂପର୍କରେ କମିଶନଙ୍କୁ ପୁଲିସ ଜବାବ ଦେଇପାରିନାହିଁ । କମିଶନଙ୍କ ନିକଟରେ ଶ୍ରୀ ମିଶ୍ର ଅଭିଯୋଗ କରିଥିଲେ ଯେ 'ପ୍ରଜାକୋର୍ଟ' ଦ୍ୱାରା ବାସନ୍ଦ ହୋଇଥିବା ଗୋଟିଏ ପରିବାରର ତିନି ମହିଳାଙ୍କୁ ୨୩.୦୯.୨୦୧୬ରେ ଭେଡେନ୍ ଥାନାର କିଛି ପୁଲିସ୍ କର୍ମଚାରୀ ଘରୁ ପୁଲିସ୍ ଭ୍ୟାନ୍‌ରେ ଉଠାଇ ନେଇ ଧର୍ଷଣ କରିଥିଲେ । ପରେ ଗାଁ ଲୋକଙ୍କ ହାତରେ ଏହି ମହିଳାମାନଙ୍କୁ ସମର୍ପଣ କରିଦେଇଥିଲେ । ଗାଁ କିଛି ଲୋକ ସେମାନଙ୍କୁ ୧୦ ଦିନ ଜଙ୍ଗଲରେ ରଖି ବାରମ୍ବାର ବଳାତ୍କାର କରିଥିଲେ । ସେମାନଙ୍କ ମଧ୍ୟରୁ ଜଣେ ଖସି ଆସିଥିଲା ବେଳେ ଆଉ ଦୁଇଜଣଙ୍କୁ ସେମାନେ ହତ୍ୟା କରିଥିବା ଅଭିଯୋଗ ହୋଇଥିଲା । କିନ୍ତୁ ପୁଲିସ୍ ଏହା ଉପରେ କୌଣସି ପଦକ୍ଷେପ ନେଇନଥିଲା । ଖସି ଆସିଥିବା ମହିଳାଜଣଙ୍କ ମାନବିକ ଅଧିକାର କମିଶନରେ ଅଭିଯୋଗ କରିଥିଲେ ।

## ଓଡ଼ିଶୀ ଯନ୍ତ୍ରସଂଗୀତ କର୍ମଶାଳା

ଭୁବନେଶ୍ୱର,୧୭।୩ (ନି.ପ୍ର): ଓଡିଶୀ ସଂଗୀତର ଅଧିକ ପ୍ରଚାର ପ୍ରସାର ନିମନ୍ତେ ଓଡିଶୀ ଗବେଷଣା କେନ୍ଦ୍ର ସତତ କାର୍ଯ୍ୟରତ । ସେହି କ୍ରମରେ ଆଜି ଦିନ ୩ଟାରୁ ୬ଟା ପର୍ଯ୍ୟନ୍ତ ଓଡିଶୀ ବାଦନ ଏବଂ ହିନ୍ଦୁସ୍ଥାନୀ ବାଦନ(ବେହେଲା)ଶୈଳୀ ଉପରେ ଗୋଟିଏ ଲେକ୍‌ଚର-ଡେମୋନଷ୍ଟ୍ରେସନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ବିଶିଷ୍ଟ ବେହେଲା ବାଦକ ଶ୍ରୀ କୈଳାସ ପାତ୍ର(ଟପ୍ ଗ୍ରେଡ), ମୁମ୍ବାଇ ଆକାଶ ବାଣୀ ଷ୍ଟାଫ୍ କଳାକାର, ବହୁତ ସୁନ୍ଦର ପ୍ରସ୍ତୁତି ରଖିଥିଲେ କଟକ ଭୁବନେଶ୍ୱର ର ଅନେକ କଳାକାର ଏହି କାର୍ଯ୍ୟକ୍ରମ ରେ ଯୋଗ ଦେଇଥିଲେ । ତବଲା ସହଯୋଗିତା କରିଥିଲେ ଶ୍ରୀ ବିଶ୍ୱରଂଜନ ନନ୍ଦ । ମୁଖ୍ୟନିର୍ବାହୀ ସମସ୍ତଙ୍କୁ ସ୍ୱାଗତ କରିବା ସହିତ ଧନ୍ୟବାଦ ମଧ ଅର୍ପଣ କରିଥିଲେ ।

ପ୍ରକାଶ ଥାଉକି କେନ୍ଦ୍ର ପକ୍ଷରୁ ଏଇମାସ ୨୩ ତାରିଖରେ 'ଉତ୍କଳ ରଙ୍ଗମଂଚ'ରେ, ଓଡ଼ିଶୀ ଆସର ଅନୁଷ୍ଠିତ ହେବ । ଦିନବେଳେ ପ୍ରତିଭାଦୀପ୍ତ ଓଡିଶୀ କଣ୍ଠଶିଳ୍ପୀ (୧୬ ବର୍ଷରୁ ନିମ୍ନ)ଙ୍କର ପରିବେଷଣ ତଥା ସନ୍ଧ୍ୟାବେଳେ ପଣ୍ଡିତ ଡକ୍ଟର ଦାମୋଦର ହୋତା, ଶ୍ରୀମତୀ ସଂଗୀତା ପଣ୍ଡା, ଗୁରୁ ନିମାକାନ୍ତ ରାଉତରାୟ ତଥା ଶ୍ରୀ ମୁରଲୀଧର ସ୍ୱାଇଁଙ୍କର ଓଡ଼ିଶୀ ଗାୟନ ଓ ବାଦନ ରହିଛି ।

ଏଇମାସ ୩୦ ତାରିଖରେ ବାଲେଶ୍ୱରର ଗାନ୍ଧି ସ୍ମୃତି ଭବନରେ ଓଡ଼ିଶୀ ସଂଗୀତ ଉତ୍ସବ ତଥା ଏପ୍ରିଲ ମାସ ୧୪ତାରିଖରେ ଭବାନୀପାଟଣା ଠାରେ ଓଡ଼ିଶୀ ସଂଗୀତ ଉତ୍ସବ ଅନିଷ୍ଠିତ ହେବ ବୋଲି ମୁଖ୍ୟନିର୍ବାହୀ ଡଃ ସଂଗୀତା ଗୋସାଇଁ ସୂଚନା ଦେଇଥିଲେ ।

# କୃଷକ ମୋର୍ଚ୍ଚାର ୬ ଉପସଭାପତି, ୨ ସାଧାରଣ ସଂପାଦକ, ୬ ସଂପାଦକଙ୍କ ନାମ ଘୋଷଣା

ଭୁବନେଶ୍ୱର,୧୭।୩ (ନି.ପ୍ର): ରାଜ୍ୟ ସଭାପତି ଶ୍ରୀ ସମୀର ମହାନ୍ତିଙ୍କ ଅନୁମୋଦନକ୍ରମେ କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ଶ୍ରୀ ପ୍ରଦୀପ ପୁରୋହିତ ଆଜି କୃଷକ ମୋର୍ଚ୍ଚା ରାଜ୍ୟ ପଦାଧିକାରୀ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା, ସ୍ଥାୟୀ ନିମନ୍ତ୍ରିତ ସଦସ୍ୟ, ମୋର୍ଚ୍ଚାର ବିଭିନ୍ନ ବିଭାଗର ସଂଯୋଜକମାନଙ୍କ ନାମ ତାଲିକା ଘୋଷଣା କରିଛନ୍ତି । କୃଷକ ମୋର୍ଚ୍ଚା ରାଜ୍ୟ ଉପସଭାପତି ଭାବେ ହୃଷିକେଶ ଜେନା, ଶ୍ରୀରଂଜନ ମଙ୍ଗରାଜ, ଚନ୍ଦ୍ରଶେଖର ପଣ୍ଡା, ରାଧାକାନ୍ତ ମହନ୍ତ, ରାମଚନ୍ଦ୍ର ପାତ୍ର ଓ ଦୁର୍ଯ୍ୟୋଧନ ସାହୁଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି । ରାଜ୍ୟ ସାଧାରଣ ସଂପାଦକ ଭାବେ କାମାକ୍ଷା ପ୍ରଧାନ ଓ ଲକ୍ଷ୍ମଣ ବାଗ ଯାଦବ, ରାଜ୍ୟ ସଂପାଦକ ଭାବେ ବିପଦଭଂଜନ ଦାଶ, ଉପାଧ୍ୟାୟ ପାଣିଗ୍ରାହୀ, ରାଜେଶ କୁମାର ସାହୁ, ଭଗବାନ ପଣ୍ଡା, ସତ୍ୟବାଦୀ ଚଇନି, ସନ୍ତୋଷ ପ୍ରଧାନ, କାର୍ଯ୍ୟାଳୟ ସଂପାଦକ ଭାବେ ଅଶୋକ କୁମାର ମହାନ୍ତି ଏବଂ କୋଷାଧକ୍ଷ ଭାବେ ବିଶ୍ୱଜିତ୍ ସ୍ୱାଇଁଙ୍କୁ ଦାୟୀତ୍ୱ ପ୍ରଦାନ କରାଯାଇଛି । କୃଷକ ମୋର୍ଚ୍ଚାର ବିଭିନ୍ନ ବିଭାଗର ରାଜ୍ୟ ସଂଯୋଜକ ଭାବେ ସୁନିଲ ପ୍ରଧାନ, ଜିଷ୍ଣୁଜୟ ମତଗଜସିଂହ, କିଶୋର ସୁତାର, ସୁବାଷ ଚନ୍ଦ୍ର ମହାନ୍ତି, କେଲୁ ଜଗଦେବ, ପ୍ରତାପ ନାୟକ, ପ୍ରଦୀପ ସାହୁ, ପ୍ରାଚୁର୍ଯ୍ୟ ହୋତା, ପୂର୍ଣ୍ଣଚନ୍ଦ୍ର ଭୁକ୍ତା, ମଧୁସୁଦନ ସାହୁ, ହିତେଶ ମହାପାତ୍ର, ସରୋଜ ସାହୁ, ଅଜୟ ସ୍ୱାଇଁ, ବିକ୍ରମ କେଶରୀ ରାଉତରାୟ, ଅମରେଶ ମିଶ୍ର ଓ ଲିଙ୍ଗରାଜ ବାରିକଙ୍କୁ ଦାୟୀତ୍ୱ ଦିଆଯାଇଛି । କୃଷକ ମୋର୍ଚ୍ଚାର ସ୍ଥାୟୀ ନିମନ୍ତ୍ରୀତ ସଦସ୍ୟ ଭାବେ ବରିଷ୍ଠ ନେତା ରଂଜନ ପଟେଲ, ସଜ୍ଜନ ଶର୍ମା, ମହେଶ୍ୱର ସାହୁ, କୃଷ୍ଣ ଜଗଦେବ, ଶିବାଜୀ ମହାନ୍ତି, ଭାଗିରଥୀ ପ୍ରଧାନ, ସୁରଥ ବିଶ୍ୱାଳ, ସୂର୍ଯ୍ୟ ମହାପାତ୍ର, ସୂର୍ଯ୍ୟନାରାୟଣ ଦାଶ, ସମୀର ପାତ୍ର ଓ ସନ୍ତୋଷ ମିଶ୍ରଙ୍କୁ ମନୋନୀତ କରାଯାଇଥିବାବେଳେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ଭାବେ ୨୭ ଜଣଙ୍କୁ ମନୋନୀତ କରାଯାଇଛି ବୋଲି କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ଶ୍ରୀ ପୁରୋହିତ ପ୍ରେସ ବାର୍ତାରେ ଜଣାଇଛନ୍ତି । ଆଗାମୀ ଦିନରେ ଓଡିଶାରେ କୃଷକମାନଙ୍କ ସମସ୍ୟାକୁ ନେଇ ସାରା ରାଜ୍ୟରେ ଏକ ଦୁର୍ବାର କୃଷକ ଆନ୍ଦୋଳନ କରାଯିବ ।ଆସନ୍ତା କାଲି କୃଷକ ମୋର୍ଚ୍ଚାର ରାଜ୍ୟ ପଦାଧିକାରୀମାନେ ପୁରୀ ଯାଇ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଦର୍ଶନ କରି ରାଜ୍ୟରେ ଶୋଷିତ ହେଉଥିବା କୃଷକମାନଙ୍କ ସମସ୍ୟାକୁ ନେଇ ସାରା ରାଜ୍ୟରେ ଏକ ଜନଆନ୍ଦୋଳନ କରିବାର ସଂକଳ୍ପ ନେବେ ବୋଲି ଶ୍ରୀ ପୁରୋହିତ ପ୍ରକାଶ କରିଛନ୍ତି ।

# ମାଣିକପୁରରେ ଜୈବିକ କୃଷି ଉପରେ ଆଲୋଚନା ଚକ୍ର

ଭୁବନେଶ୍ୱର,୧୭।୩ (ନି.ପ୍ର): ଚ୍ଷ ଆମ ଅର୍ଥନୀତିର ମେରୁଦଣ୍ଡ ଥିଲା, ଏଥିରେ ଘର ସଂସାର ଚଳୁଥିଲା, ପିଲା ପାଠ ପଢୁଥିଲେ, ଝିଅ ବାହାଘର ହେଉଥିଲା ଓ ଅର୍ଥନୀତି ବି ସୁଦୃଢ଼ ହେଉଥିଲା । ବର୍ତମାନ ଚ୍ଷକୁ ବେଉସା କରି ବଂଚି ହେଉନି । ଚ୍ଷୀ ଚ୍ଷରୁ ମୁହଁ ଫେରାଇ ନେଉଛି । ଚ୍ଷରେ ବ୍ୟବହାର ହେଉଥିବା ରାସାୟନିକ ସାର ଓ କୀଟନାଶକ ପ୍ରୟୋଗ ଫଳରେ ରୋଗୀ ସଂଖ୍ୟା ବଢିବଢି ଚ୍ଲିଛି । ଆମେ ମେଡ଼ିକାଲ କଲେଜ ଓ ଶିଳ୍ପାୟନ କଥା ଦାବୀ କରୁଛୁ । ଭଲକଥା କିନ୍ତୁ ରୋଗ ବଢିବାର ଅସଲ କାରଣକୁ ଅଣଦେଖା କରୁଛୁ । ଅଧିକ ଅମଳ ଆଶାରେ ଆମେ ଚ୍ଷକୁ ବୁଡ଼ାଇ ଦେଉଛୁ । ବିନା ରାସାୟନିକ ସାର ଓ କୀଟନାଶକ ପ୍ରୟୋଗରେ, କମ୍ ଖର୍ଚ୍ଚରେ କିପରି ଅଧିକ ଅମଳ କରିପାରିବା, ସେ ସମ୍ପର୍କରେ ଚ୍ଷୀଙ୍କୁ ଅବଗତ କରାଇବାକୁ ଏହି ଆଲୋଚନାର ଆୟୋଜନ କରାଯାଇଛି ବୋଲି ଆୟୋଜିକା ପୂର୍ବତନ ସାଂସଦ ଅର୍ଚ୍ଚନା ନାୟକ କହିଛନ୍ତି । ଗତକାଲି ମାର୍ଶାଘାଇ ବ୍ଲକ ଅନ୍ତର୍ଗତ ମାଣିକପୁରଠାରେ ଜୈବିକ କୃଷି ଉପରେ ଅନୁଷ୍ଠିତ ଆଲୋଚନାଚକ୍ରରେ ଅଧକ୍ଷତା କରି ପୂର୍ବତନ ସାଂସଦ ଗରିବ ଚ୍ଷୀ ପାଇଁ ଆମେ ଠିଆ ହେବା, ସମାଜର ଦାନରେ ଆମେ ମଣିଷ ହୋଇଛେ, ଆମକୁ ତାହା ଫେରାଇବାକୁ ପଡ଼ିବ ବୋଲି ଆହ୍ୱାନ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ବରିଷ୍ଠ କୃଷି ବିଜ୍ଞାନୀ ଶିଶିର ପରିଜା ଯୋଗଦେଇ ଚ୍ଷୀମାନେ କିପରି ଜୈବିକ କୃଷି ପଦ୍ଧତି ଅନୁସରଣ କରି, କମ୍ ଖର୍ଚ୍ଚରେ ତାଙ୍କ ହାତ ପାହାନ୍ତାରେ ଥିବା ଗୋମୂତ୍ର, ଗୋବର, ନିମପତ୍ର, ଅରଖପତ୍ର, କରଞ୍ଜପତ୍ର ଇତ୍ୟାଦି ବ୍ୟବହାର କରି ଚ୍ଷ ପାଇଁ ଜୈବିକ ସାର, ରୋଗପୋକ ନିୟନ୍ତ୍ରଣ କରିବାର ଔଷଧ କରିପାରିବେ ଓ ଅଧିକ ଅମଳ ପାଇବା ସହ ସୁସ୍ଥ ଓ ନିରୋଗ ରହିପାରିବେ, କିପରି ନିଜ ପାଇଁ ବିହନ ସଂଗ୍ରହ କରିବେ, ସେ ସମ୍ପର୍କରେ ଉଦାହରଣ ସହ ଚ୍ଷୀମାନଙ୍କ ସହ ବିସ୍ତୃତ ଆଲୋଚନା କରିଥିଲେ ଓ ଚ୍ଷୀମାନଙ୍କ ପ୍ରଶ୍ନର ଉତର ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଭରତଚନ୍ଦ୍ର ଦାସ, ପ୍ରଦୀପ୍ତ ପାଇକରାୟ, ସୌଭାଗ୍ୟ ସେନାପତି, ରମେଶ ଚନ୍ଦ୍ର ସେନାପତି, କିଷାନ ସେନାପତି, ବଳରାମ ସେନାପତି, ପ୍ରତିମା ନାୟକ, ପ୍ରଦୀପ ମହାପାତ୍ର, ଅନିରୁଦ୍ଧ ପରିଡ଼ା, ଅଜୟ ଜେନା ପ୍ରମୁଖ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମରେ ବହୁ ସଂଖ୍ୟକ ଚ୍ଷୀ ଯୋଗଦେଇ ଚ୍ଷ ସମ୍ପର୍କିତ ବିଭିନ୍ନ ବିଷୟ ପଚ୍ରି ବୁଝିଥିଲେ ।

# ମହିଳାଙ୍କ ପ୍ରତି ବଢୁଥିବା ଅପରାଧ ମାମଲାରେ ଗେହଲଟ୍ ସରକାରଙ୍କୁ ଟାର୍ଗେଟ୍ କଲେ ବସୁନ୍ଧରା

ଜୟପୁର,୧୭।୩ (ନି.ପ୍ର): ରାଜ୍ୟରେ ଆଇନ ଶୃଙ୍ଖଳା ପରିସ୍ଥିତି ବିଗିଡ଼ି ଯାଇଥିବାରୁ ପୂର୍ବତନ ମୁଖ୍ୟମନ୍ତ୍ରୀ ବସୁନ୍ଧରା ରାଜେଉଦବେଗ ପ୍ରକାଶ କରିଛନ୍ତି । ଝାଲବାଡରେ ଏକ ଶିଶୁକନ୍ୟା ସହ ଦୁଷ୍କର୍ମ ମାମଲାକୁ ନେଇ ରାଜେ ମଙ୍ଗଳବାର ପୁଣିଥରେ ଗେହଲଟ ସରକାରଙ୍କୁ ଟାର୍ଗେଟ କରିଛନ୍ତି ।

ପୂର୍ବତନ ମୁଖ୍ୟମନ୍ତ୍ରୀ ରାଜେ ଟ୍ୱିଟ୍ କରି ଲେଖିଛନ୍ତି ଯେ, ଏହି ଘଟଣା ଅତ୍ୟନ୍ତ ଘୃଣ୍ୟ । ବାରାଂ ଗଣବଳାତ୍କାର ମାମଲା ପରେ କୋଟାର ଝିଅକୁ ଝାଲଓ୍ୱାଡାରେ ଦୁଷ୍କର୍ମ ଘଟଣାରେ ଦୁଃଖ ପ୍ରକାଶ କରିବାକୁ ଶବ୍ଦ ମଧ୍ୟ କମ୍ ପଡିବ । ସେ ଲେଖିଛନ୍ତି ଯେ, ଏହି ମାମଲାରେ କୋଟା ପୋଲିସ ପୀଡ଼ିତାଙ୍କ ପରିବାରର ବୟାନ ରେକର୍ଡ ନାହିଁ କିମ୍ବା ଝାଲଓ୍ୱାଡାର ପୋଲିସ ଝିଅକୁ ଘରକୁ ମଧ୍ୟ ଛାଡିଲା ନାହିଁ । ବର୍ତମାନ କଂଗ୍ରେସ ସରକାର ଏବେ କୁମ୍ଭକର୍ଣ୍ଣ ନିଦ ଛାଡ଼ି ଅଭିଯୁକ୍ତ ଏବଂ ଦୋଷୀ ପୋଲିସ ବିରୁଦ୍ଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ ।

# ଯାଜପୁର ଆଇଟିଆଇରେ ପ୍ରତିଷ୍ଠା ହେବ ଉତ୍କର୍ଷ କେନ୍ଦ୍ର

## ଥର୍ମାଲ କଟିଂ ଏବଂ ୱେଲଡିଂରେ ଦକ୍ଷତା ବୃଦ୍ଧି ନିମନ୍ତେ ବୃହତ୍ ପଦକ୍ଷେପ

ଭୁବନେଶ୍ୱର,୧୭।୩ (ନି.ପ୍ର): ଯାଜପୁରସ୍ଥିତ ସରକାରୀ ଶିଳ୍ପ ତାଲିମ ଅନୁଷ୍ଠାନ (ଆଇଟିଆଇ) ରେ ଥର୍ମାଲ କଟିଂ ଏବଂ ୱେଲଡ଼ିଂ ଉତ୍କର୍ଷ କେନ୍ଦ୍ର ପ୍ରତିଷ୍ଠା କରାଯିବ । ପ୍ରାୟ ୫.୨୫ କୋଟି ଟଙ୍କା ବ୍ୟୟରେ ଏହି ଉତ୍କର୍ଷ କେନ୍ଦ୍ର ୬ ମାସ ମଧ୍ୟରେ କାର୍ଯ୍ୟକାରୀ ହେବ । ଉତ୍କର୍ଷ କେନ୍ଦ୍ର ପ୍ରତିଷ୍ଠା ନିମନ୍ତେ ରାଜ୍ୟ ବୈଷୟିକ ଶିକ୍ଷା ଏବଂ ପ୍ରଶିକ୍ଷଣ ନିର୍ଦ୍ଦେଶାଳୟ ଏବଂ ମେସର କଟିଂ ସିଷ୍ଟମସ୍ ଇଣ୍ଡିଆ ପ୍ରା. ଲିଃ ମଧ୍ୟରେ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି । ଆଜି ଏହି ଚୁକ୍ତିନାମାରେ ବୈଷୟିକ ଶିକ୍ଷା ଏବଂ ପ୍ରଶିକ୍ଷଣ ନିର୍ଦ୍ଦେଶାର୍ଳର ନିର୍ଦ୍ଦେଶକ ରେଘୁ ଜି. ଓ ମେସର କଟିଂ ସିଷ୍ଟମସ୍ ଇଣ୍ଡିଆ ପ୍ରା.ଲିଃର ନିର୍ଦ୍ଦେଶକ ଉଦୟ ମୁଖାର୍ଜୀ ସ୍ୱାକ୍ଷର କରିଛନ୍ତି । ଯାଜପୁରର ଏହି ଉତ୍କର୍ଷ କେନ୍ଦ୍ର ନିମନ୍ତେ ଓଡ଼ିଶା ଖଣିଜ ଅଂଚଳ ଉନ୍ନୟନ ନିଗମ ପକ୍ଷରୁ ବେରୋଜଗାର ଯୁବକ ଯୁବତୀମାନଙ୍କ ଦକ୍ଷତା ବିକାଶ ପାଇଁ ରହିଥିବା ପାଣ୍ଠି ବିନିଯୋଗ କରାଯିବ । ଯାଜପୁର ଶିଳ୍ପ କ୍ଲଷ୍ଟରରେ ଥବବା ସମସ୍ତ ଆବଶ୍ୟକତାକୁ ଉପରୋକ୍ତ ଉତ୍କର୍ଷ କେନ୍ଦ୍ର ପୂରଣ କରିବ ଏବଂଥର୍ମାଲ କଟିଂ ତଥା ୱେଲଡ଼ିଂରେ ଉତୀର୍ଣ୍ଣ ଆଇଟିଆଇ ବିଦ୍ୟାର୍ଥୀ ତଥା ଡିପ୍ଲୋମା ଇଂଜିନିୟରମାନଙ୍କୁ ଏହି କେନ୍ଦ୍ର ଅପ୍‌ସ୍କିଲ୍ କରାଇବ । ବେଙ୍ଗାଲୁରୁରେ କର୍ଣ୍ଣାଟକ ସରକାରଙ୍କ ସହଯୋଗିତାରେ ମେସର କଟିଂ ସିଷ୍ଟମସ୍ ଇଣ୍ଡିଆ ଅନୁରୂପ ଉତ୍କର୍ଷ କେନ୍ଦ୍ର ପ୍ରତିଷ୍ଠା କରିଛନ୍ତି । ଯାଜପୁରର ଏହି ଉତ୍କର୍ଷ କେନ୍ଦ୍ର ପ୍ରତିଷ୍ଠା ହେବା ଫଳରେ ଥର୍ମାଲ କଟିଂ ଏବଂୱେଲଡ଼ିଂ ବିଭାଗରେ କୌଶଳ ବ୍ୟବଧାନ ଦୂର ହେବା ସହିତ ତାଲିମପ୍ରାପ୍ତ ପ୍ରଶିକ୍ଷାର୍ଥୀଙ୍କ ଦକ୍ଷତା ବୃଦ୍ଧି ହେବ ଏବଂ ନିଯୁକ୍ତି ସୁଯୋଗ ମିଳିବ । ମେସର କଟିଂ ସିଷ୍ଟମର ପ୍ରଶିକ୍ଷକମାନେ ଏକ ବର୍ଷ ପାଇଁ ତାଲିମ ଦେବେ ଏବଂ ଆଇଟିଆଇ ତଥା ପଲିଟେକ୍‌ନିକର ପ୍ରଶିକ୍ଷାର୍ଥୀମାନେ ମଧ୍ୟ ଏହି ଉତ୍କର୍ଷ କେନ୍ଦ୍ର ଦ୍ୱାରା ଉପକୃତ ହେବେ । ଏହି ପରିବେଶ ଅନୁକୂଳ ଆଧୁନିକ କର୍ମଶାଳା ବିଭିନ୍ନ ଶିଳ୍ପାନୁଷ୍ଠାନର ଅର୍ଦ୍ଧକୁଶଳୀ କର୍ମଚାରୀମାନଙ୍କୁ ଦକ୍ଷତା ବୃଦ୍ଧି ନିମନ୍ତେ ସାହାଯ୍ୟ କରିବ । ପ୍ରଶିକ୍ଷକ ମାନଙ୍କୁ ତାଲିମ ଦେବା ପାଇଁ ଆଇଟିଆଇ ଏବଂ ପଲିଟେକ୍ ନିକର ୧୦ ପ୍ରଶିକ୍ଷଣ ଅଧିକାରୀଙ୍କୁ ମେସର କଟିଂ ସିଷ୍ଟମସ୍ ଇଣ୍ଡିଆ ଦ୍ୱାରା ପ୍ରତିଷ୍ଠିତ ଉତ୍କର୍ଷ କେନ୍ଦ୍ର ଅଥବା ନିଜସ୍ୱ ପ୍ଲାଂଟରେ ଦିଆଯିବ । ପ୍ରଶିକ୍ଷାର୍ଥୀମାନଙ୍କ ଦକ୍ଷତା ବୃଦ୍ଧି ସହିତ ସେମାନଙ୍କୁ ବିଶ୍ୱ ଦକ୍ଷତା ପ୍ରତିଯୋଗିତା ପାଇଁ ପ୍ରସ୍ତୁତ କରିବା ସକାଶେ ବିଭିନ୍ନ ଅତ୍ୟାଧୁନିକ ଅଣବିନାଶକ ଓ ବିନାଶକ ପରୀକ୍ଷଣ ଉପକରଣ ଉପଲବ୍ଧ ହେବ । ସଫଳ ପ୍ରଶିକ୍ଷାର୍ଥୀ ମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯିବ । ଚୁକ୍ତିନାମା ସ୍ୱାକ୍ଷର କାର୍ଯ୍ୟକ୍ରମରେ ନିର୍ଦ୍ଦେଶାଳୟର ଉପନିର୍ଦ୍ଦେଶକ ଅଜୟ ପଣ୍ଡା, ଉପନିର୍ଦ୍ଦେଶକ ସୁଯୋଗ୍ୟ ମିଶ୍ର, ମେସର କଟିଂ ସିଷ୍ଟମସ୍ ଇଣ୍ଡିଆ ପ୍ରା. ଲିଃର ମହାପ୍ରବନ୍ଧକ ପ୍ରଶାନ୍ତ ଚତୁର୍ବେଦୀ ଓ ବିକ୍ରୟ ପ୍ରବନ୍ଧକ ଶଙ୍ଖ ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

# ଫରେଷ୍ଟ ଏକାଡେମି ନିର୍ମାଣ ପାଇଁ କାମ୍ପା ପାଣ୍ଠିରୁ ୪୦.୩୨ କୋଟି ଟଙ୍କାର ଅନୁମୋଦନ

ଭୁବନେଶ୍ୱର,୧୭।୩ (ନି.ପ୍ର): ରାଜଧାନୀ ଭୁବନେଶ୍ୱର ସନ୍ନିକଟ ଖୋର୍ଦ୍ଧା ଜିଲ୍ଲାର ଖୋର୍ଦ୍ଧା ଜିଲ୍ଲାର ଖୋର୍ଦ୍ଧା ତହସିଲ ଅନ୍ତର୍ଗତ ଶ୍ୟାମସୁନ୍ଦରପୁର ମୌଜାରେ ରାଜ୍ୟ ଫରେଷ୍ଟ ଏକାଡେମି ନିର୍ମାଣ ପାଇଁ ରାଜ୍ୟ ସରକାରଙ୍କ ଜଙ୍ଗଲ ଓ ପରିବେଶ ବିଭାଗ ଏକାଡେମି ପ୍ରତିଷ୍ଠା ପାଇଁ କାମ୍ପା ପାଣ୍ଠିରୁ ୪୦.୩୨ କୋଟି ଟଙ୍କାର ପ୍ରଶାସନିକ ଅନୁମୋଦନ ପ୍ରଦାନ କରିଛନ୍ତି । ସଭ୍ୟ ଧ୍ରୁବ ଚରଣ ସାହୁଙ୍କ ପ୍ରଶ୍ନର ଉତରରେ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଶ୍ରୀ ବିକ୍ରମ କେଶରୀ ଆରୁଖ କହିଛନ୍ତି । ସେ କହିଛନ୍ତି ଯେ ରାଜ୍ୟ ସରକାର ନିଜସ୍ୱ ଯୋଜନାରୁ ଏକାଡେମିର ଅଧିକାରୀ/କର୍ମଚାରୀଙ୍କ ବାସଗୃହ ନିର୍ମାଣ ନିମନ୍ତେ ପ୍ରସ୍ତାବ ରଖିଛନ୍ତି । ଏହାର ନିର୍ମାଣ କାର୍ଯ୍ୟ ମେସର୍ସ ରାଇଟ୍ସ ଲିମିଟେଡ, ଭୁବନେଶ୍ୱର ସଂସ୍ଥା ସହ ଜୁନ୍ ମାସ ୨୦୧୯ ମସିହାରେ ଚୁକ୍ତି କରାଯାଇଛି ଏବଂ ନିର୍ମାଣ କାର୍ଯ୍ୟ ଚାଲୁ ଅଛି ବୋଲି ଶ୍ରୀ ଆରୁଖ କହିଛନ୍ତି ।

## ଭିସୁଟରେ ଅଫ୍ ଲାଇନ୍ କ୍ଲାସ୍ ଆରମ୍ଭ

ସମ୍ବଲପୁର,୧୭।୩ (ନି.ପ୍ର): ଆଜିଠୁ ବୁର୍ଲା ସ୍ଥିତ ଭିସୁଟରେ ଆରମ୍ଭ ହୋଇଛି ଅଫ୍ ଲାଇନ୍ କ୍ଲାସ୍ । ଭିସୁଟର ଅଣ୍ଡର ଗ୍ରାଜୁଏଟ୍ ଓ ପୋଷ୍ଟ ଗ୍ରାଜୁଏଟ୍ ଛାତ୍ରଛାତ୍ରୀ ଅଫ୍ ଲାଇନ୍ ମାଧ୍ୟମରେ କ୍ଲାସ୍ କରୁଛନ୍ତି । ବିଶ୍ୱବିଦ୍ୟାଳୟର ଦ୍ୱିତୀୟ ସେମିଷ୍ଟାରରୁ ୧୦ ସେମିଷ୍ଟାର ପର୍ଯ୍ୟନ୍ତ ସମସ୍ତେ ପ୍ରାକ୍ଟିକାଲ୍, ସେସନ୍ କ୍ଲାସ୍, ଥିଓରି କ୍ଲାସ୍, ଡ୍ରଇଁ କ୍ଲାସ୍ ଅଫ୍ ଲାଇନ୍ ମାଧ୍ୟମରେ ଦେବା ନିମନ୍ତେ ଭିସୁଟ୍ କୁଳପତି ପୂର୍ବରୁ ନିର୍ଦ୍ଦେଶ ଦେଇଥିଲେ ।

## ମହୁ - ରସୁଣର ଚମତ୍କାରିତା



ପୂର୍ବରୁ ଘରୋଇ ଉପାୟରେ ଅନେକ ସମସ୍ୟାର ସମାଧାନ ସମ୍ପର୍କରେ ଜାଣିସାରିଛନ୍ତି । କିନ୍ତୁ ମହୁ ଏବଂ ରସୁଣର ମିଶ୍ରଣରେ ପ୍ରସ୍ତୁତ ଉପାଦାନର ଚମତ୍କାରିତା ବିଷୟରେ ପୂର୍ବରୁ କେବେ ଶୁଣିନଥିବେ । ଶୁଣିଲେ ଅସହଜ ମନେହେଉଥିବ; କିନ୍ତୁ ଏହା ସମ୍ପୂର୍ଣ୍ଣ ସତ । ଏହାକୁ ସର୍ବଶ୍ରେଷ୍ଠ ଘରୋଇ ଉପଚାର ବୋଲି କୁହାଯାଉଛି । ମହୁ ଓ ରସୁଣର ମିଶ୍ରଣ ସମ୍ପର୍କରେ ଆଜିକାଲିର ଯୁବପିଢ଼ି ଆଦୌ ଶୁଣିନଥିବେ । ଜାଣନ୍ତି, ଏହି ମିଶ୍ରଣକୁ ଦୈନନ୍ଦିନ ସେବନ କଲେ ଶରୀର ସୁସ୍ଥସବଳ ରହିବା ସାଙ୍ଗକୁ ସଂକ୍ରମଣ ଭୟ ହ୍ରାସ ହୋଇଥାଏ । ରସୁଣରେ ଆଲିସିନ୍ ରହିଛି । ଯାହା କୋଲେଷ୍ଟ୍ରଲ ହ୍ରାସ କରିବାରେ ସହାୟ ହୁଏ । ରକ୍ତ ଜମାଟ ବାନ୍ଧିବାକୁ ବି ରକ୍ଷାକରେ । ଏଥିରେ କର୍କଟ ନିରୋଧୀ ଗୁଣ ମଧ ରହିଛି । ଭିଟାମିନ୍ ବି ୬, ଭିଟାମିନ୍ ସି, ସେଲେନିୟମ ଏବଂ ଫାଇବର ଆଦି ଥିବା ହେତୁ ଶରୀରର ରୋଗପ୍ରତିରୋଧକ କ୍ଷମତା ବୃଦ୍ଧି ହୋଇଥାଏ । ସେହିପରି ମହୁରେ ଆଣ୍ଟିଅକ୍ସିଡାଣ୍ଟ ଭରପୂର ଥାଏ । ଏହାସହ ଏଥିରେ ପଟାସିୟମ, କ୍ୟାଲସିୟମ, ଫସଫରସ୍, ମ୍ୟାଗ୍ନେସିୟମ ଏବଂ ମେଗ୍ନେସିୟମ ରହିଛି । ତା'ସାଙ୍ଗକୁ ଭିଟାମିନ, ଥିୟାମିନ୍ ଏବଂ ନିୟାସିନ୍ ବି ରହିଛି । ଏହା ହଜମ ଶକ୍ତି ବୃଦ୍ଧି କରିବାରେ ସାହାଯ୍ୟ କରିଥାଏ । ଦୈନନ୍ଦିନ ମହୁ ଓ ରସୁଣ ରସ ମିଶାଇ ପିଇଲେ ଅଶାତୀତ ଫଳ ପ୍ରାପ୍ତ ହୋଇଥାଏ ।

## ସମୁଦ୍ର ଭିତରେ ରେଷ୍ଟୁରାଣ୍ଟ

ଦକ୍ଷିଣ ନରୱେର ଲିଣ୍ଡେସ୍ନେସ ଠାରେ ଥିବା ଏକ ରେଷ୍ଟୁରାଣ୍ଟ ଏବେ ବଡ଼ ଚର୍ଚ୍ଚାରେ । ଏହାର ସ୍ୱତନ୍ତ୍ରତା ହେଉଛି ଏହି ରେଷ୍ଟୁରାଣ୍ଟଟି ସମୁଦ୍ରରେ ଅଧାବୁଡ଼ି ରହିଛି । ଅଣ୍ଡର ନାମକ ଏହି ରେଷ୍ଟୁରାଣ୍ଟଟି ବିଶ୍ୱର ପ୍ରଥମ ପାଣିରେ ବୁଡ଼ି ରହିଥିବା ରେଷ୍ଟୁରାଣ୍ଟ । ଏହି ରେଷ୍ଟୁରାଣ୍ଟରେ ଏକାଥରେ ୧୦୦ ଲୋକ ରହିପାରିବେ । ସାମୁଦ୍ରିକ ବୈଜ୍ଞାନିକମାନଙ୍କ ପରାମର୍ଶ ସହଯୋଗରେ ଏହି ନିଆରା ରେଷ୍ଟୁରାଣ୍ଟକୁ ତିଆରି କରାଯାଇଛି । ଏଥିରେ ଲେକେ ରେଷ୍ଟୁରାଣ୍ଟର ମଜା ନେବା ସହ ସାମୁଦ୍ରିକ ଜୀବଜଗତକୁ ମଧ ଅତି ନିକଟରୁ ଉପଭୋଗ କରିପାରିବେ । ରେଷ୍ଟୁରାଣ୍ଟରେ ମୋଟାକାଚ ଲଗାଯାଇଛି । ଯାହା ଫଳରେ ଅଗଭୀର ସମୁଦ୍ରର ବିଭିନ୍ନ ଦୃଶ୍ୟ ସୁନ୍ଦର ଭାବେ ଦେଖାଯାଇପାରୁଛି । ବର୍ତ୍ତମାନ ଲୋକଙ୍କ ଭିତରେ ପ୍ରକୃତିର ମଜା ନେବା ପାଇଁ ଆଗ୍ରହ ବଢୁଥିବାରୁ ଖାଲି ନରୱେ ନୁହେଁ ବରଂ ଅନ୍ୟ ଦେଶର ଲୋକମାନଙ୍କର ଆଗ୍ରହ ଏହି ରେଷ୍ଟୁରାଣ୍ଟ ଉପରେ ବଢ଼ିବାରେ ଲାଗିଛି ।



## ବିନା କାମରେ ମାସକୁ ବେତନ ୧.୬୨ଲକ୍ଷ

ଶୀର୍ଷକ ପଢ଼ି ଆଶ୍ଚର୍ଯ୍ୟ ହେଉଥିବେ । କାରଣ ବର୍ତ୍ତମାନ ସମୟରେ ଅଫିସରେ ସାମାନ୍ୟ ଭୁଲ ପାଇଁ ଦଣ୍ଡିତ ହେବାରୁ ପଡ଼ିଥାଏ । ହୋଇପାରେ ଦୀର୍ଘ ସମୟ ପର୍ଯ୍ୟନ୍ତ ଉପରିସ୍ଥ ଅଧିକାରୀଙ୍କ କ୍ରୋଧର ଶିକାର ହୋଇପାରନ୍ତି ନେଚେତ୍ ବେତନରୁ କିଛି ଅର୍ଥ କାଟିଦିଆଯାଏ । ଯଦି ଏସବୁ ଆପଣଙ୍କୁ ବି ସହିବାକୁ ପଡୁଛି ତେବେ ଖୁସି ହୋଇଯାନ୍ତୁ । କାରଣ ଏଭଳି ଏକ ଚାକିରି ରହିଛି, ଯେଉଁଠାରେ ଆପଣଙ୍କୁ 'କିଛି ନ କରିବାକୁ' ମାସକୁ ବେତନ ମିଳିବ ପ୍ରାୟ ୧.୬୨ ଲକ୍ଷ ଯଙ୍କା । ଏହାବ୍ୟତୀତ ଛୁଟି ଏବଂ ଚାକିରି ସହ ସମ୍ବନ୍ଧିତ ଅନ୍ୟ ସୁବିଧା ମଧ ପାଇପାରିବେ । ଅବିଶ୍ୱାସନୀୟ ଲାଗୁଥିଲେ ମଧ ଏହା ସତ । ପ୍ରକୃତରେ ସ୍ୱିଡେନର ଗୋଥନବର୍ଗ ସହରରେ ଗୋଟିଏ ଏକ୍ସପାରିମେଣ୍ଟାଲ ଆର୍ଟ ପ୍ରୋଜେକ୍ଟ ଆରମ୍ଭ ହୋଇଛି ।

## ଘରକୁ ନେଇ ଅନ୍ଧବିଶ୍ୱାସ

କୁହାଯାଇଉଛି ଯେ, ଏକବିଂଶ ଶତାବ୍ଦୀରେ ଅନ୍ଧବିଶ୍ୱାସର ଆଉ ସ୍ଥାନ ନାହିଁ । ଲୋକମାନେ ଆଧୁନିକତା ଆଡ଼କୁ ମୁହାଁଇଲେଣି । କିନ୍ତୁ ଏପରି କିଛି ସ୍ଥାନ ଅଛି ଯେଉଁଠାରେ ଅନ୍ଧବିଶ୍ୱାସ ବସାବାନ୍ଧି ରହିଛି । ସେହି ଅନ୍ଧବିଶ୍ୱାସର ବଶବର୍ତ୍ତୀ ହୋଇଛନ୍ତି ରାଜସ୍ଥାନର ଆଜମେର ଜିଲ୍ଲାସ୍ଥିତ ଦେବମାଳୀ ଗାଁର ଲୋକମାନେ । ଏହି ଗାଁରେ ଗୋଟିଏ ବି ପକ୍କାଘର ଦେଖିବାକୁ ମିଳେ ନାହିଁ । ଏଠାକାର ଲୋକମାନେ ଝାଟିମାଟି ଘରେ ବସବାସ କରନ୍ତି । ଆପଣ ଭାବୁଥିବେ ଏହି ଗାଁର ଲୋକମାନେ ଦଳିତ, ନିଷ୍ପେଷିତ ଓ ଦୁର୍ବଳ ଶ୍ରେଣୀର । କିନ୍ତୁ ଏଠାର ଲୋକମାନଙ୍କ ମନରେ ଅନ୍ଧିବିଶ୍ୱାସ ରହିଛି ଯେ, ଯେଉଁ ବ୍ୟକ୍ତି ପକ୍କା ଘର ବନାଇବ ବିପତ୍ତି ସେମାନଙ୍କ ପିଛା ଛାଡ଼ିବ ନାହିଁ । ଅନ୍ୟପଟେ ଆଉ ଏକ ଧାରଣା ରହିଛି ଯଦି ବିବାହ ସମବୟରେ ବର ଘୋଡ଼ାରେ ବସି ଆସେ ତେବେ ବିହ ପରେ ଉଭୟ ପରିବାର ଓ ଦମ୍ପତିଙ୍କୁ ଅନେକ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିବ ।

## ୭ହଜାର ସୂକ୍ଷ୍ମ ସମୁଦ୍ର ପ୍ରଜାତି

ହଂକଂ ୟୁନିଭର୍ସିଟି ଅଫ୍ ସାଇନ୍ସ ଆଣ୍ଡ ଟେକ୍ନୋଲୋଜିର ଗବେଷଜଗ୍ରଞ୍ଜମାନେ ପ୍ରଶାନ୍ତ ମହାସାଗର, ଆଟଲାଣ୍ଟିକ୍ ଓ ଭାରତ ମହାସାଗର, ଆଟଲାଣ୍ଟିକ୍ ଓ ଭାରତ ମହାସାଗରରୁ ୭ହଜାର ନୂଆ ସୂକ୍ଷ୍ମ ପ୍ରଜାତି ଏବଂ ୧୦ ନୂଆ ବ୍ୟାକ୍ଟେରିଆଲ ଫିଲିଆ ଆବିଷ୍କାର କରିଛନ୍ତି । ସମୁଦ୍ର ଜଗତରେ ସମୁଦାୟ ୩୫ହଜାର ସୂକ୍ଷ୍ମ ପ୍ରଜାତି ଓ ୮୦ ବ୍ୟାକ୍ଟେରିଆଲ ଫିଲିଆ ରହିଥିବା ଧାରଣାକୁ ସଦ୍ୟ ଆବିଷ୍କାର ମାଧମରେ ଗବେଷକମାନେ ଭୁଲ ପ୍ରମାଣିତ କରିଛନ୍ତି । ବିଶ୍ୱ ସମୁଦ୍ରର ଜୈବବିଧତା ବିଷୟରେ ଉକ୍ତ ଆବିଷ୍କାର ଅଧିକ ତଥ୍ୟ ଦେବ ବୋଲି ସେମାନେ କହିଛନ୍ତି । ଆବିଷ୍କୃତ ନୂଆ ପ୍ରଜାତି ମଧରେ ଏସିଡୋବ୍ୟାକ୍ଟେରିଆ ସାମିଲ । କ୍ରିସ୍ପର ଜିନ୍ ସମ୍ପାଦିତ ପ୍ରଣାଳିବିଶିଷ୍ଟ ଏହା ଏକ ପ୍ରାକୃତିକ ଔଷଧୀୟ ଫାଇଲମ୍ । ନୂଆ ଔଷଧ ବିକାଶରେ ଏହା ଆଶା ସଂଚାର କରିପାରିବ ।

## ସ୍ମାର୍ଟ ବେଡ୍




କାନାଡ଼ାରେ ଏକ ଏପରି ସ୍ମାର୍ଟ ବେଡ୍ ପ୍ରସ୍ତୁତ କରାଯାଇଛି, ଯେଉଁଥିରେ ଆପଣଙ୍କୁ ବେଡ୍ ସେଟ୍ କରିବା ଆବଶ୍ୟକ ପଡ଼ିବନାହିଁ । କାହିଁକି ନା ଏହି ବେଡ୍ ସ୍ୱତଃପ୍ରବୃତ ଭାବେ ସଜାଡ଼ି ହୋଇଯାଇଥାଏ । ପ୍ରକୃତ କଥା ହେଉଛି ବେଡ୍ ମଧରେ ଏକ ଟ୍ୟୁବ୍ ରହିଛି ଯାହାକୁ ପମ୍ପ ସହିତ ଯୋଡ଼ାଯାଇଛି । ଏହି ଟ୍ୟୁବରେ ପବନ ଭର୍ତ୍ତି କଲେ ବେଡ୍ ଆପେ ଆପେ ସଜାଡ଼ି ହୋଇଯାଏ । ଏହାକୁ ନିୟନ୍ତ୍ରଣ କରିବା ପାଇଁ ଏକ ଆପ୍ ମଧ ରହିଛି ।

## ଭିଟିଲିଗୋ କଣ୍ଢେଇ

ଆଜିକାଲି ଶାରୀରିକ ଉପସ୍ଥିତି ଉପରେ ସମସ୍ତେ ଧାନ ଦେଉଛନ୍ତି । ଦାଗରହିତ ତ୍ୱଚାକୁ ଲୋକେ ପସନ୍ଦ କରୁଥିବାବେଳେ ତ୍ୱଚା ରୋଗରେ ପୀଡ଼ିତ ବ୍ୟକ୍ତି ନିଜ ଦକ୍ଷତା ଓ ସାମର୍ଥ୍ୟ ଜାହିର କରିବାରେ ପଛେଇ ଯାଉଛନ୍ତି । ଏଭଳି ତ୍ୱଚା ରୋଗ ମଧରେ ଭିଟିଲିଗୋ ଅନ୍ୟତମ । ଏହା ସାଧାରଣତଃ ଧଳା ଛଉ ଭାବେ ପରିଚିତ । ଏହି ରୋଗରେ ତ୍ୱଚାରେ ତାଳି ପଡ଼ିବା ଭଳି ଧଳା ଚିହ୍ନ ସୃଷ୍ଟିହୁଏ । କେବଳ ବୟସ୍କ କାହିଁକି, ଛୋଟ ପିଲା ବି ଏହାର ଶିକାର ହୋଇଥାନ୍ତି । ଫଳରେ ବାହ୍ୟ ଦୁନିଆ ସହ ତାଳ ଦେଇ ଚାଲିବାରେ ସଙ୍କୋଚ କରନ୍ତି । ଆତ୍ମବିଶ୍ୱାସ ହରାଇ ଦିଅନ୍ତି । ଏ କ୍ଷେତ୍ରରେ ପିଲାଙ୍କ ଆତ୍ମବିଶ୍ୱାସ ବଢ଼ାଇବା ଉଦ୍ଦେଶ୍ୟରେ ପୀଡ଼ିତଙ୍କ ପାଇଁ କଳାକାର କେ ବ୍ଲାକ ଭିଟିଲିଗୋ କଣ୍ଢେଇ ପ୍ରସ୍ତୁତ କରିଛନ୍ତି । ଭିଟିଲିଗୋ ପୀଡ଼ିତଙ୍କ ଭଳି ଦିଶିବା ଲାଗି କେ କଣ୍ଢେଇକୁ ରଙ୍ଗ ଲେପ ଦେଇଛନ୍ତି । ପିଗମେଣ୍ଟ ଉତ୍ପନ୍ନକାରୀ କୋଷିକା ମୃତ ବା କାର୍ଯ୍ୟକଳାପ ବନ୍ଦ କରିବା ପରେ ଭିଟିଲିଗୋ ରୋଗ ଦେଖାଯାଏ, ଯାହାଦ୍ୱାରା ତ୍ୱଚାରେ ଧଳା ବା ହାଲକା ରଙ୍ଗର ତାଳି ପଡ଼ିଯାଏ । ଫଳରେ ବ୍ୟକ୍ତି ନିଜର ପ୍ରାକୃତିକ ତ୍ୱଚା ରଙ୍ଗ ହରାଇଦିଏ । ଭିଟିଲିଗୋ ପୀଡ଼ିତ କାନାଡାର ମଡେଲ ୱିନି ହାରଲୋଙ୍କ ଦ୍ୱାରା କେ ପ୍ରେରିତ ହୋଇଥିଲେ । ୨୦୧୪ରେ ହାରଲୋ ଆମେରିକାର ଶୀର୍ଷ ମଡେଲଙ୍କ ମଧରେ ସ୍ୱଟଲାଇଟକୁ ଆସିଥିଲେ । ଭିଟିଲିଗୋ ପୀଡ଼ିତା ହୋଇ ମଧ ନିଜ ସ୍ୱପ୍ନ ପୂରଣ ରାସ୍ତାରେ ଏହି ରୋଗକୁ ସେ ବାଧକ ହେବାକୁ ଦେଇନଥିଲେ । କେ ଜଣେ ନଖ ଓ କେଶ କଳାକାର । କିନ୍ତୁ ଲୋକଙ୍କଠାରୁ ସେ ପ୍ରେରଣା ସାଉଁଟିଥାନ୍ତି । ସୃଜନଶୀଳତା ଓ ନୂଆ କରିବାର ଇଚ୍ଛା ଭିଟିଲିଗୋ କଣ୍ଢେଇ ପ୍ରସ୍ତୁତି ପାଇଁ ତାଙ୍କୁ ପ୍ରେରିତ କରିଥିଲା । ଏହି ପ୍ରୟାସ ପାଇଁ ସୋସିଆଲ ମିଡିଆରେ ସେ




## ଆନିମିଆ

ଶରୀରରେ ପ୍ରବାହିତ ରକ୍ତ ଅନେକ ଉପାଦାନରେ ଗଢ଼ା । ରକ୍ତରେ ଲୋହିତ ରକ୍ତ କଣିକାର ପରିମାଣ କମିଗଲେ କୁହାଯାଏ ଯେ ରୋଗୀକୁ ଆନିମିଆ ହୋଇଛି । ଆନିମିଆ ରୋଗୀଙ୍କ ଶରୀରରେ ରକ୍ତର ପରିମାଣ ଆବଶ୍ୟକତା ଅନୁସାରେ କମ ଥାଏ । ତେବେ ଏ ରୋଗ ସାଧାରଣଭାବେ ମହିଳା ବା ଯୁବତୀମାନଙ୍କଠାରେ ଦେଖାଯାଏ । ମହିଳାମାନେ ଗର୍ଭବତୀ ଥିବାବେଳେ ଓ ଝିଅମାନଙ୍କର ଋତୁସ୍ରାବ ସମୟରେ ଆନିମିଆ ହେବାର ଆଶଙ୍କା ଥାଏ । ତେବେ ଚାଲନ୍ତୁ ଜାଣିବା ଡାକ୍ତରଙ୍କ








କଥା ମାନିବା ସହ ଆମେ ଘରେ କିପରି ଏ ରୋଗର ନିକରାକରଣ କରିପାରିବା ! ଖାଦ୍ୟରେ ଆଇରନର ମାତ୍ରା କମିଯିବା ଫଳରେ ରକ୍ତରେ ଆରବିସିର ପରିମାଣ ମଧ କମିଯାଏ ଯାହା ଫଳରେ ଆନିମିଆ ହେବାର ଆଶଙ୍କା ଦେଖାଯାଏ । ଗ୍ରୀନ୍ ଭେଜିଟେବୁଲରେ ଆଇରନର ପରିମାଣ ଅଧିକଥାଏ ତେବେ ଯେଉଁ ମହିଳାମାନଙ୍କ ଆନିମିଆ ହେବାର ଆଶଙ୍କା ରହିଛି ସେମାନେ ପ୍ରଚୁର ପରିମାଣର ପନିପାରିବା ସେବନ କରିବା ଆବଶ୍ୟକ । କେବଳ ପରିବା ନୁହେଁ କ୍ଷୀର ଓ ଫଳରେ ମଧ ଆଇରନର ପରିମାଣ ଅଧିକ ରହିଥାଏ ଯାହା ଆପଣଙ୍କ ଶରୀରରେ ଲୋହିତ ରକ୍ତ କୋଷିକାର ପରିମାଣକୁ ବଢ଼ାଇବାରେ ସାହାଯ୍ୟ କରେ । ଯେଉଁ ମହିଳାମାନଙ୍କର ଋତୁସ୍ରାବ ସମୟରେ ଅଧିକ ରକ୍ତ ସ୍ରାବ ହୁଏ ତେବେ, ସେମାନଙ୍କ କ୍ଷେତ୍ରରେ ଆନିମିଆ ଦେଖାଯିବା ସାଧାରଣ । ତେବେ ଶରୀରରେ ଆଇରନର ମାତ୍ରା କମିଲେ ରୋଗୀର ବ୍ୟବହାରରେ ମଧ ପରିବର୍ତ୍ତନ ପରିଲକ୍ଷିତ ହୁଏ ଯେମିତି ସ୍ମରଣଶକ୍ତିରେ ପରିବର୍ତ୍ତନ ସାଙ୍ଗକୁ ଶାରୀରିକ ବୃଦ୍ଧିରେ ଅନେକ ଅନିୟମିତତା ଦେଖାଯାଏ ।

## ୮ବର୍ଷର ଝିଅ ପେଟରୁ ବାହାରିଲା ଦେଢ଼ କିଲୋର ଚୁଟି

ବାପା-ମାଆ ସବୁବେଳେ ନିଜ ପିଲାଙ୍କ ଉପରେ ନଜର ରଖିଥାନ୍ତି । ହେଲେ ଅନେକ ସମୟରେ ପିଲାମାନଙ୍କର ଛୋଟ ଛୋଟ ଭୁଲ ପରିବାକୁ ହିଁ ଭୋଗିବାକୁ ପଡ଼ିଥାଏ । ଏପରି ଏକ ଘଟଣା ଚୀବନରେ ଦେଖିବାକୁ ମିଳିଛି । ଚୀନର ଏକ ୮ବର୍ଷୀୟ ଝିଅର ପେଟରେ ଭୟଙ୍କର ଯନ୍ତ୍ରଣା ହେଉଥିଲା । ନିୟମିତ ବାନ୍ତି ମଧ ହେଉଥିଲା । ଯେତେବେଳେ ମେଡିକାଲ ରିପୋର୍ଯ ଆସିଲା ସେତେବଳେ ସମସ୍ତେ ଚକିତ ହୋଇପଡ଼ିଥିଲେ । କାରଣ ପେଟ ଭିତରେ ଥିଲା ଚୁଟିର ଏକ ଗୋଲାକାର ବଳ । ଅପରେସନ ପରେ ଏହାକୁ କଢ଼ାଯିବାରୁ ଜଣାପଡ଼ିଥିଲା ଯେ, ଏହି ଚୁଟି ଗୋଛାର ଓଜନ ଦେଢ଼ କିଲୋଗ୍ରମ ।

## ରୋବର୍ଟ ଚୌକିଦାର

ଭାରତରେ ବର୍ତ୍ତମାନ ଚୌକିଦାର ଅଭିଯାନକୁ ନେଇ ଲାଗିଛି ଜୋରଦାର ଚର୍ଚ୍ଚା । ଆଉ ଏହି ଅବସରରେ ଚୀନରେ ରୋବଟ ମାଧମରେ ଘରର ସୁରକ୍ଷାକୁ ନେଇ ଆରମ୍ଭ ହୋଇଛି ବଡ଼ ଅଭିଯାନ । ଚୀନର ବୈଜ୍ଞାନିକମାନେ ଏକ ନିଆରା ରୋବର୍ଟ ତିଆରି କରିବାରେ ସକ୍ଷମ ହୋଇଛନ୍ତି କିଛିଦିନ ତଳେ ଜଣେ ବ୍ୟକ୍ତିଙ୍କ ଘର ଆଗରେ ଏହି ରୋବର୍ଟ ଚୌକିଦାରକୁ ନିଯୁକ୍ତି ଦିଆଯାଇଥିବା ବିଷୟ ଚର୍ଚ୍ଚାକୁ ଆସିଥିଲା । ଏହି ରୋବର୍ଟ ଚୌକିଦାର ଦିନରାତି ୨୪ଘଣ୍ଟା ଘରର ସୁରକ୍ଷା କାର୍ଯ୍ୟରେ ନିୟୋଜିତ ରହୁଛି । ଘରକୁ ଆସୁଥିବା ଲୋକଙ୍କ ଫଟୋ ସହ ଏହି ରୋବର୍ଟ ଲୋକଙ୍କ ସହ କଥା ମଧ ହୋଇଛି । ରିପୋର୍ଟ ଅନୁସାରେ ବେଜିଂ ଏରୋସ୍ପେସ୍ ଅଟୋମେଟିକ୍ କଣ୍ଟ୍ରୋଲ ଇନଷ୍ଟିଚ୍ୟୁଟର ନିର୍ଦ୍ଦେଶକ ଗାଙ୍ଗଜୁନ୍ ନିକଟରେ ଏହି ରୋବର୍ଟ ଚୌକିଦାର ସମ୍ପର୍କରେ ସୂଚନା ଦେଇଥିଲେ । ସେ କହିଥିଲେ ଯେ, ଚାଇନା ଏକାଡେମୀ ଅଫ୍ ଲଞ୍ଚ ଭେଇକିଲ ଟେକ୍ନୋଲୋଜି ସହଯୋଗରେ ଏହି ରୋବର୍ଟ ବନାଯାଇଛି । ଏହି ରୋବର୍ଟ ଖାଲି ଯେ, ଭିନ୍ନ ତ୍ରୁଟିବିଚ୍ୟୁତି ଓ ଅସୁବିଧାକୁ ନଜର ରଖିଥାଏ ତାହା ନୁହେଁ ବରଂ ଏହା ଲୋକଙ୍କ ଠାରୁ ବିଭିନ୍ନ ତଥ୍ୟ ମଧ ସଂଗ୍ରହ କରିବାରେ ସଫଳ ଅଟେ । ଏହି ରୋବର୍ଟର ନାମ ଦିଆଯାଇଛି 'ରୋବର୍ଟ ମିବାଓ' । ଏହି ରୋବର୍ଟକୁ ଯଦି କୌଣସି ବିଷୟ ସନ୍ଦିଗ୍ଧ ଲାଗେ ତେବେ ତୁରନ୍ତ ଆଲାରାମ ବାଜିଥାଏ । ଇଣ୍ଟେଲିଜେଣ୍ଟ ହୋମ



ନାମକ ଏକ ପ୍ରୋଜେକ୍ଟ ଅର୍ନ୍ତଗତ ଏହି ରୋବର୍ଟକୁ ବନାଯାଇଛି ।

## ଅନଲାଇନ୍ ଟ୍ୟୁସନ୍

ଯଦି ଆପଣଙ୍କର କୌଣସି ବିଷୟ ଉପରେ ଭଲ ଜ୍ଞାନ ଅଛି, ତା' ହେଲେ ଆପଣ ଅନଲାଇନ ଟ୍ୟୁସନ୍ ଦେଇ କିଛି ଅର୍ଥ ରୋଜଗାର କରିପାରିବେ । ଆପଣ ଘରେ ବସି ଦୁନିଆରେ ଯେକୌଣସି ଛାତ୍ରଛାତ୍ରୀଙ୍କୁ ପାଠ ପଢ଼ାଇପାରିବେ । ଅନଲାଇନ ଟ୍ୟୁଟୋରିଂ ନଲେଜ୍ ପ୍ରୋସେସ୍ ଆଉଟ୍ ସୋର୍ସିଂ ମାଧମରେ ଦୂରରେ ଥିବା ଶିକ୍ଷକ ଓ ଛାତ୍ରଛାତ୍ରୀଙ୍କ ମଧରେ ଯୋଗାଯୋଗ ଠିକ୍ ହୋଇପାରିବ । ଏଥିରେ ପିଲାମାନେ ଶିକ୍ଷକଙ୍କ ସହିତ ସମ୍ପର୍କ କରିପାରିବେ ଓ ସହଜରେ ପାଠ ପଢ଼ିପାରିବେ । ଲାଇଭ-ଇ- ଟ୍ୟୁଟରିଂ ଭଳି ଏକ ଭର୍ଚୁଆଲ କ୍ଲାସରୁମ ଥାଏ, ଯେଉଁଠାରେ ଭର୍ଚୁଆଲ ଟୁଲ, ହ୍ୱାଇଟ୍ ବୋର୍ଡ ଓ ଚାଟିଂରେ ସୁବିଧା ହୋଇଥାଏ । ତା'ସହିତ ଅନଲାଇନ୍ ରାଇଟିଂ ଲ୍ୟାବ ସାହାଯ୍ୟରେ ପିଲାମାନେ ତାଙ୍କ ଅସୁବିଧାକୁ ଲେଖି ଟ୍ୟୁଟର ପାଖକୁ ପଠାଇପାରିବେ । ମେସେଜ ପାଇବା ମାତ୍ରେ ହିଁ ଟ୍ୟୁଟରକୁ ଉତ୍ତର ଦେବାକୁ ହେବ । କ୍ରିଏଟିଭ ପିଲାଙ୍କ ପାଇଁ ଅନଲାଇନ ଟ୍ୟୁସନ ଏକ ବେଷ୍ଟ ଅପସନ । ଯଦି କିଛି ଟିଚିଂ ଏକ୍ସପିରିଏନ୍ସ ରହିଛି ତା'ହେଲେ ତ ବହୁତ ଭଲ ।



ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର ୪
୧୮ ମାର୍ଚ୍ଚ ୨୦୨୧, ଗୁରୁବାର

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ । ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ । ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ ।

# ଗୁରୁତ୍ୱପୂର୍ଣ୍ଣ ଘୋଷଣା...

ଚତୁଃରାଷ୍ଟ୍ର ସଂଗଠନର ସଦ୍ୟ ସମାପ୍ତ ଶିଖର ସମ୍ମିଳନୀରେ ନିରାପତ୍ତା ଓ ସମୃଦ୍ଧିର ବୃହତ୍ତର ସ୍ୱାର୍ଥରେ 'ମୁକ୍ତ ତଥା ଆଇନଭିତ୍ତିକ ବ୍ୟବସ୍ଥା ପ୍ରତି ଅଙ୍ଗୀକାରବଦ୍ଧ ରହିବା ସକାଶେ ଗୁରୁତ୍ୱପୂର୍ଣ୍ଣ ଘୋଷଣା କରାଯାଇଛି । ଯୁକ୍ତରାଷ୍ଟ୍ର ଆମେରିକା, ଜାପାନ, ଅଷ୍ଟ୍ରେଲିଆ ଓ ଭାରତ ଏହି ଚତୁଃରାଷ୍ଟ୍ରୀୟ ସଂଗଠନର ସଦସ୍ୟ । ଆନ୍ତର୍ଜାତିକ ଆଇନ୍ ଅନୁଯାୟୀ ନିରାପତ୍ତା ଓ ସମୃଦ୍ଧି ପାଇଁ ପ୍ରତିବଦ୍ଧତା ଘୋଷଣା ପରିପ୍ରେକ୍ଷୀରେ ଉଭୟ ଭାରତ-ପ୍ରଶାନ୍ତ ସାଗର ଓ ଅନ୍ୟ କ୍ଷେତ୍ରକୁ ରହିଥିବା ବିପତ୍ତିର ମୁକାବିଲା ଲାଗି ସଂକଳ୍ପ ଘୋଷଣା କରାଯାଇଛି । ବିଶେଷକରି ଦକ୍ଷିଣ ଚୀନ ସାଗରରେ ଚୀନର ଆକ୍ରମଣାତ୍ମକ ଓ ଔଦ୍ଧତ୍ୟପୂର୍ଣ୍ଣ ଆଚରଣ ପାଇଁ ଚାରି ଦେଶର ନେତୃତ୍ୱ ଉଦବେଗ ପ୍ରକାଶ କରି ଜଣାଇ ଦେଇଛନ୍ତି କି, ବିସ୍ତାରବାଦୀ ନୀତିକୁ ବେଶୀ କାଳ ବରଦାସ୍ତ କରାଯାଇପାରିବ ନାହିଁ । ଦକ୍ଷିଣ ଚୀନ ସାଗରରେ କଥିତ ବିସ୍ତାରବାଦୀ ନୀତି ଭାରତ-ପ୍ରଶାନ୍ତ ସାଗର କ୍ଷେତ୍ରରେ ଅସ୍ଥିରତାକୁ ଚରମ ବିନ୍ଦୁରେ ପହଞ୍ଚାଇ ଦେଲାଣି ବୋଲି କ୍ୱାର୍ଡ଼ ନେତାମାନେ ଉପଲବ୍ଧି କରିବା ସହ ତାହା ବିରୋଧରେ ଚରମବାଣୀ ଶୁଣାଇ ଦେଇଛନ୍ତି । ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଏହି ଚେତାବନୀ ଶୁଣାଇ ଦିଆଯିବା ପରେ ଚୀନ ପକ୍ଷରୁ ତାହାର କଟୁ ପ୍ରତିକ୍ରିୟା ପ୍ରକାଶ ପାଇଛି । ଯେହେତୁ ଭାରତ ସହ ଚୀନର ସମ୍ପର୍କ କିଛିକାଳ ହେଲା ତିକ୍ତ ହୋଇସାରିଛି, ଚୀନ ଭାରତ ବିରୋଧରେ ବିଷୋଦ୍‌ଗାର କରିଛି । ଚୀନ ଓଲଟି ବାଣିଜ୍ୟିକ ସଂଗଠନ ବ୍ରିକ୍ସ (ବ୍ରାଜିଲ, ରୁଷିଆ, ଭାରତ, ଚୀନ ଓ ଦ.ଆଫ୍ରିକା) ପାଇଁ ଭାରତ ରିଷ୍ଟବିନ୍ଦୁ ହୋଇଛି ବୋଲି ଆକ୍ଷେପ କରିବାକୁ ଛାଡ଼ିନାହିଁ । ଚୀନର ମୁଖପତ୍ର ଦି ଗ୍ଲୋବାଲ୍ ଟାଇମ୍ସ ଭାରତର ଭୂମିକାକୁ ନେତିବାଦୀ ବୋଲି ବର୍ଣ୍ଣନା କରିଛି । ସେହିଭଳି ସାଂଘାଇ କୋଅପରେସନ୍ ଅର୍ଗାନାଇଜେସନ (ଏସ୍‌ସିଓ) ନୀତିର ଭାରତ ବିରୋଧାଚରଣ କରୁଛି ବୋଲି କହିଛି ଚୀନ । କ୍ୱାର୍ଡ଼ ନେତାମାନେ ଭର୍ଚୁଆଲ ସମ୍ମିଳନୀରେ ବିଚାରବିମର୍ଶ କରିବା ଅବସରରେ ବର୍ଷ ଶେଷକୁ ଶିଖର ସମ୍ମିଳନୀରେ ସମ୍ମିଳିତ ହେବାକୁ ରାଜି ହୋଇଛନ୍ତି । ନେତୃବୃନ୍ଦ ଭାରତ-ପ୍ରଶାନ୍ତସାଗର କ୍ଷେତ୍ରରେ କିଭଳି ସହଯୋଗିତାକୁ ଅଧିକ ବ୍ୟାପକ ଓ ଦୃଢ଼ କରିହେବ ସେଥିନେଇ ଅଧିକ ଆଲୋଚନା କରିବା ଅବସରରେ ଚୀନ କିଭଳି କ୍ଷେତ୍ରୀୟ ଶାନ୍ତିକୁ ବିଘ୍ନିତ କରୁଛି, ତାହା ଉପରେ ଆଲୋକପତା କରିଥିଲେ । କ୍ୱାର୍ଡ଼ ରାଷ୍ଟ୍ରସମୂହ ପୃଥକ୍ ତିନୋଟି କାର୍ଯ୍ୟକାରୀ ଗୋଷ୍ଠୀ ଗଠନ କରି ତାହା ଉପରେ ଅଧିକ ଧ୍ୟାନ ଦିଆଯିବା ନେଇ ଜୋର୍ ଦେଇଛନ୍ତି । ଟିକାକରଣ, ଜଳବାୟୁ ପରିବର୍ତ୍ତନ ସମେତ କ୍ଷେତ୍ର ଉପରେ ଅଧିକ ଗବେଷଣା ଓ ସେଥିରୁ ଉପଲବ୍ଧ ବୈଷୟିକ ଜ୍ଞାନର ପ୍ରୟୋଗ ନେଇ ନେତୃବୃନ୍ଦ ଅଧିକ ଗୁରୁତ୍ୱ ରଖିଛନ୍ତି । ଶାନ୍ତି, ସ୍ଥିରତା, ସମୃଦ୍ଧି ଭଳି କ୍ଷେତ୍ରପାଇଁ କାର୍ଯ୍ୟ କରାଯିବା ଭିତରେ ବିଶେଷକରି କୋଭିଡ-୧୯ ପୃଷ୍ଠଭୂମିରେ କେତେ କ'ଣ କରାଯାଇପାରିବ, ତାହା ଉପରେ କ୍ୱାଡ୍ ନେତୃତ୍ୱ ବିଶ୍ୱ ସମୁଦାୟର ଦୃଷ୍ଟି ଆକର୍ଷଣ କରିଛନ୍ତି । ଏକବିଂଶ ଶତାବ୍ଦୀରେ ବିଶ୍ୱସମୁଦାୟର ଭବିଷ୍ୟତକୁ ଅଧିକ ଶୃଙ୍ଖଳିତ ତଥା ବ୍ୟବସ୍ଥିତ କରାଯିବା ସମୟର ଆବଶ୍ୟକତା । ଏହି ଉପଲବ୍ଧି ପାଇଁ ଚତୁଃରାଷ୍ଟ୍ରୀୟ ସମ୍ମିଳନୀ ଗୁରୁତ୍ୱାରୋପ କରିବା ସହ ଜଣାଇବାକୁ ଚାହିଁଛନ୍ତି ଯେ, କରୋନା ସଂକ୍ରମଣଜନିତ ଅସ୍ୱାଭାବିକ ସ୍ଥିତି ପୂରା ଲୋପ ପାଇନଥିବା ଭିତରେ ତଦ୍‌ଜନିତ ସଙ୍କଟର ପୁନରାବୃତ୍ତିର ଭୟ, ମୁଣ୍ଡ ଟେକିବାର ଭୟ ଏବେ ବି ରହିଛି । ତାହାରି ଭିତରେ ଆସିଆନ୍ ଓ ବ୍ରିକ୍ସ ଏବଂ କ୍ୱାଡ୍ ଭଳି ସଂଗଠନ କିଭଳି ବିଷାଦମୁକ୍ତ ଏବଂ ବ୍ୟବସ୍ଥିତ ଶୃଙ୍ଖଳାର ବିକାଶ ପାଇଁ କାର୍ଯ୍ୟ କରିପାରିବେ ତାହା ଉପରେ ଗୁରୁତ୍ୱ ଆରୋପ କରିଛନ୍ତି । ଅର୍ଥନୀତିରେ ଯେଉଁ ବିକୃତି ଗତବର୍ଷକ ଭିତରେ ପରିଦୃଷ୍ଟ ହୋଇଛି, ତାହା ନେଇ ନେତାମାନେ ଭର୍ଚୁଆଲ ସମ୍ମିଳନୀରେ ଉଦ୍‌ବେଗ ପ୍ରକାଶ କରିଛନ୍ତି । କ୍ଷେତ୍ରୀୟ ବୈଷମ୍ୟର ଦୂରୀକରଣ ଉଦ୍‌ବେଗ ପ୍ରକାଶ କରିଛନ୍ତି । କ୍ଷେତ୍ରୀୟ ବୈଷମ୍ୟର ଦୂରୀକରଣ ସକାଶେ ସମୟାନ୍ତରରେ ଅଧିକ ବିଚାର ବିନିମୟ ପାଇଁ ନେତାମାନେ ସହମତି ପ୍ରକାଶ କରିବା ସହ ଚାହିଁଛନ୍ତି ଯେ, ଏଥିପାଇଁ ବିଭିନ୍ନ ସଂଗଠନ ସକ୍ରିୟ ଭୂମିକା ସମ୍ପାଦନ କରିବା ଆବଶ୍ୟକ । ଭାରତ-ପ୍ରଶାନ୍ତ କ୍ଷେତ୍ରୀୟ ଭଳି ଅନ୍ୟ ଉତ୍ତେଜନାର ତପ୍ତଶଯ୍ୟା ରୂପେ ଚିହ୍ନିତ ଅଂଚଳରେ ଶାନ୍ତି ଓ ସ୍ୱାଭାବିକ ସ୍ଥିତି ବଜାୟ ରଖାଯିବା ଉପରେ କ୍ୱାର୍ଡ଼ ନେତୃତ୍ୱ ପ୍ରାଥମିକତା ଆରୋପ କରିବା ପରିପ୍ରେକ୍ଷୀରେ ଅଧିକ କିଛି ଆଶା କରାଯାଇପାରେ । ନେତୃବୃନ୍ଦଙ୍କ ସଙ୍କଳ୍ପ ଓ ସନ୍ଦେଶ ବିଶ୍ୱ ସମୁଦାୟ ପାଇଁ କିଭଳି କଲ୍ୟାଣପ୍ରଦ ହୋଇପାରିବ ତାହା ସମୟ କହିବ ।

# ହୀରାଖଣ୍ଡର ହୀରା ବୀରସୁରେନ୍ଦ୍ର ସାଏ



ଅକ୍ଷୟ କୁମାର ରାଉତ

ଇତିହାସ ପୃଷ୍ଠାରେ ଆମ ଦେଶ ଜାତି ପାଇଁ ସଂଗ୍ରାମ କରିଥିବା ବହୁ ବୀର ପୁରୁଷଙ୍କ ବୀରତ୍ୱର ଗାରିମା ଦେଖିବାକୁ ପାଉ । ଭାରତମାତାର ବୀର ସଂଗ୍ରାମୀମାନଙ୍କ ଦେଶପ୍ରେମ, ବୀରତ୍ୱଯୋଗୁଁ ଗର୍ବିତ ଓ ଗୌରବାନ୍ୱିତ । ପୃଥ୍ୱୀରାଜ,ମିବାରର ରାଣା ପ୍ରତାପ, ମରହଟ୍ଟା ବୀର ଛତ୍ରପତି ଶିବାଜୀ,ବକ୍‌ସି ଜଗବନ୍ଧୁଙ୍କ ସଂଗ୍ରାମର ଯେଉଁ ଦେଶପ୍ରେମ ଧାରାରେ ପ୍ଲାବିତ, ବୀରତ୍ୱ ଯେଉଁ ଜାତିର ସ୍ୱାଭିମାନର ପ୍ରତୀକ । ସେହି ଜାତିର ପ୍ରଥମ ଜନଜାଗରଣ ସିପାହୀ ବିଦ୍ରୋହର ନାୟକ ମଙ୍ଗଳ ପାଣ୍ଡେ, ଝାନ୍‌ସୀରାଣୀ ଲକ୍ଷ୍ମୀବାଈ,ନାନା ସାହେବ, ତାନ୍ତିଆଟୋପେ, ଅଯୋଧ୍ୟାର ବେଗମ୍, ପୁରୀର ଚନ୍ଦନ ହଜୁରୀ ଓ ହୀରାଖଣ୍ଡ ସାମ୍ରାଜ୍ୟ (ସମ୍ବଲପୁର ରାଜ୍ୟ)ର ହୀରୋ ମହାନ୍ ସଂଗ୍ରାମୀ, ବୀର, ବିପ୍ଳବୀ, ଦେଶପ୍ରେମୀ, ଚୌହାଣ ପରମ୍ପରାର ପ୍ରତୀକ ସମଲେଶ୍ୱରୀ ଧର୍ମସିଂହଙ୍କ ପୁତ୍ର ସୁରେନ୍ଦ୍ର ସାଏଙ୍କ ସଂଗ୍ରାମ ଏହି ଜନ୍ମମାଟିକୁ ବିଦେଶୀ କବଳରୁ ମୁକ୍ତ କରିବାର ସଂକଳ୍ପକୁ ଋଦ୍ଧିମନ୍ତ କରିଛି ।

ସମ୍ବଲପୁର ରାଜ୍ୟ ତଥା ଐତିହ୍ୟପୂର୍ଣ୍ଣ ଚୌହାନ୍‌ରାଜତ୍ୱ ଖ୍ରୀ:୧୫୫୨ରେ ନରସିଂହ ଦେବଙ୍କ ସାନଭାଇ ରାଜା ବଳରାମ ଦେବଙ୍କ ଦ୍ୱାରା ପ୍ରତିଷ୍ଠିତ ହୋଇଥିଲା । ବଳରାମ ଦେବଙ୍କ ପରେ ହ୍ରିଦେ ନାରାୟଣ ଦେବ, ବଳଭଦ୍ର ଦେବ, ମଧୁକର ସାଏ, ବଳୀୟାର ସିଂହ ଓ ଚୌହାଣ ବଂଶର ଶେଷରାଜା ମହାରାଜ ଛତ୍ର ସାଏ । ଚୌହାଣ ରାଜାମାନେ ୨୭୫ ବର୍ଷ ସମ୍ବଲପୁର ରାଜ୍ୟ ଶାସନ କରିଥିଲେ । ମଧୁକର ସାଏଙ୍କ ଛଅରାଣୀ ଏବଂ ପାଂଚ ପୁତ୍ର ଥିଲେ । ପ୍ରଥମ ପୁତ୍ର ବଳୀୟାର ସିଂହ ଅନ୍ୟମାନେ ହେଲେ ଅନିରୁଦ୍ଧ ସାଏ, ମଦନ ଗୋପାଳ, ବଂଶୀ ଗୋପାଳ ଓ ଅନନ୍ତ ସାଏ (କୃଷ୍ଣସିଂହ) । ମଧୁକର ସାଏ ବାନପ୍ରସ୍ଥ ଯିବାରୁ ଜ୍ୟେଷ୍ଠପୁତ୍ର ବଳୀୟାର ସିଂହ ସିଂହାସନ ଆରୋହଣ କଲେ । ରାଜା ବଳୀୟାର ସିଂହ ଅଠରଗଡ କରାୟତ କରି ହୀରାଖଣ୍ଡର ଛତ୍ରପତି ଉପାଧିରେ ଭୂଷିତ ହେଲେ ।

ଅନିରୁଦ୍ଧ ସାଏ ସମ୍ବଲପୁର ରାଜା ମଧୁକର ସାଏଙ୍କ ଠାରୁ ଖିଣ୍ଡା ଓ ରାଜପୁର ଅଂଚଳ ପାଇଥିଲେ ମଧ ସମ୍ବଲପୁରରେ ରହୁଥିଲେ । ଅନିରୁଦ୍ଧ ସାଏଙ୍କ ପାଂଚ ପୁତ୍ର ଥିଲେ । ସେମୋନେ ହେଲେ ରାମସିଂ, ଜଗନ୍ନାଥ ସିଂହ, ମଧୁସିଂହ, ଯଦୁସିଂହ ଓ ଅରୂପ ସିଂହ । ଅନିରୁଦ୍ଧ ସାଏଙ୍କ ତୃତୀୟ ପୁତ୍ର ମଧୁ(ମାଧବ) ସିଂହ ଖିଣ୍ଡା ଓ ରାଜପୁର ପ୍ରଗଣା ଦାୟିତ୍ୱ ବୁଝାସୁଝା କରୁଥିଲେ ମଧ ଅନିରୁଦ୍ଧଙ୍କ ବଂଶଧରମାନେ ସମ୍ବଲପୁର ପ୍ରାସାଦରେ ବସବାସ କରୁଥିଲେ । ମଧୁସିଂହଙ୍କର ତିନିପୁଅ, ସେମାନେ ହେଲେ ବାଲା ସିଂହ, ନରହରି ସିଂହ ଓ ଦିବ୍ୟସିଂହ । ଦିବ୍ୟସିଂହ (ଦ୍ରିପ୍ ସିଂହ)ଙ୍କର ତିନୋଟି ପୁତ୍ର ଥିଲେ । ସେମାନେ ହେଲେ ତେଜସିଂହ, କଲ୍ୟାଣ ସିଂହ ଓ ଗୁମାନ ସିଂହ, ତେଜସିଂହଙ୍କ ସମୟରେ ତାଙ୍କ ପରିବାର ଖିଣ୍ଡାକୁ ସ୍ଥାନାନ୍ତରିତ ହୋଇଥିଲେ । ତେଜସିଂହଙ୍କ ପାଂଚ ପୁଅଥିଲେ, ସେମାନେ ହେଲେ ଜରାବର, ମନୋହର, ବଳରାମ, ଅମରସିଂହ ଓ ଧର୍ମସିଂହ । ମନୋହର ସିଂହ ପ୍ରେମଜନିତ ଘଟଣାରୁ ନିହତ ହେଲେ । ଜରାବର, ବଳରାମ ଓ ଅମରସିଂହଙ୍କର ସନ୍ତାନସନ୍ତତି ନଥିବାରୁ ଧର୍ମସିଂହଙ୍କ ପ୍ରତି ଖିଣ୍ଡା ପରିବାରର ସ୍ନେହ ଓ ସଦିଚ୍ଛା ରହିଥିଲେ । ଅନିରୁଦ୍ଧ ସାଏଙ୍କ ଦ୍ୱିତୀୟ ପୁତ୍ର ଜଗନ୍ନାଥ ସିଂହଙ୍କ ଦୁଇପୁଅ ହେଲେ କୀର୍ତ୍ତି ଓ ପୃଥ୍ୱୀ । ପୃଥ୍ୱୀଙ୍କ ତିନୋଟି ପୁଅଥିଲେ । ସେମାନେ ହେଲେ ରାଜ ସିଂହ, ସୁବଳ ସିଂହ ଓ ଅଜିତ ସିଂହ । ଅଜିତ୍ ସିଂହଙ୍କ ରାଜତ୍ୱ ସମୟରେ ଖିଣ୍ଡା ବଂଶୀୟମାନେ ଥିଲେ ବିଶେଷ ପ୍ରଭାବଶାଳୀ ।

ଧର୍ମସିଂହ ୧୮୦୦ ଖ୍ରୀ:ରେ ଦରଗାଁ ଜମିଦାରଙ୍କ କନ୍ୟା ରେବତୀ ଦେବୀଙ୍କୁ ବିବାହ କରିଥିଲେ । ଧର୍ମସିଂହଙ୍କ ଔରସରୁ ଓ ରେବତୀ ଦେବୀଙ୍କ ଗର୍ଭରୁ ୧୮୦୯ ଖ୍ରୀଷ୍ଟାବ୍ଦ ଜାନୁଆରି ୨୩ ତାରିଖ ଦିନ ବୀର ସୁରେନ୍ଦ୍ର ସାଏ ଜନ୍ମଗ୍ରହଣ କରିଥିଲେ । ସୁରେନ୍ଦ୍ର ସାଏଙ୍କ ଛଅଗୋଟି ଭାଇ ଓ ଗୋଟିଏ ଭଉଣୀ ଥିଲେ । ସେମାନେହେଲେ ଉଦନ୍ତ ସାଏ, ଧ୍ରୁବସାଏ, ଉଜ୍ଜ୍ୱଳ ସାଏ, ଛବିଲ ସାଏ, ଜାଜ୍ୱଳ ସାଏ, ମେଦିନୀ ସାଏ,ଭଉଣୀ ଅଞ୍ଜନା ।

ଅଜିତ୍ ସିଂହଙ୍କ ରାଜତ୍ୱ ସମୟରେ ପ୍ରଭାବଶାଳୀ ଦେୱାନ୍ ଆକବର ରାୟ ରାଜସୂପକାରଙ୍କୁ ହାତକରି ଖାଦ୍ୟରେ ବିଷ ଦେଇ ରାଜା ଅଜିତ୍ ସିଂହ ଓ ରାଜପୁତ୍ର ପ୍ରଦ୍ୟୁମ୍ନ ସିଂହଙ୍କୁ ହତ୍ୟା କରିଥିଲେ । ଅଜିତସିଂହଙ୍କ ରାଣୀ 'ରାମ ଖୁଆସିନା'ଙ୍କୁ ହତ୍ୟା କରାଗଲା । ଖିଣ୍ଡା ବଂଶୀୟମାନେ ଆକବର ରାୟଙ୍କ ବିପକ୍ଷରେ ଅସ୍ତ୍ରଧାରଣ କରି ଥିଲେ । ସମ୍ବଲପୁର ରାଜଦରବାରର ଶେଷ ଚୌହାଣ ରାଜା ସାଏଙ୍କ ୧୮୨୭ ସ୍ୱର୍ଗାରୋହଣ ପରେ ରାଣୀ ମୋହନ କୁମାରୀ ଗାଦୀସୀନ ହେଲେ । ଖିଣ୍ଡା ପରିବାରର ପ୍ରଭାବଶାଳୀ, ସ୍ୱାଧୀନଚେତା ଓ ବିଚକ୍ଷଣ ବ୍ୟକ୍ତିତ୍ୱ ବଳରାମ ସାଏ ଦେବାନ ପଦରେ ନିଯୁକ୍ତ ହେଲେ । ଇଂରେଜମାନେ କୌଶଳକ୍ରମେ ବଳରାମ ସାଏଙ୍କୁ ଦେବାନ ପଦବୀରୁ ହଟାଇ ରାଜ୍ୟ ଶାସନ କଲେ । ୧୯୨୭ ରୁ ୧୮୩୩ ପର୍ଯ୍ୟନ୍ତ ରାଣୀମୋହନ କୁମାରୀଙ୍କ ନାମରେ ଶାସନ କାର୍ଯ୍ୟ ପରିଚାଳନା କଲେ । ଏହି ସମୟରେ ପିତୃବ୍ୟ ବଳରାମ ସାଏ ନିଜ ପୁତୁରା ସୁରେନ୍ଦ୍ର ସାଏଙ୍କ ପାଇଁ ଏକ ଭିତିଭୂମି ପ୍ରତିଷ୍ଠା କଲେ । ଇଂରେଜମାନଙ୍କ ବିରୁଦ୍ଧରେ ପ୍ରଥମେ ଲଖନପୁରର ଜମିଦାର ବଳଭଦ୍ର ସିଂହଦାଓ ଆନ୍ଦୋଳନ ଆରମ୍ଭ କରିଦେଲେ ଓ ଏହାର ନେତୃତ୍ୱ ନେବାପାଇଁ ସୁରେନ୍ଦ୍ରସାଏଙ୍କୁ ପ୍ରବର୍ତ୍ତାଇଥିଲେ ।

ସୁରେନ୍ଦ୍ରସାଏ ତତ୍‌କାଳୀନ ଛୋଟାନାଗପୁର ଅଧୀନରେ ଥିବା ହାତୀବାରି ଜମିଦାରଙ୍କ କନ୍ୟା ସୁବର୍ଣ୍ଣ କୁମାରୀଙ୍କୁ ବିବାହ କରିଥିଲେ । ୧୮୩୯ ଖ୍ରୀ:ରେ ସୁରେନ୍ଦ୍ର ସାଏଙ୍କର ଏକ ପୁତ୍ର ଜନ୍ମ ହୋଇଥିଲା ତାର ନାମ ମିତ୍ରଭାନୁ ସାଏ, ପରେ ଏକ କନ୍ୟା ଜନ୍ମହୋଇଥିଲା ଏବଂ ତାଙ୍କ ଭଉଣୀଙ୍କ ପରି ଅବିବାହିତ ଥିଲା । ସୁରେନ୍ଦ୍ରସାଏଙ୍କ ସହଧର୍ମିଣୀ ସୁବର୍ଣ୍ଣ କୁମାରୀ ଜଣେ ଧର୍ମ ପରାୟଣ, ଆଦର୍ଶ, ଦୟାଳୁ ଓ ସ୍ନେହମୟୀ କ୍ଷତ୍ରିୟ ଗୃହିଣୀ ଥିଲେ । ସେ ସୁରେନ୍ଦ୍ରଙ୍କୁ ସାହାସୀ, ଧର୍ଯ୍ୟବାନ, ନିର୍ଭୀକ, ସଂଗ୍ରାମୀ ଓ ସ୍ୱାଧିନଚେତା ହେବା ପାଇଁ ପ୍ରେରଣା ଦେଉଥିଲେ ।



ଇଂରେଜମାନେ ରାଣୀ ମୋହନ କୁମାରୀକୁ ପେନ୍‌ସନ୍ ଦେଇ ପ୍ରଥମେ କଟକ ଓ ପରେ ଖୋର୍ଦ୍ଧାକୁ ପଠାଇଥିଲେ । ଏହାପରେ ନାରାୟଣ ସିଂହ ନାମକ ଜଣେ ବିବାଦୀୟ ବ୍ୟକ୍ତିଙ୍କୁ ସମ୍ବଲପୁର ରାଜଗାଦିରେ ବସାଇ ଶାସନ କାର୍ଯ୍ୟ ଚଳାଇଲେ, ଫଳରେ ବିପ୍ଳବର ବହ୍ନି ତେଜିଉଠିଲା । ଖିଣ୍ଡାବଂଶୀୟ ବଳରାମ ସାଏଙ୍କ ପରାମର୍ଶରେ ଓ ସୁରେନ୍ଦ୍ର ସାଏଙ୍କ ନେତୃତ୍ୱରେ ରାଜ୍ୟରେ ଆନ୍ଦୋଳନ ଆରମ୍ଭ ହେଲା। । ବାରପାହାଡର ଡେବୀରଗଡ ଦୁର୍ଗ, ବାରବଖରା, ମଉଳା-ଭଣଞ୍ଜା, ଝରଘାଟୀ, ମୁଣ୍ଡେଇଘାଟୀ, ପପଙ୍ଗା ପାହାଡ, ସିଂଘୋଡା ଘାଟି ଇତ୍ୟାଦି ବିଭିନ୍ନ ସ୍ଥାନର ଜମିଦାର, ଗୌନ୍ତିଆମାନେ ଓ ବିଦ୍ରୋହୀ ନେତାମାନଙ୍କ ନେତୃତ୍ୱରେ ଆଦିବାସୀ ସୈନ୍ୟମାନେ ପାରମ୍ପରିକ ଆସ୍ତ୍ରଶସ୍ତ୍ର ଧରି ସୁରେନ୍ଦ୍ରଙ୍କ ସପକ୍ଷରେ ରହିଲେ । ୧୮୩୭ରେ ବାରପାହାଡ ଗିରିଗୁମ୍ଫାରେ ବିଶ୍ରାମରତ ଥିବାବେଳେ, ଇଂରେଜସୈନ୍ୟ, ନାରାୟଣ ସିଂହଙ୍କ ସୈନ୍ୟ ଓ ରାମପୁର ଜମିଦାର ସୁରେନ୍ଦ୍ରଙ୍କ ଉପରେ ଆକ୍ରମଣ କଲେ । ଏହି ଯୁଦ୍ଧ ପାଇଁ ସୁରେନ୍ଦ୍ର ପ୍ରସ୍ତୁତ ନଥିଲେ । ବଳଭଦ୍ର ସିଂହଦାଓ ନିହତହେଲେ ଓ ସୁରେନ୍ଦ୍ର ଆହତ ଅବସ୍ଥାରେ ପଳାୟନ କଲେ । ବୀର ସୁରେନ୍ଦ୍ରସାଏ ୧୮୪୦ରେ ରାମପୁର ରାଜବାଟୀ ଆକ୍ରମଣ କରି ଜମିଦାର ଓ ତାଙ୍କ ପୁତ୍ରଙ୍କୁ ହତ୍ୟା କରି ରାଜବାଟି ସମ୍ପୂର୍ଣ୍ଣ ଧ୍ୱଂସ କରିଥିଲେ । ଏହାପରେ ସୁରେନ୍ଦ୍ରଙ୍କର ସାହସ ଓ ଶକ୍ତି ବୃଦ୍ଧି ପାଇଥିଲା । ରାମପୁରଗଡ଼ ବିଜୟକରି ସୁରେନ୍ଦ୍ରସାଏ ବିପ୍ଳବୀ ସୈନ୍ୟ, ବଳରାମସାଏ ଓ ଭାଇ ଉଦନ୍ତ ସାଏଙ୍କୁ ଧରି ସମ୍ବଲପୁର ସହର ନିକଟ ଦେଇ ଯିବାସମୟରେ ମେଜର ଓସ୍‌ଲେ ସୁଦକ୍ଷ ଇଂରେଜ ସୈନ୍ୟବାହିନୀ ସହିତ ଦେହେରୀ ପାଲି ନିକଟସ୍ଥ ବୁଢ଼ାରଜା ପାହାଡ ନିକଟରେ ସୁରେନ୍ଦ୍ରଙ୍କୁ ଆକ୍ରମଣକଲେ । ଏହି ଯୁଦ୍ଧରେ ମେଜର ଓସ୍‌ଲେ ସୁରେନ୍ଦ୍ର ସାଏ, ପିତୃବ୍ୟ ବଳରାମ ସାଏ ଓ ଭାଇ ଉଦନ୍ତ ସାଏଙ୍କୁ ବନ୍ଦୀକଲେ । ଦଣ୍ଡ ସ୍ୱରୂପ ଆଜୀବନ ବନ୍ଦୀ ଭାବରେ ହଜାରିବାଗ ଜେଲରେ ରହିଲେ ।

୧୯୪୯ ଖ୍ରୀଷ୍ଟାବ୍ଦ ସେପ୍ଟେମ୍ବର ୧୦ ତାରିଖରେ ରାଜା ନାରଣସିଂହଙ୍କ ମୃତ୍ୟୁହେଲା । ରାଣୀ 'ମୁଖ୍ୟପାନଦେବୀ' ଖୁବ୍ ଅଳ୍ପ ସମୟ ଶାସନକରିଥିଲେ । ରାଜ୍ୟସ୍ୱତ୍ୱ ଲୋପନୀତି ଅନୁସାରେ ସମ୍ବଲପୁର ରାଜ୍ୟ ଶାସନ ଇଂରେଜମାନଙ୍କ ହାତକୁ ଚାଲିଯାଇଥିଲା । ରାଜକନ୍ୟା ଆଶାକୁମାରୀଙ୍କୁ କଳାହାଣ୍ଡି ରାଜପୁତ୍ର ସହ ବିବାହ ଇଂରେଜ କର୍ତୃପକ୍ଷ କରାଇଥିଲେ । ୧୮୫୭ ମସିହାରେ ସିପାହୀ ବିଦ୍ରୋହର ବହ୍ନି ପ୍ରଜ୍ୱଳିତ ହେଲା । ୧୮୫୭ ଜୁଲାଇ ୩୦ ଦିନ ବିଦ୍ରୋହୀ ମାନେ ହଜାରିବାଗ ଜେଲଭାଙ୍ଗି ଦେଲେ । ୧୮୫୭ ମସିହା ଜୁଲାଇ ୩୧ ତାରିଖରେ ସୁରେନ୍ଦ୍ରସାଏ ଓ ତାର ଭାଇ ଉଦନ୍ତ ସାଏ ଜେଲ୍‌ରୁ ମୁକ୍ତ ହେଲେ, କିନ୍ତୁ ପିତୃବ୍ୟଙ୍କର ମୃତ୍ୟୁ ହୋଇସାରିଥିଲା ।

ସୁରେନ୍ଦ୍ର ସାଏ ନିଜ ଜନ୍ମଭୂମିରେ ପହଂଚିବାପରେ ସେମାନଙ୍କୁ ହଜାର ହଜାର ଲୋକ ସମର୍ଥନ ଜଣାଇଥିଲେ । ସୁରେନ୍ଦ୍ର ଇଂରେଜମାନଙ୍କୁ ମୁକାବିଲା କରିବା ପାଇଁ ଗରିଲା ରଣନୀତି ଆପଣାଇଥିଲେ । ଘଂଚବନାନୀ, ଗିରିଶୃଙ୍ଗକୁ ବିପ୍ଳବିମାନେ ଆଶ୍ରୟସ୍ଥଳୀ ଭାବେ ବାଛି ନେଇଥିଲେ । ସୁରେନ୍ଦ୍ର ସାଏଙ୍କୁ ଶତଚେଷ୍ଟା ସତ୍ତ୍ୱେ ଇଂରେଜମାନେ ଧରିପାରିନଥିଲେ । ସୁରେନ୍ଦ୍ର ସାଏ, ଗୋବିନ୍ଦ ସିଂହ ଓ କୁଞ୍ଜଳ ସିଂହଙ୍କୁ ଧରାଇଦେଲେ ଯଥାକ୍ରମେ ଏକ ହଜାର ଟଙ୍କା, ୫ଶହ ଟଙ୍କା ଓ ୨୫୦ ଟଙ୍କାର ପୁରସ୍କାର ଘୋଷଣା କରାଯାଇଥିଲା । ମାତ୍ର କିଛି ଫଳ ହେଲାନାହିଁ । ଚକ୍ରାନ୍ତକାରୀଙ୍କ ଚକ୍ରାନ୍ତ, ଛଳନା ଓ ଚରମ ବିଶ୍ୱାସଘାତକତାର ଶିକାରହେଲେ ବୀରସୁରେନ୍ଦ୍ର ସାଏ । ଇଂରେଜ ଶାସକ ଇମ୍ପେଙ୍କ ଉଦାରନୀତି ଯୋଗୁଁ ବିଦ୍ରୋହୀମାନଙ୍କୁ ଆତ୍ମ ସମର୍ପଣ କରିବାର ସୁଯୋଗ ମିଳିଥିଲା । ୧୮୬୨ ମସିହା ମଇ ୧୬ ତାରିଖରେ ସୁରେନ୍ଦ୍ରସାଏ ତାଙ୍କର ଘନିଷ୍ଠ ସହକର୍ମୀ ଗଜରାଜ ସିଂ ଓ ଖଗେଶ୍ୱର ସିଂହଦାଓଙ୍କ ସହିତ ମେଜର ଇମ୍ପେଙ୍କ ନିକଟରେ ଆତ୍ମସମର୍ପଣ କରିଥିଲେ । ଇଂଲଣ୍ଡ ରାଣୀଙ୍କ ପକ୍ଷରୁ ଲଣ୍ଡନର ଇଣ୍ଡିଆ ଅଫିସ୍‌ରୁ ତା୧୭.୦୨.୧୮୬୩ ପତ୍ରାଙ୍କ ୧୧ ଅନୁସାରେ ସୁରେନ୍ଦ୍ର ସାଏଙ୍କୁ କ୍ଷମାପ୍ରଦାନ କରି ବଡଲାଟ ମଞ୍ଜୁର କରିଥିବା ବୃତିକୁ ଶେଷ ମଞ୍ଜୁରୀ ଦେଇଥିଲେ । ୧୮୬୪ରେ ଜେ.ଏସ୍ କେମ୍ପବେଲ୍ ସୁରେନ୍ଦ୍ର ଓ ସାଥୀମାନଙ୍କୁ ସମ୍ପୂର୍ଣ୍ଣ ମୁକ୍ତକରିବାକୁ ରାୟପ୍ରକାଶ କରିଥିଲେ ।

୧୮୧୮ ଆଇନର ଅଧିନନିୟମ ୩ ଅନ୍ତର୍ଗତ 'ଭାରତ ରକ୍ଷା ଆଇନ' ବଳରେ ମଧ୍ୟପ୍ରଦେଶ ଚିଫ୍ କମିଶନର ସାର୍ ରିଚାର୍ଡ ଟେମ୍ପଲ୍ ସୁରେନ୍ଦ ସାଏ ଓ ଅନ୍ୟ ୬ ଜଣ ବିଦ୍ରୋହୀଙ୍କୁ ଅଟକ ରଖିବାକୁ ନିର୍ଦ୍ଦେଶ ଦେଲେ । ନିର୍ଦ୍ଦୋଷମାନଙ୍କୁ ଦଣ୍ଡଦେଇ ଇଂରେଜ କର୍ତ୍ତୃପକ୍ଷ ଦୟାନିଧି ମେହେର ଓ ମୋହନ ସିଂହଙ୍କୁ ସୁରେନ୍ଦ୍ର ସାଏଙ୍କ ବିରୋଧରେ ଭଲ କାର୍ଯ୍ୟ କରିଥିବାରୁ ପୁରସ୍କୃତ କରିଥିଲେ । ୧୮୬୫ରେ ସୁରେନ୍ଦ୍ର ସାଏଙ୍କୁ ଅସୁରଗଡ ଗିରିଦୁର୍ଗରେ ବନ୍ଦୀ କରାଯାଇଥିଲା । ୧୮୮୪ ଫେବୃଆରି ୨୪ ତାରିଖରେ ଅସୁରଗଡ଼ ଦୁର୍ଗରେ ହିଁ ଏହି ମହାନ ବୀରଙ୍କ ଜୀବନ ଦୀପ ଲିଭିଯାଇଥିଲା । ଏହି ମହାନ୍ ବୀର ପୁରୁଷ ଓ ତାଙ୍କର ସହଯୋଗୀମାନେ ସମ୍ବଲପୁର ସମେତ ସାରା ଦେଶରେ ଯୁଗ ଯୁଗ ଧରି ଅମର ରହିବେ ।

+ପାରାଦ୍ୱୀପଗଡ଼, କୁଜଙ୍ଗ,
ଜଗତ୍‌ସିଂହପୁର
ମୋ : ୯୯୩୭୬୯୧୪୭୫

# ପୁରୁଷ ମାନଙ୍କ ଲୋଲୁପ ଦୃଷ୍ଟିରେ ନାରୀ

ଶ୍ରୀକୃଷ୍ଣ ସାମଲ

ନାରୀମାନେ ନିଜର ସୌନ୍ଦର୍ଯ୍ୟ, ବସନ, ଭୁଷଣ ସହିତ ଦେବାଳୟ, ମେଳା, ମହୋତ୍ସବ ଓ ସାଧାରଣରେ ଚଳପ୍ରଚଳ ହୋଇ ଅନ୍ୟ ପୁରୁଷ ମାନଙ୍କ ପ୍ରେମ ଓ ଦାମ୍ପତ୍ୟ ଜୀବନକୁ ମଧୁମୟ କରିବାକୁ ନିଜ ନିଜକୁ ଆଦର୍ଶ ବୋଲି ମନେ କରନ୍ତି । ହେଲେ ସେତେବେଳକୁ ଏଭଳି ନାରୀମାନେ କିଛି ଉଦ୍‌ଭ୍ରାନ୍ତ ପୁରୁଷ ମାନଙ୍କ ଲୋଲୁପ ଦୃଷ୍ଟି ଶୀକାର ହୋଇ ସାରିଥାନ୍ତି । ସୁଯୋଗ ପାଇଲେ ସେମାନେ ନାରୀମାନଙ୍କ ଉପରେ ଝାମ୍ପି ପଡି ଏମାନଙ୍କର ଅଳଙ୍କାର, ଗଣ୍ଠିଲି, ଭ୍ୟାନିଟି ବ୍ୟାଗ ଓ ମନିପର୍ସକୁ ଛଡାଇ ନିଅନ୍ତି । ନାରୀମାନଙ୍କୁ ଟଣାଓଟରା କରନ୍ତି । ଏମାନଙ୍କର ଆଦର୍ଶ ଧୂଳିସାତ୍ ହୋଇଯାଏ । ଏମାନେ ପ୍ରମାଦ ଗଣନ୍ତି । ଭାବନ୍ତି ଏବେ ବଦଳି ଯାଇଛି ମଣିଷର ମାନସିକତା । ହେଲେ କରିବେ କ'ଣ ? ଏକୁଟିଆ ଥିଲେ ତାଙ୍କର ନିସ୍ତାର ନ ଥାଏ । ସାଙ୍ଗ ଗହଣରେ ଥିଲେ ରକ୍ଷା ପାଇଯାନ୍ତି । ହେଲେ ସେତେବେଳକୁ ସର୍ବସ୍ୱ ଲୁଟ ହୋଇ ସାର ଥାଏ । ଏହାଠାରୁ ଅଧିକ ବିପଦ ଜୀବନରେ ଆସେ ଯଦି ନାରୀଟି ସେଭଳି ଉଦ୍‌ଭ୍ରାନ୍ତ ପୁରୁଷଙ୍କ ବଳାତ୍କାରର ଶିକାର ହୁଏ । ସେମାନେ କିଛି ମାନନ୍ତିନି । ନାରୀଟିକୁ ଜଣେ ପରେ ଜଣେ ନିଜର ଲାଳସା ଚରିତାର୍ଥ ନ ହେବା ପର୍ଯ୍ୟନ୍ତ ବଳତ୍କାର କରି ଚାଲିଥାନ୍ତି । ଶେଷରେ ପ୍ରମାଣ ନଷ୍ଟ କରିବା ନିମନ୍ତେ ତାକୁ ମାରି ଦିଅନ୍ତି । ନାରୀଟି ଶେଷରେ ନିଜର ଜୀବନ ମଧ ହରାଇ ବସେ । ପୁଣି ଏହାରି ପ୍ରଭାବରେ କିଛି ଉଦ୍‌ଭ୍ରାନ୍ତ କିଶୋର ଓ ଯୁବକ ମାନଙ୍କ ଲୋଲୁପ ଦୃଷ୍ଟିରେ ପଡିଲେ ଶିଶୁକନ୍ୟା ଏବଂ ନାରୀମାନେ ବଳତ୍କାର ଶିକାର ହୋଇଥାନ୍ତି । ଏଭଳି ଘଟଣା ସବୁଆଡେ ଘଟୁଛି । ଏହାର ସ୍ଥାୟୀ ପ୍ରତିକାର କିଛି ହୋଇ ପାରି ନାହିଁ । ଏଥିପାଇଁ ଦୋଷୀମାନଙ୍କୁ ତତ୍‌କାଳ ଉପଯୁକ୍ତ ଦଣ୍ଡରେ ଦଣ୍ଡିତ କରିବା ଉଚିତ୍ । ଏହା ବ୍ୟତୀତ ନାରୀମାନେ ମଧ ସବୁବେଳେ ଦଳବଦ୍ଧ ଭାବେ ସଂଗଠିତ ହୋଇ ଚଳପ୍ରଚଳ ହେବା ଉଚିତ୍ । ସତରେ ଏବେ ବଦଳି ଯାଉଛି ମଣିଷର ମାନସିକତା । ଏଭଳି ମଣିଷ ମାନଙ୍କ ହୃଦୟରେ ସ୍ନେହ, ପ୍ରେମ, ଦୟା ବୋଲି କିଛି ନଥାଏ । ସତରେ ଏମାନେ ପିଶାଚର ଅନ୍ୟରୂପ । ଏମାନଙ୍କୁ ସମାଜରେ ଚିହ୍ନଟ କରାଯାଇ ଏମାନଙ୍କ ଠାରୁ ଦୂରେଇ ରହିଲେ ହୁଏତ ନାରୀ ଜୀବନ ସୁରକ୍ଷିତ ରହିବ । ଯେପରି ଚୋର ଡକାୟତ ମାନଙ୍କ ସର୍ବେକ୍ଷଣ କରାଯାଇ ପୁଲିସ ବିଭାଗରେ ସେମାନଙ୍କର ରିପୋର୍ଟ ଥାଏ, ଠିକ୍ ସେହିପରି ଏମାନଙ୍କ ଗତିବିଧିକୁ ସର୍ବେକ୍ଷଣ କରାଯାଇ ତାର ଏକ ତାଲିକା ପୁଲିସ ନିକଟରେ ରହିବା ଉଚିତ୍ । ଏଭଳି ସର୍ବେକ୍ଷଣ ସମୟରେ ସର୍ବସାଧାରଣ ପୁଲିସକୁ ସହଯୋଗ କରିବା ଉଚିତ୍ । ଏଭଳି ଅପରାଧି ଓ ଅସାମାଜିକ ଲୋକମାନଙ୍କ ସର୍ବେକ୍ଷଣ ଦାୟିତ୍ୱ ପୁଲିସ ବିଭାଗରେ ଅଛି । ହେଲେ ଏବେ ଏହା ଉପରେ ଗୁରୁତ୍ୱ ଦିଆଯାଉ ନାହିଁ । ସତରେ ମଣିଷମାନଙ୍କ ଭିତରେ ଏଭଳି ପରିବର୍ତ୍ତନ ସମାଜ ପ୍ରତି ବିପଦ ।

+ଶ୍ରୀକୃଷ୍ଣ ନିବାସ,
କରଂଜିଆ,
ମୟୂରଭଂଜ, ପିନ-୭୫୭୦୩୭
ମୋ ନଂ- ୯୪୩୭୩୨୦୬୭୯

## କବିତା କୋଣାର୍କ

## ଉଦୟ ରାଗ...

ସୁଦର୍ଶନ ମହାପାତ୍ର



ନୂଆ ସକାଳକୁ ପାଛୋଟି ଆଣିଛି
ସତେ କି'ବା ଆଜି ଅରୁଣ
ସୁନାରଙ୍ଗୀ ଖରା ଧରଣୀ ବୁକୁରେ
ଆଙ୍କିଛି ଖୁସିର ତୋରଣ ।

ପ୍ରକୃତି ଗାଉଛି ସ୍ୱାଗତ ସଙ୍ଗୀତ
ଶୁଭୁଚି ଆନନ୍ଦ ଭୈରବୀ
ଦୂର ତୋଟାମାଳୁ ଭାସିଆସେ ଏବେ
ଅପୂର୍ବ ମହକ ସୁରଭି ।

ପକ୍ଷୀମାନଙ୍କର କାକଳିରେ ଆଜି
ଶୁଭଇ ମଧୁର ମୂର୍ଚ୍ଛନା
ଆଶା କିରଣରେ ଜଗତ ଦିଶଇ
ସତେ ନୂଆ ଏକ ସର୍ଜନା ।

ଅନୁରାଗେ ଆସି ମଳୟ ସତେକି
ନିମକୁ କରିଛି ଚନ୍ଦନ
ଅପୂର୍ବ ଶୋଭାରେ ମଣ୍ଡିତ ଧରଣୀ
ଛୁଇଁ ଯାଇଛି କି ଫଗୁଣ ।

ଆକାଶ ଦେହରେ ସତେ କେ ଆଙ୍କିଛି
ନୀଳ ତରଙ୍ଗର ଲହରୀ
ପହିଲି ଉଷାର ଉଛୁଳା ଉଚ୍ଛ୍ୱାସ
ପବନରେ ଆସେ ପହଁରି ।

ମାଟିରେ ଦିଶଇ ସରଗର ଶିରୀ
ଏ କାହା ମଙ୍ଗଳ ବିଧାନ
ପ୍ରୀତି ଅନୁରାଗ ଭରିଛି ସଂସାରେ
ପୁଲକିତ ଆଜି ଜୀବନ ।

ଆଶା ଆକାଂକ୍ଷାର ଦୀପ ପ୍ରଜ୍ୱଳିତ
ଅନ୍ଧକାର ଚିରି ପ୍ରକାଶ
ଉଦୟ ରାଗର ମିଠା ମିଠା ଛୁଆଁ
ପ୍ରାଣରେ ଭରଇ ଉଲ୍ଲାସ ।

+କୁଞ୍ଜବିହାରୀ ଲେନ,କଟକ

## କବିତା କୋଣାର୍କ

## ତୁମେ ଗଲାପରେ ..

ଦୀନବନ୍ଧୁ ବେଜ



ତୁମେ ଗଲାପରେ ହଜି ଯାଇଛି ମୋ'
ଖୁସି ଫରୁଆରୁ ଖୁସି,
ଯେତେ ଚେଷ୍ଟାକଲେ ପାରୁନାହିଁ ଜମା
ମିଛଟାରେ ହେଲେ ହସି ।

ତୁମେ ଗଲାପରେ ଶୁଖି ଯାଇଛି ମୋ'
ଜୀବନର ପ୍ରେମ ନଈ,
କେବେ ଯେ ଫେରିବ,ତୁମ
ଆଗମନେ
କୂଳ ଯିବ ମୋର ଛୁଇଁ ।

ତୁମେ ଗଲାପରେ ବିରହିଣୀ ସାଜି
ଜଳେ ତୁମ ବିରହରେ,
ତୁମ ସ୍ମୃତି ନେଇ ଭାସୁଥାଏ ନିତି
ସ୍ମୃତିର ଖର ସ୍ରୋତରେ ।

ତୁମେ ଗଲାପରେ ହୃଦୟ ଗାଲିଚା
ଯାଇଅଛି ଶୁଷ୍କ ହୋଇ
ଫେରିଆସ ବେଗେ ଶ୍ରାବଣ ସାଥିରେ
ଅସରାଏ ବର୍ଷା ନେଇ,
ଫୁଟି ଉଠିବ ମୋ' ହୃଦୟ ତଡ଼ାଗେ
ଅସଂଖ୍ୟ ଅଫୁଟା କଇଁ....।

+ରୋହିତ ସେଠୀ,ଶିକ୍ଷକ
ଖଜୁରୀପଡା, କନ୍ଧମାଳ
ଦୂରଭାଷ-୭୭୩୫୨୧୪୩୭୯

## ଓଡ଼ିଆ ଚାରୁକଳା ..

କସ୍ତୁରୀ ଚରଣ ରାଉତ



ଉତ୍କର୍ଷ କଳା ସଂପଦ ଆମ
ଆମେ ଓଡ଼ିଆ ଜାତି
କୋଣାରକର କଳା ଚାତୁରି
ଫୁଲାଏ ଆମ ଛାତି ।

ପାରମ୍ପରିକ ଦାସକାଠିଆ
ପାଲା, କେନ୍ଦେରା ଗୀତ
ମନ୍ଦିର ଗାତ୍ର କଳାସ୍ଥାପତ୍ୟ
ହରେ ଦର୍ଶକ ଚିତ୍ତ ।

ନୃତ୍ୟ ସଂଗୀତ କୁଟୀରଶିଳ୍ପ
ଅବା ଚାନ୍ଦୁଆ କାମ
ଚାରୁକଳାରେ ଉତ୍କର୍ଷ ବୋଲି
ଉତ୍କଳ ପରା ନାମ ।

ଓଡ଼ିଶୀ ନୃତ୍ୟ ଦେଖିଲେ ବାରେ
ହୃଦୟ ଯାଏ ଭରି
ଭାବଭଙ୍ଗୀରେ ଛନ୍ଦତାଳରେ
କିଏ ହେବ ତା' ସରି ?

ସମ୍ବଲପୁରୀ ଗୀତ ସଂଗୀତ
ଆହା କି ମନଲୋଭା
ବାଜିଲେ ବାଦ୍ୟ ଉଠାନ୍ତି ପାଦ
ବାଳକ, ବୃଦ୍ଧ, ଯୁବା ।

ବାଲୁକା ଶିଳ୍ପୀ ବାଲି ଉପରେ
କଳା ଦିଅନ୍ତି ଲେଖି
ଆଖି ଝଲସେ ଓଡ଼ିଆଣୀର
ଝୋଟିଚିତାକୁ ଦେଖି ।

କଳା ସଂସ୍କୃତି ବିବିଧତାର
ବିପଣୀ ଏଠି ବସେ
କାରିଗରଙ୍କ ହାତକାମରେ
ଆମ ରାଇଜ ହସେ ।

କୋଟି ଓଡ଼ିଆ ମଉଡ଼ମଣି
ନୀଳକନ୍ଦରେ ବିଜେ
ସବୁଠୁ ବଡ଼ ସ୍ୱପତି ସିଏ
ଭକତେ ପ୍ରେମେ ଭିଜେ । ଅଅଅ

+ମକୁନ୍ଦପୁର,ବାଙ୍କୀ,କଟକ
ମୋ.୮୯୧୭୩୯୭୩୪୮







## ଧାରାବାହିକ ପୌରାଣିକ ଉପନ୍ୟାସ

# ଦ୍ୱିତୀୟ ସୂର୍ଯ୍ୟ


ଡ. ସିନ୍ଧୁ ସେନ




**ମହାଭାରତର ବିଭିନ୍ନ ଚରିତ୍ରକୁ ଭିନ୍ନଭିନ୍ନ ନାମରେ ନାମିତ କରି କିଛି ଉପନ୍ୟାସ ରଚନା କରିବାର ସିଦ୍ଧାନ୍ତ ନେଇଥିବା ଔପନ୍ୟାସିକା ଡ. ସିନ୍ଧୁ ସେନଙ୍କ ଦ୍ୱାରା ଲିଖିତ ଉପନ୍ୟାସ "ଦ୍ୱିତୀୟ ସୂର୍ଯ୍ୟ" । ସୂର୍ଯ୍ୟ ସକଳ ଶକ୍ତିର ଉତ୍ସ । ଜଗତର ଆତ୍ମା । ଯାହାର ଆଲୋକରେ ଆଲୋକିତ ହୋଇଥାଏ ସମଗ୍ର ବିଶ୍ୱବ୍ରହ୍ମାଣ୍ଡ । ସୃଷ୍ଟି, ସ୍ରଷ୍ଟା ସବୁକିଛିର ରହସ୍ୟ ରହିଛି ତାଙ୍କରି ଠାରେ । ଯୁଗଯୁଗ ଧରି ପୃଥିବୀବାସୀ କେବଳ ଗୋଟିଏ ସୂର୍ଯ୍ୟକୁ ଦେଖି ଆସିଛନ୍ତି, ଦେଖୁଥିବେ ମଧ । ହେଲେ ସୂର୍ଯ୍ୟର ପ୍ରତିରୂପ ଯେ ପୃଥିବୀରେ ଦିନେ ଉଦ୍‌ଭାସିତ ହୋଇଥିଲା । ତାଙ୍କୁ ନେଇ ରଚିତ ଏହି ଉପନ୍ୟାସଟି ଧ୍ୱନି ପ୍ରତିଧ୍ୱନିର ପାଠକମାନଙ୍କ ପାଇଁ...**

**ଭାଗ-୧୦**

ମୋତେ କିନ୍ତୁ ବାପାଙ୍କର ଏଭଳି ବିନମ୍ରତା ଆଉ ମହାରାଜଙ୍କ ଆକ୍ଷେପଭରା ଉକ୍ତି ଆଦୌ ସହ୍ୟ ହେଉ ନଥାଏ । ମୁଁ ଖାଲି ଭାବୁଥିଲି, ଏମିତି ବିଧିବିଧାନ ଆଉ ପରମ୍ପରାର କେବେ ଅବସାନ ହେବ । ସେଦିନ ମୋ ରକ୍ତ ତାତି ଉଠୁଥିଲା । ଇଚ୍ଛା ହେଉଥିଲା ମୋର ଧମନୀରୁ ରକ୍ତ ବାହାର କରି ଦେଖାଇ ଦିଅନ୍ତି ପ୍ରଜା ହେଲେ ବି ଆମ ରକ୍ତର ରଂଗ ରାଜାମାନଙ୍କ ରକ୍ତପରି ଲାଲ । ଆଉ ମୋ ରକ୍ତରେ ଯେଉଁ ତାତି ଭରି ରହିଛି ତହିଁରୁ ଜାତ ଶକ୍ତି, ବଳରେ ମୁଁ ବି ସେଇ ତଥାକଥିତ ସମାଜର ଚିରାଚରିତ ପ୍ରଥାକୁ ବଦଳାଇ ଦେଇପାରିବି । ରାଜାଙ୍କ ଆଗରେ ପ୍ରଜାମାନଙ୍କର ଏପ୍ରକାର ହୀନମନ୍ୟତାକୁ ମୁଁ ଆଦୌ ସହ୍ୟ କରିପାରୁ ନଥିଲି । ରାଜା ହେଉକି ପ୍ରଜା ହେଉ ସମସ୍ତେ ତ ମଣିଷ । ଆଉ ଜନ୍ମ ମଧ ମୁକ୍ତ ଭାବରେ । ତେଣୁ ରାଜା ପ୍ରଜା ମଧରେ ଏତେ ବିଭେଦ କାହିଁକି ? ଇଚ୍ଛା ହେଉଥିଲା ନିଜର ଦୁଇବାହୁର ବଳପ୍ରୟୋଗ କରି ମୁଁ ଏହି ବିଭେଦମାନ ପାଚେରିକୁ କ୍ଷଣିକରେ ଭାଂଗି ଚୁରମାର୍ କରିଦେବି । କିନ୍ତୁ ପରକ୍ଷଣରେ ନିଜକୁ ସଂଯତ କରିନେଲି ।

ନା.... ନା.... ମୁଁ ଏ କ'ଣ କରୁଛି ? ଏ ବେଳରେ ଏସବୁ ଭାବନା ମନକୁ ଆଣିବା ଠିକ୍ ନୁହେଁ । ମୋତେ ମନେରଖିବାକୁ ପଡ଼ିବ ଯେ, ମୁଁ ଜଣେ ସାମାନ୍ୟ ସୂତପୁତ୍ର । ବିଦ୍ୟାଶିକ୍ଷାର ଲକ୍ଷ୍ୟ ନେଇ ମୁଁ ଏଠି ଅନୁକମ୍ପାର ପ୍ରାର୍ଥୀ । ମହାରାଜାଙ୍କ ପାଖରେ ନମ୍ରତା ଦେଖାଇ ମୋତେ ତାଙ୍କର ଦୟାର ପାତ୍ର ହେବାକୁ ପଡ଼ିବ । ବାପା ତେଣୁ ଏଭଳି ନତମସ୍ତକ । ମୋର ମଧ ତାଙ୍କ ପୁତ୍ର ହିସାବରେ ତାଙ୍କୁ ହିଁ ଅନୁସରଣ କରିବା ଉଚିତ । ଅଯଥାରେ ମୁଁ ଅନ୍ୟକଥା ଭାବି ନିଜକୁ ଅନ୍ୟମନସ୍କ କରୁଛି ।

ମହାରାଜା ଏଥର ବାପାଙ୍କୁ ହିଁ ଲକ୍ଷ୍ୟକରି କହୁଥିଲେ, କୁହ ଅଧିରଥ, ନିରବ ରହିଲ କାହିଁକି ? ତୁମର ମୋ ଦରବାରକୁ ଆସିବାର ଅଭିପ୍ରାୟ କ'ଣ ? ଥରଥର କଣ୍ଠରେ ବାପା ମୋ ଶିକ୍ଷା ବିଷୟଟି ମହାରାଜଙ୍କ ପାଖରେ ପ୍ରସ୍ତାବ ବାଢ଼ିଲେ । ଆଉ ସେହି ଅନୁରୋଧ କରିବା ବେଳେ ବାପାଙ୍କ ଆଖିକୋଣରେ ବୋଧେ ଜମି ଆସୁଥିଲା ଆଶଙ୍କାର ଲୁହ ।

ମହାରାଜ ଏ ପ୍ରସ୍ତାବକୁ କିପରି ଗ୍ରହଣ କରିବେ, କ'ଣ ରାୟ ଦେବେ, ସେହି ଚିନ୍ତାରେ ବାପାଙ୍କ ମୁହଁ ଦିଶୁଥିଲା ଶୀର୍ଣ୍ଣ, ମଳିନ ।

ମହାରାଜ ମନ୍ତ୍ରୀ ବିଦୁରଙ୍କ ସହ ଏ ବିଷୟରେ ପରାମର୍ଶ କଲେ । ଲକ୍ଷ୍ୟକଲି ଉଭୟ ଏ ପ୍ରସ୍ତାବରେ ରାଜି । ଶେଷରେ ନିଷ୍ପତ୍ତି ହେଲା, ମୁଁ ନିଜେ ଯାଇ ଗୁରୁ ଦ୍ରୋଣଙ୍କ ପାଖରେ ଶିଷ୍ୟତ୍ୱ ପ୍ରାର୍ଥନା କରିବି । ତାଙ୍କର ଆଶିଷରେ ମୋର ଆଶା ପୂରଣ ହେବ । ଶୁଣିଥିଲି ଦ୍ରୋଣାଚାର୍ଯ୍ୟ ଏକାଧାରରେ ଅଭିମାନୀ ପୁଣି କ୍ରୋଧୀ । ତେଣୁ ମୋ ମନରେ ଶଙ୍କା ଜାଗୁଥିଲା, ମୋତେ ଶିଷ୍ୟ ଭାବେ ଗ୍ରହଣ କରିବାକୁ ସେ ରାଜି ହେବେତ ?

ମହାରାଜଙ୍କ ପାଖରୁ ଆମେ ବାପ, ପୁଅ ଦୁହେଁ ଫେରିଲୁ । ରାସ୍ତାରେ ଜଣେ ତେଜସ୍ୱୀ ବୀରପୁରୁଷଙ୍କ ସହ ଆମର ଭେଟ ହେଲା । ମୁଣ୍ଡରେ ଜଟା, ବଦନରେ ଶୁଭ୍ର ଶ୍ମଶ୍ରୁଧାରୀ ସେହି ବ୍ୟକ୍ତିଜଣଙ୍କର ବ୍ୟକ୍ତିତ୍ୱ ଲାଗୁଥିଲା କିଛି ନିଆରା । ତାଙ୍କର ଦୀର୍ଘବପୁ ମୁଖମଣ୍ଡଳର ତେଜ ଦେଖି ମୋ ମୁଣ୍ଡ ସ୍ୱତଃ ନଇଁ ଯାଉଥିଲା ତାଙ୍କ ପାଦତଳେ । ବାପା ମୋତେ ଇସାରା ଦେବା ଆଗରୁ ହିଁ, ମୁଁ ତାଙ୍କୁ ପ୍ରଣାମ କଲି । ସେହି ଅବସରରେ ବାପା ମୋତେ ପରିଚୟ କରାଇ ଦେଇ କହିଲେ, ଇଏ ହେଉଛନ୍ତି ସ୍ୱୟଂ ପିତାମହ ଭୀଷ୍ମ । ଧୋବ ଫରଫର ମୁଣ୍ଡର କେଶ ଓ ଶୁଭ୍ର ଦାଢ଼ି ତାଙ୍କର ବାର୍ଦ୍ଧକ୍ୟର ସୂଚନା ଦେଉଥିଲେ ମଧ ତାଙ୍କ ଦେହରେ ଥିଲା ଅମୀତ ବଳବୀର୍ଯ୍ୟ । ସତେଯେପରି ଚିର ନବୀନ ଯୁବକ ସେ । ବାପାଙ୍କ ଠାରୁ ଜାଣିଲି, ସେ ହିଁ ପ୍ରକୃତରେ ହସ୍ତିନାପୁରର ମହାରାଜ । କୁରୁବଂଶର ରକ୍ଷାକାରୀ, ତ୍ରାଣକର୍ତ୍ତା, ଅଧୀଶ୍ୱର । ତାଙ୍କରି ପ୍ରତିନିଧି ସାଜି ଜନ୍ମାନ୍ଧ ଧୃତରାଷ୍ଟ୍ର ରାଜକାର୍ଯ୍ୟ ଚଳାଉଥାନ୍ତି । ମହାରାଜ ପାଣ୍ଡୁଙ୍କର ମୃତ୍ୟୁପରେ ହସ୍ତିନାପୁରର ଶୂନ୍ୟ ସିଂହାସନରେ ବସିବାପାଇଁ ଜନ୍ମାନ୍ଧ ଧୃତରାଷ୍ଟ୍ରଙ୍କୁ ମିଳିଥିଲା ଅଧିକାର ।

ବାପା ମୋତେ ସେ ସମସ୍ତ କାହାଣୀ ବର୍ଣ୍ଣନା କରି ଚାଲିଥିଲେ । ପିତାମହ ଭୀଷ୍ମ କିପରି କେଉଁ ପରିସ୍ଥିତିରେ ରାଜା ହୋଇ ପାରିଲେ ନାହିଁ, ତାହା ମଧ ମୁଁ ବାପାଙ୍କ ମୁହଁରୁ ଶୁଣିଥିଲି ।

ଯାହାହେଉ ମୋର ଏବେ ଲକ୍ଷ୍ୟ ପୂରଣର ଆଶା ଉଜ୍ଜ୍ୱଳି ଉଠିଲା । ବିଦ୍ୟା ଅଧ୍ୟୟନ ପାଇଁ ରାସ୍ତା ଫିଟିଗଲା । କାରଣ ସ୍ୱୟଂ ମହାରାଜ ନୁହଁନ୍ତି ସଂଜୟ, ବିଦୁର କାକା, ପିତାମହ ଭୀଷ୍ମ ସମସ୍ତେ ହିଁ ମୋ ଅସ୍ତ୍ରଶିକ୍ଷା ସପକ୍ଷରେ ଅଛନ୍ତି । ତେଣୁ ପୁଲକରେ ମୋ ହୃଦୟ ଭରିଗଲା । ନିଜକୁ ମୁଁ କୃତକୃତ ମଣୁଥିଲି । ମୋର ହସ୍ତିନାପୁର ଆସିବା ସଫଳ ହେବ ନିଶ୍ଚିତ ।

ପିତାମହ ମୋତେ ଆଦରଭରା ସମ୍ଭାଷଣ ଜଣାଉଥିଲେ । ପ୍ରଥମ ଦେଖାରେ ହିଁ ସେ ମୋତେ ଯଶସ୍ୱୀ ହେବାର ବର ପ୍ରଦାନ କଲେ । କ୍ଷତ୍ରିୟ କୁମାରମାନଙ୍କ ସହ ଏକାଠି ବିଦ୍ୟାଶିକ୍ଷା କରିବାକୁ ସମ୍ମତି ଦେଲେ । ଭାବିଲି ପିତାମହ ଜଣେ ବେଦଜ୍ଞ ଓ ଜ୍ଞାନୀ ପୁରୁଷ । ମୋତେ ଦେଖି ସେ କ'ଣ ତେବେ, ମୋ ଭବିଷ୍ୟତ କଥା ଜାଣିପାରିଲେ । ନହେଲେ ମୋ ଦେହର ବଳବୀର୍ଯ୍ୟକୁ ମାପିପାରିଲେ କେମିତି ? ତାଙ୍କର ସେଇ ଅଭୟ ବାଣୀରେ ମୋ ହୃଦୟର ଆଶାର ରୁଦ୍ଧଦ୍ୱାରଟି ଆପେଆପେ ଫିଟିଯାଇଥିଲା । ଆଶା ଓ ସ୍ୱପ୍ନ ମଧରେ ଆମେ ପିତା, ପୁତ୍ର ଦୁହେଁ ବୁଡ଼ି ରହିଥିଲୁ । ଦୁହେଁ ଏମିତି ଅନ୍ୟମନସ୍କ ଭାବେ ଚାଲୁଚାଲୁ କେତେବେଳେ ଯେ ଆସି ଆମ ଘର ସମ୍ମୁଖରେ ପହଞ୍ଚିସାରିଛୁ ତାହା ଜାଣିପାରିଲୁ ନାହିଁ ।

- ନଅ -

ହସ୍ତିନାପୁର ରାଜଦରବାରରୁ ଅନେକ ଆଶା ଓ ସମ୍ଭାବନା ନେଇ ମୁଁ ସେଦିନ ଫେରିଲି । ଘରେ କିନ୍ତୁ ରାତିରେ ଭଲ ନିଦ ହେଲାନି । ଚେଇଁଚେଇଁ ମୁଁ ଶୋଇଥିଲି । ବାପା ଆଉ ମୁଁ ପାଖାପାଖି ଶୋଇଥିଲୁ । ବାପା ନିଦ୍ରାରେ ବୁଡ଼ି ରହିଥିଲେ । ତାଙ୍କର ଘନଘନ ନିଃଶ୍ୱାସ ମୋ ଦେହରେ ବାଜୁଥିଲା । ସ୍ନିଗ୍ଧ ଦୃଷ୍ଟିରେ ମୁଁ ତାଙ୍କୁ କେବଳ ଚାହିଁ ରହିଥିଲି । ମୋ ମନରେ ଅନେକ ଭାବାନ୍ତର । ସତରେ, ବାପା ଶବ୍ଦଟି କେତେ ମହତ୍ତ୍ୱ, ତାତ୍ପର୍ଯ୍ୟପୂର୍ଣ୍ଣ । ପିତା ବୋଲି ଶବ୍ଦଟିରେ ଏମିତି କ'ଣ ଆକର୍ଷଣ ଥାଏ ଯାହା ଟାଣିନିଏ ଠିକ୍ ଏକ ଚୁମ୍ବକ ପରି । ପିଲାଦିନେ ଚାଟଶାଳୀରେ ପାଠ ପଢୁଥିବା ବେଳେ ପାଠ ମାଆ ଠାରୁ ଶୁଣିଥିଲି ସନ୍ତାନକୁ ପାଳନ କରୁଥିବାରୁ ସେ ପିତା । କିନ୍ତୁ ଆଜି ମୁଁ ଅନୁଭବ କରୁଛି ପିତା ଏକ ଏଭଳି ଶବ୍ଦ, ଯାହାକୁ କେବଳ ଜାଣିଲେ ହେବନି ବୁଝିବାକୁ ପଡ଼ିବ । ଅନ୍ତର ଦେଇ ଅନୁଭବ କରିବାକୁ ପଡ଼ିବ । ମୋ ପାଇଁ ମୋ ବାପା ହିମାଳୟ ଠାରୁ ମହାନ୍ । ସେଇ ତ ପିତା, ଯିଏ ନିଜେ ଅନ୍ଧାରରେ ଥାଇ ସନ୍ତାନ ଘରେ ଆଲୁଅ ଜାଳିଦିଅନ୍ତି । ନିଜେ ନ ଖାଇ ସନ୍ତାନ ମୁଖରେ ଆହାର ଦିଅନ୍ତି । ନିଜେ ନ ପିନ୍ଧି ସନ୍ତାନକୁ ଘୋଡ଼ାଇ ରଖନ୍ତି । ଆପଣା ଜୀବନ ସଳିତାକୁ ତିଳତିଳ କରି ଜାଳି ଦିଅନ୍ତି ସନ୍ତାନ ପାଇଁ । ପିତା ନିଜ ସନ୍ତାନକୁ ଭାବନ୍ତି ନିଜର ଆତ୍ମା ବୋଲି । କିନ୍ତୁ ମୋ ପିତା, ଆତ୍ମା ଠାରୁ ମଧ ଅଧିକ ପ୍ରିୟତର । ହେଲେ, ମୁଁ କ'ଣ ସତରେ ତାଙ୍କର ଋଣ ଶୁଝାଇ ପାରିବି ଏ ଜନ୍ମରେ । ଶତଶତ ଶ୍ରାଦ୍ଧ ତର୍ପଣ କଲେ ମଧ କେହି କେବେ ପିତୃଋଣ ଶୁଝାଇ ପାରେନା । ଆଉ ମୁଁ ଜନ୍ମ ଜନ୍ମାନ୍ତରରେ ବି ତାଙ୍କ ଋଣଭାରରୁ ଆଦୌ ମୁକ୍ତ ହୋଇପାରିବିନି ।

ମୋ ଆଖିରେ ଆଦୌ ନିଦ ନଥିଲା । ସ୍ୱପ୍ନ ଦେଖିଲା ପରି ମୁଁ କେବଳ ବିଛଣାରେ ପଡ଼ି ରହିଥିଲି ଆଉ ମୁଗ୍ଧ ଦୃଷ୍ଟିରେ ଚାହିଁ ରହିଥିଲି ବାପାଙ୍କ ଆଡ଼କୁ । ବାପା କହୁଥିଲେ, ମୋ ଉପରେ ଅନେକ ଭବିଷ୍ୟତ ବାଣୀ କୁଆଡ଼େ ରହିଛି । ପିଲାଟିଦିନୁ ମୋତେ ଦେଖି ଜ୍ୟୋତିଷ କୁଆଡ଼େ ମୋ ଉଜ୍ଜ୍ୱଳ ଭବିଷ୍ୟତ ସମ୍ବନ୍ଧରେ ଅନେକ କଥା କହିଥିଲେ । ତେଣୁ ମୁଁ ମଧ ସେ ନେଇ ଥିଲି ଆଶାବାଦୀ । ମୋ ଶିରା ପ୍ରଶିରାରେ ଉଷୁମ ରକ୍ତର ପ୍ରବାହ । ଫୁଲିଲା ଫୁଲିଲା ମାଂସପେଶୀ ମୋର ଅଭିମାନରେ ଜର୍ଜରିତ । ମନ ମଧରେ ଅଶାନ୍ତ ପ୍ରଭଞ୍ଜନ । ମୋ ରକ୍ତର ପ୍ରତିଟି କୋଷ ଅତ୍ୟାଚାର ଜ୍ୱାଳାରେ ଜର୍ଜରିତ । ମୋ ଅଭିମାନୀ ମନ ତଥାକଥିତ ସମାଜର ଅତ୍ୟାଚାର ସହିବାକୁ ପ୍ରସ୍ତୁତ ନୁହେଁ । ଅନ୍ୟାୟକୁ ଜାଳିପୋଡ଼ି ଧ୍ୱଂସକରି ସ୍ତୁପୀକୃତ ପାଉଁଶ ଗଦା ଉପରେ ଛିଡ଼ା ହୋଇ ଦେଖାଇ ଦିଅନ୍ତି । ଏଠି ରାଜା କିଏ ? ପ୍ରଜା କିଏ ? ଥରୁଟିଏ ଯଦି ରାଜ ସିଂହାସନରେ ବସିବାର ଅଧିକାର ପାଆନ୍ତି, ତେବେ ଦେଖାଇ ଦିଅନ୍ତି କେବଳ ରାଜରକ୍ତରେ ଜନ୍ମନେଲେ କେହି କେବେ ରାଜା ହୁଏନି । ରାଜା ସେଇ, ଯିଏ ପ୍ରଜାର ହୃଦୟକୁ ଜୟ କରିପାରେ । ପ୍ରଜାର ଆତ୍ମାକୁ ପରଖି ପାରେ । ପୁତ୍ରବତ୍ ଶ୍ରଦ୍ଧା ଡୋରିରେ ବାନ୍ଧିରଖେ । କିନ୍ତୁ ମୁଁ ଯେ ଏବେବି ସେ ସୋପାନରେ ଅନେକ ପଛରେ ପଡ଼ିଛି ।

ଏମିତି ଏକ ମାନସିକ ସନ୍ତୁଳନ ମଧରେ ସେଦିନ ମୁଁ କେତେବେଳେ ଯେ ନିଦ୍ରା ଯାଇଛି ଜାଣେନା ।

ପରଦିନ ପାହାନ୍ତାରେ ବାପାଙ୍କ ଡାକରେ ମୋ ନିଦ ଭାଂଗିଲା ।

ବସୁ ଶୀଘ୍ର ଉଠିପଡ଼ । ଆମକୁ ଆଜି ପରା ଆଚାର୍ଯ୍ୟଙ୍କ ସହ ସାକ୍ଷାତ କରିବାକୁ ପଡ଼ିବ ।

ମୋ ଝରକା ଆରପଟେ ସୂର୍ଯ୍ୟଦେବ ସତେଯେମିତି ମୋତେ ଚାହିଁ ହସୁଥିଲେ । ଖରାର ତେଜରୁ ବେଳ ଯେ ଅନେକ ହେଲାଣି । ତାହା ବେଶ୍ ବୁଝା ପଡୁଥିଲା ।

ମୋ ବାପା ଥିଲେ ଖୁବ୍ ନୀତିଜ୍ଞ ବ୍ୟକ୍ତି । କୌଣସି ଶୁଭକାମରେ ଯିବା ପୂର୍ବରୁ ବାପା ସବୁବେଳେ ଲଗ୍ନ ସ୍ଥିର କରିଥାନ୍ତି । ସେହି ଅନୁଯାୟୀ ମୋତେ ସେଦିନ ରାତିରେ ଠିକ୍ ସୂର୍ଯ୍ୟୋଦୟର ପରେପରେ ହିଁ ପ୍ରସ୍ତୁତ ହେବାକୁ ନିର୍ଦ୍ଦେଶ ଦେଇଥିଲେ । ଅଥଚ ମୁଁ ନିଜେ ହିଁ ନିର୍ଦ୍ଦିଷ୍ଟ ବେଳାକୁ ଗଡ଼ାଇ ଦେଇଥିଲି ।



ତରତରରେ ନିତ୍ୟକର୍ମ ସାରି ବାହାରି ପଡ଼ିଲି । ଯିବାପୂର୍ବରୁ ମନେମନେ ସୂର୍ଯ୍ୟଦେବଙ୍କୁ ପ୍ରଣାମ କରି ଜଣାଇଲି, ହେ ସୂର୍ଯ୍ୟଦେବ ଆଶୀର୍ବାଦ କର । ମୁଁ ଯେମିତି ସଫଳତାର ସହ ଫେରିଆସେ ।

ଦ୍ରୋଣାଚାର୍ଯ୍ୟ, କେବଳ ଏକ ନାମଟିଏ ନୁହେଁ । ନାମଟିକୁ ଉଚ୍ଚାରଣ କରିବା ମାତ୍ରେ ହିଁ କେମିତି ଏକ ଭକ୍ତିଭାବ ଜାଗିଉଠେ ମନରେ । ବାପା କହନ୍ତି ଦ୍ରୋଣାଚାର୍ଯ୍ୟ ତାଙ୍କ ପରିବାର ସହ ରାଜଭବନ ମଧରେ ହିଁ ଅବସ୍ଥାନ କରନ୍ତି, ଅଥଚ ଗୁରୁକୁଳ ତାଙ୍କର ରାଜଭବନର ବାହାରେ ମୁକ୍ତ ପରିବେଶ ମଧରେ । ଏକ ଶାନ୍ତ କମନୀୟ ପରିବେଶ ମଧରେ ଅବସ୍ଥିତ ତାଙ୍କର ତପୋବନ ବାସ୍ତବରେ ଆକର୍ଷିତ କରୁଥିଲା ଶିଷ୍ୟମାନଙ୍କୁ । ମହାରାଜଙ୍କ ତରଫରୁ ରାଜଭବନରେ ତାଙ୍କପାଇଁ ସ୍ୱତନ୍ତ୍ର ଆତିଥ୍ୟ ପ୍ରଦାନ କରାଯାଉଥିଲା । ଖାଦ୍ୟପେୟ, ବାସ, ବସ୍ତ୍ର ସମସ୍ତ ବ୍ୟବସ୍ଥା କରାଯାଉଥିଲା ରାଜଭବନ ତରଫରୁ । ରାଜକୁମାର ମାନଙ୍କର ସେ ଥିଲେ ଗୃହଶିକ୍ଷକ । ତେଣୁ ରାଜଭବନର ଅନ୍ୟାନ୍ୟ ଅତିଥିମାନଙ୍କ ଠାରୁ ତାଙ୍କର ସମ୍ମାନ ଥିଲା ସ୍ୱତନ୍ତ୍ର । କେବଳ ସେତିକି ନୁହେଁ, ଅନ୍ୟାନ୍ୟ ରାଜକର୍ମଚାରୀ ମାନଙ୍କ ଠାରୁ ଦ୍ରୋଣାଚାର୍ଯ୍ୟଙ୍କ ସମ୍ମାନ ଥିଲା ଅନେକ ଉର୍ଦ୍ଧ୍ୱରେ । ସହଜେ ସେ ଭରଦ୍ୱାଜ ଋଷିଙ୍କ ପୁତ୍ର । ପୁଣି ସମଗ୍ର ଆର୍ଯ୍ୟାବର୍ତ୍ତରେ ଜଣେ ବିଶିଷ୍ଟ ଶାସ୍ତ୍ରଜ୍ଞ ଓ ବିଦ୍ୱାନ ଭାବେ ଥିଲେ ଆଦୃତ । ଏକାଧାରରେ ଯୁଦ୍ଧ ବିଶାରଦ, ଅସ୍ତ୍ରଶସ୍ତ୍ର ଚାଳନାରେ ପାରଙ୍ଗମ ପୁଣି ପରଶୁରାମଙ୍କ ପରି ମହାଜ୍ଞାନୀ ତପସ୍ୱୀଙ୍କ ଶିଷ୍ୟ । ଏଭଳି ବିରଳ ଯୋଗ୍ୟତାର ଅଧିକାରୀ ବୋଧହୁଏ ସମଗ୍ର ଆର୍ଯ୍ୟାବର୍ତ୍ତରେ ଆଉ କାହାରି ଠାରେ ନଥିଲା । ତେଣୁ, ତାଙ୍କର ଶିଷ୍ୟତ୍ୱ ଗ୍ରହଣ ପାଇଁ ବିଭିନ୍ନ ଦେଶର ରାଜକୁମାର ମାନଙ୍କ ମଧରେ ହେଉଥିଲା ପ୍ରତିଯୋଗିତା । ଏଭଳି ଜଣେ ସୁପୁରୁଷଙ୍କ ପାଇଁ ହସ୍ତିନାପୁରବାସୀ ଗର୍ବିତ । ପୁଣି ରାଜକୁମାରମାନଙ୍କ ପାଇଁ ଏଭଳି ଶ୍ରେଷ୍ଠ ଗୁରୁ ପାଇବା ଭାଗ୍ୟର ନିର୍ଦ୍ଦେଶ ମଧ । ତେବେ, ଏଯାବତ୍ ତାଙ୍କର ଯେତେ ଶିଷ୍ୟ ଅଛନ୍ତି ସମସ୍ତେ ହିଁ କ୍ଷତ୍ରିୟ । ତେଣୁ ମୋ ମନରେ ଅନ୍ତର୍ଦ୍ୱନ୍ଦ୍ୱ । ସତରେ କ'ଣ ମୋ ପରି ଜଣେ ସୂତପୁତ୍ର ଆଚାର୍ଯ୍ୟଙ୍କ ଶିଷ୍ୟତ୍ୱ ପାଇଁ ଯୋଗ୍ୟ ହୋଇପାରିବ ? କିଏ ଜାଣେ, ମୋ ଆଶା... ଆକାଂକ୍ଷା... ସ୍ୱପ୍ନ ଆଉ ଧୂଳିସାତ୍ ହୋଇଯିବନି ତ ?

(କ୍ରମଶଃ)


ବାରବାଟୀ, ବାଲେଶ୍ୱର,
(ମୋ) ୯୯୩୭୪୬୮୪୩୨


# ଧଳା ବାଳବାଳା ରାଜକୁମାର.....




ରଶ୍ମିତା ଦାସ


ସ୍ନେହାକୁ ତା ଆଈ ବହୁତ ପ୍ରିୟ । ତାଙ୍କ ଘରକୁ ଗଲେ କିମ୍ବା ଆଈ ଘରକୁ ଆସିଲେ ଆଈଠାରୁ ଗଳ୍ପ ଶୁଣିବାରେ ତାର ବହୁତ ଖୁସି । ସନ୍ଧ୍ୟା ସମୟ ହେଲେ ସ୍ନେହା ଆଉ ଆଈର ପାଖ ଛାଡେନି...

ସେଦିନ ଆଈଙ୍କ ଗଳ୍ପରେ ରାଜକୁମାର ଓ ରାଜକୁମାରୀଙ୍କ ବିବାହ ପ୍ରସଙ୍ଗ ଥିଲା । ଗଳ୍ପ ଶେଷ ନହେଉଣୁ ସ୍ନେହା କହି ଉଠିଲା...ଆଈ ମୁଁ ବି ରାଜକୁମାରକୁ ହିଁ ବହାହେବି । ଯିଏକି ଦେଖିବାକୁ ଅତୀବ ସୁନ୍ଦର ହୋଇଥିବ ।

ସ୍ନେହା ତ ସେତେବେଳେ ଛୋଟ ପିଲା !

ଏ ବିଷୟରେ କଣ ବା ଜାଣିଛି ? ହେଲେ ଆଈଙ୍କ ମନରେ କଥାଟା ଗଣ୍ଠି ହେଇ ବାନ୍ଧିଯାଇଥିଲା । ମୋ ଥିବା ଭିତରେ ବାହାଘର ହେଲା ଯଦି ରାଜକୁମାର ନମିଳିବା ଯାଏଁ ନାତୁଣୀର ବାହାଘର କରେଇ ଦେବିନି....

ସ୍ନେହା ଏବେ ବଡ଼ ହେଲାଣି...

ବାହାରେ ହଷ୍ଟେଲରେ ରହି ପାଠ ପଢୁଥାଏ । ଏବର୍ଷ ତ ସ୍ନେହାର ଲାଷ୍ଟ ଇଆର୍ । ତାପାଇଁ ଗୋଟେ ଗୋଟେ କରି ପ୍ରସ୍ତାବ ବି ଆସିବାରେ ଲାଗିଲାଣି । ସେଦିନ ଆଈ ଘରକୁ ଆସିଥିଲେ, ସ୍ନେହା କିନ୍ତୁ ଘରେ ନଥିଲା । ଆଉ ସେଇ ସମୟରେ ତାପାଇଁ ଗୋଟିଏ ପ୍ରସ୍ତାବ ଆସିଥିଲା । ବାପା ବୋଉ ଓ ପରିବାରର ସମସ୍ତ ସଦସ୍ୟମାନେ ଶୁଣି ବହୁତ ଖୁସି ...

ଭଲ ବର, ଭଲଘର, ଗଭରମେଣ୍ଟ ହାଇ ସ୍କୁଲରେ ମାଷ୍ଟ୍ରର୍ ଚାକିରୀଟିଏ କରିଛି । ଦେଖିବାକୁ ରାଜପୁତ୍ର ପରି । ଫୋଟୋ ବି ସମସ୍ତେ ଦେଖିଲେ ସମସ୍ତଙ୍କ ମନରେ ଖୁସି ଭରିଗଲା ।

ଯାହା ହେଉ, ଝିଅ ଆମର ଖୁସିରେ ରହିବ !!

ଏଥର ମଧ୍ୟସ୍ଥ କହିଲେ....

ପୁଅର ସବୁ ଭଲ ଯେ... ହେଲେ ଗୋଟିଏ ଗୁଣରେ ଖୁଣ ଅଛି....

ପରିବାରର ସମସ୍ତେ ଆଶ୍ଚର୍ଯ୍ୟ ହେଇ ମଧ୍ୟସ୍ଥର ମୁହଁକୁ ଚାହିଁ ରହିଥିଲେ ।

ସେ ଖୁଣଟି କ'ଣ ହେଇପାରେ ?

ପରସ୍ପର ପରସ୍ପରଙ୍କ ମୁହଁକୁ ଅନେଇ ହେଉଥାନ୍ତି ।

: ଆରେ ବ୍ୟସ୍ତ ହୁଅନି ମ, ସେମିତି କିଛି ନୁହଁ, ପୁଅର ମୁଣ୍ଡରେ କିଛି ବାଳ ଧଳା ହେଇଯାଇଛି ତ, ଭାବିଲି ଲୁଚେଇ ରଖି ଲାଭ କ'ଣ ? ଶୁଣିସାରି ଆପଣମାନେ ଯାହା ବିବେଚନା କରିବେ....

ଏକଥା ଶୁଣି ସମସ୍ତେ ଟିକେ ରିଲାକ୍ସ ହେଲେ....ଓହୋ ଏଇ କଥା ତ!!!!!

ହେଲେ ଆଈଙ୍କ ମନରେ ଏ କଥା ଗଣ୍ଠି ବାନ୍ଧି ହେଇ ଗଲା । ମୁଣ୍ଡରେ ଚଡ଼କ ବି ପଡିଲା । ଏକଥା ସ୍ନେହାର କାନକୁ ଦେବା ନିହାତି ଜରୁରୀ । ଜଣାନାହିଁ ତାର ରିଏକସନ୍ କ'ଣ ହେବ ?

ସେତ ରାଜକୁମାରକୁ ସ୍ୱପ୍ନ ଦେଖେ!!! ଏମିତି ଖୁଣ ରହିଲେ ସେ ସ୍ନେହାର ସ୍ୱପ୍ନର ରାଜକୁମାର ହେବ କେମିତି ????

ଏବେ ଆଈର ଯିବା ସମୟ ହେଲା । ମାମୁଁ ତାଙ୍କୁ ନେବାକୁ ଆସିଲେ । ଆଈ କିନ୍ତୁ ଯିବାକୁ ନାରାଜ.....

ଆରେ ସ୍ନେହା ତ ଘରକୁ ଆସିନି ତାକୁ ନଦେଖି ଯିବି କେମିତି ?

ବାହାନା ତ ସେଇଟା ଥିଲା ହେଲେ ପ୍ରକୃତ କଥା ସ୍ନେହାକୁ ଏ ବିଷୟରେ କହିବା ପାଇଁ ବୁଢ଼ୀର ମନ ସକ୍ ବକ୍...

ସେ ଚାଲିଗଲେ କାଳେ ଯଦି ଏକଥା କେହି ତାକୁ ନକହନ୍ତି ...

ଏକଥା ଝିଅ ଜ୍ୱାଇଁଙ୍କ ଆଗରେ ବି ବୁଢ଼ୀ କହିପାରୁନଥିଲା । ଖାଲି ଦିନ ଗଣି ହେଉଥାଏ । ଜ୍ୱାଇଁ ଶୁଣିଲେ ନିଶ୍ଚୟ ବିରକ୍ତି ହେବେ । ସେ ତ ଏମିତି କଥାରେ ବିଶ୍ୱାସ କରନ୍ତି ନାହିଁ ।

ନାତୁଣୀକୁ କହିଦେଲେ ଛୁଟି...

ସେ ତାର ବୁଝିବ, ରାଜକୁମାରକୁ ବାହା ହେଉ କି ପାକିଲା ବାଳିଆକୁ!!!

ଚାହୁଁ ଚାହୁଁ ସ୍ନେହାର ଆସିବା ଦିନ ହେଲା । ଦିନ ଏଗାରରେ ପହଞ୍ଚି ସେ ଡ୍ରେସ୍‌ପଟା ବଦଳେଇ ଖାଇ ସାରି ଉପର ରୁମ୍‌କୁ ଗଲା ବେଳେ ବୁଢ଼ୀ ତା ପଛେ ପଛେ ଗଲା । ସ୍ନେହା ଆଈକୁ ଦେଖି ବସିବାକୁ କହିଲା । ପ୍ରକୃତରେ ଆଈ ସ୍ନେହାର ବହୁତ ପ୍ରିୟ ଥିଲେ । ସାଧାରଣତଃ ଆଈମାନେ ନାତି ନାତୁଣୀକୁ ଅଧିକ ଭଲ ପାଆନ୍ତି । ହେଲେ ଏଦୁହିଁଙ୍କ କଥା ଆଉଟିକେ ନିଆରା । ଅନେକ ଯତ୍ନ ନିଅନ୍ତି ଦୁହେଁ ଦୁହିଁଙ୍କର ।

ପରସ୍ପରର ଭଲ ମନ୍ଦ ବୁଝୁ ବୁଝୁ ବୁଢ଼ୀ ସୁଯୋଗ ଦେଖି ନାତୁଣୀକୁ ସେ କଥା କହିଲା....

ଜାଣିଛୁ ଲୋ ସ୍ନେହା ତୋ ପାଇଁ ଗୋଟିଏ ଭଲ ପ୍ରସ୍ତାବ ଆସିଛି । ସରକାରୀ ଚାକିରି ବି କରିଛି । ଘରବି ବହୁତ ଭଲ । ତା ଫୋଟୋ ମୁଁ ଦେଖିଛି ତୋ ସ୍ୱପ୍ନର ରାଜକୁମାର ପରି । ହେଲେ ତାର ଏକ ମସ୍ତ ବଡ଼ ଖୁଣ । ତୁ ଚିନ୍ତା କରନା ମୁଁ ଅଛି ପରା ! ଯାହା କରିବାକୁ ପଡିବ କରିବି । ନିଜ ଇଚ୍ଛା ବିରୁଦ୍ଧରେ କେବେବି ହଁ କରିବୁନି.... ତୁ ତ ମୋର ଗେହ୍ଲା ନାତୁଣୀ । ମୁଁ ତୋପାଇଁ ଗାଳି ଶୁଣିନେବି ପଛକେ ତୋ ଇଚ୍ଛା ବିରୁଦ୍ଧରେ ବାହା ହେବାକୁ ଦେବିନି .....

ଏଥର ସ୍ନେହା ଚିନ୍ତାରେ ....

ତାର ଏମିତି କଣ ଖୁଣ ଅଛିକି ଆଈ ????

କହିଲେ ସିନା ଜାଣିବି ଚୋର କି ଡାକୁ.....

ଏତେ ଚିନ୍ତା କାହିଁକି କରୁଛ ? କହୁନ ମୋତେ... ଆଈ କହିଲେ....'ନାଇଁ ଲୋ ସ୍ନେହା ସେମିତି କିଛି ନୁହେଁ, ମୁଁ ଶୁଣିଥିଲି ତୋତେ ଯୋଉ ବର ଲାଗିଛି ତା ମୁଣ୍ଡରେ କିଛି ବାଳ ଧଳା ହେଇଯାଇଛି' ।

ବୁଢାଟା କି ହୋ!!!!

ଟୋକାଟାର ବାଳ ଧଳା ହେବ କାହିଁକି ???

ତୋର ବାହା ହବାର ଅଛି ତ ହ, ମୋର ଖାଲି ତୋତେ ଜଣେଇ ଦେବାର ଥିଲା । କାଳେ କିଏ ତୋତେ କହିବେ ନକହିବେ....



ହେଲେ ଇଚ୍ଛା ନଥିଲେ ରୋକ୍‌ଠୋକ୍ ମନା କରିଦେବୁ । ଆଈର କଥା ଶୁଣି ସ୍ନେହା ଫେକ୍ କିନା ହସି ପକେଇଲା

ତା ହସ ଦେଖି ଆଈ ଅବାକ୍.... ପାଗିଳିଟା କି ?

ସ୍ନେହା କହିଲା ...ଆରେ ଏମିତି କଥାକି ଆଈ!!!

ଆରେ, ଏଇଟା ବୟସର ନୁହଁ ଏଇଟା ଦୂଷିତ ପରିବେଶ ଓ ପାଣିର ଦୋଷ । କଳ କାରଖାନା, ଗାଡି ମୋଟରର ଧୂଆଁ ପାଣି ଓ ଖାଦ୍ୟରେ ସାର ଔଷଧ ପାଇଁ ଆଜିକାଲି ଛୋଟ ପିଲାର ବି ମୁଣ୍ଡରେ ଛୁଟି ଧଳା ହେଇ ଯାଉଛି । ହେଇ ଦେଖୁନ ମୋ ମୁଣ୍ଡରେ ବି କିଛିଟା ଅଛି । ଏ ସବୁ ଧଳା ବାଳ କଳା ହେଇ ପାରିବ ରଙ୍ଗ ଲଗେଇ ଦେଲେ ।

ଆଈ ଆଚମ୍ଭିତ ହେଇ କହିଲେ ସତେକି ଆଜିକାଲି ଏମିତି ହେଉଛି ??

ଆମ ସମୟରେ ତ ଏମିତି ନଥିଲା କି ଯୁଗ ହେଲା ଲୋ ମା!!!!

ଆରେ ବାଃ, ତାହାଲେ ତ ବୁଢା ରାଜକୁମାରକୁ ବୁଢ଼ୀ ରାଜକୁମାରୀ ଯୋଡିଟା ଜମିବ ଆଉ....

ଏଥର ବୁଢ଼ୀ ଶାନ୍ତିରେ ନିଃଶ୍ୱାସଟେ ମାରିଲା ଓ ଆତ୍ମ ତୃପ୍ତିରେ ଘରକୁ ଫେରିଲ ।।

+ Hydrabad

## ଆଜିର କବିତା



### ପ୍ରେମ ମୋ ଅଛୁଆଁ


ସନ୍ଧ୍ୟାରାଣୀ ଦାସ


ଏଇ ମୁହୂର୍ତ୍ତରେ
ପ୍ରୀତିଲଗ୍ନା !!
ଭାରି ମନେ ପଡୁଛ ତୁମେ
କାହିଁକି କେଜାଣି
ମନ୍ଦିରର ସନ୍ଧ୍ୟା ଆଳତି ରେ
ପୁଣି ଗୋଧୂଳି ଲଗ୍ନରେ
ଭରିଯାଏ ମୋର ସ୍ମୃତିପୁଷ୍ପ
ଫର୍ଦ୍ଦ ପରେ ଫର୍ଦ୍ଦ..
ତୁମର ସେ ମନଲୋଭା ଚାହାଣୀ
ଆଉ ଆମର ସେ ଅଧାଗଢ଼ା କାହାଣୀ
ଯେଉଁଥିରେ ନାହିଁ କିଛି ପୂର୍ଣ୍ଣତା..
କେବଳ ଅଛି ଅପୂର୍ଣ୍ଣତତାର ଡ଼ହଡହ ତାତି..
ଦୂରତ୍ୱକୁ ସିନା ବାନ୍ଧି ଦେଇଛି
ଏ ବେତାର ଯନ୍ତ୍ର
ଫୁଙ୍କିଛି କାନରେ ଅନେକ ମନ୍ତ୍ର
ଭଲ ପାଇବାର...ସ୍ନେହ ଶ୍ରଦ୍ଧାର
ଆତ୍ମମଗ୍ନ ହୋଇଯାଏ ମୁଁ
ଯେତେବେଳେ ମୁଁ ଭାବି ବସେ
ତୁମର ମୋର
ଅଦୃଶ୍ୟ ଏ ପ୍ରେମ
ଅଦୃଶ୍ୟ ଏ ସମ୍ପର୍କ
ଅଦୃଶ୍ୟ ମିଳନ
ଠିକ୍ ବାୟୁମଣ୍ଡଳର ଧୂଳିକଣାଟିଏ ପରି
ଏକଦମ୍ ଅସ୍ପଷ୍ଟ...
ମନ କଥା ରହିଯାଏ ମନେ
ଏବେ୍ବି ଲାଗେ ତୁମେ
ମୋ ପାଇଁ ଅଦୃଶ୍ୟ
ଅପ୍ରାପ୍ତ ଅସ୍ପର୍ଶ ମଧ..
ସତରେ କଣ କେବେ
ମିଳେ ସେ ପୂର୍ଣ୍ଣତା,
ସେ ଭାବବିହ୍ୱଳତା
କେବଳ କଥାବାର୍ତ୍ତାରେ..???

ମନ ହୁଏ ଥରେ ତୁମକୁ
ସ୍ପର୍ଶ କରିବାକୁ
ତୁମ ମଥା ଚୁମିବାକୁ
ଆଉ ତୁମକୁ ସମ୍ପୂର୍ଣ୍ଣ ଭାବେ ଆବୋରି ନେବାକୁ..
ଉଦାସୀ ମନ କେବଳ ଖୋଜୁଥାଏ
ତୁମର ଅସ୍ତିତ୍ୱ..
ଏଠି, ସେଠି, ସବୁଠି..
କିନ୍ତୁ ତୁମ ଛବି, ତୁମ ସ୍ୱର
ସବୁ କିଛି ତ କଏଦ ସେଇ
ଯନ୍ତ୍ର ପ୍ରତିମାରେ..
କେବେ ହୁଅନ୍ତା କି ଏମିତି
ମୁଁ ଗପୁଥିବି
ଆଉ ତୁମେ ଅଚାନକ
ଆସିବ ବାହାରି ତନ୍ମଧରୁ..
ଆବୋରି ନେବ
ମୋତେ ଆଉ ମୋର ଅଦୃଶ୍ୟ ଭାବନା ସବୁକୁ...

### ମୁଁ ଜଣେ କୃଷକ


ରତ୍ନକାନ୍ତି ମିଶ୍ର




ରିକ୍ତ ରାତିର ଯେବେ
ସରଇ ଆୟୂଷ
ପ୍ରତୀକ୍ଷିତ ପ୍ରତ୍ୟୁଷରେ
ଖେଳେ ମୁହେଁ ହସ ।
କାନ୍ଧରେ କୋଡ଼ି କୋଦାଳ
ଲଙ୍ଗଳ ପକାଇ
ବାହାରେ ମୁଁ କର୍ମଯୋଗୀ
ପ୍ରଭୁ ନାମ ଧ୍ୟାୟୀ ।
ନିତିଦିନ କର୍ମଭୂମି
ସେଇ ମୋର କ୍ଷେତେ
ସରଗ ସୁଷମା ଆଣି
ବୁଣିଦିଏ ସତେ ।
ଗଢିବା ପାଇଁକି ଏକ
ସୁନାର ଧରିତ୍ରୀ
ପ୍ରାଣପଣେ ଚେଷ୍ଟା କରେ
ମୁହିଁ ଦିବାରାତ୍ରି ।
ଅନୁଭବେ ଏମାଟିର
ଯୋଦ୍ଧାଟିଏ ମୁହିଁ
ଖାଦ୍ୟ ବସ୍ତ୍ର ଯୋଗାଣରେ
ହେଳା କରେ ନାହିଁ ।
ମୁଣ୍ଡ ଝାଳ ତୁଣ୍ଡେ ମାରି
ରକତ ବୁହାଏ
ଗରିବଠୁ ଧନୀଙ୍କର
ଭୋକକୁ ମେଣ୍ଟାଏ ।
ପାଉଥିବି ଏଇ ସୁଖ
ମୋ ଜୀବନ ଯାକ
କହୁଥିବି ଗର୍ବେ ମୁହିଁ
ମୁଁ ଜଣେ କୃଷକ ।


ଆଳି, କେନ୍ଦ୍ରାପଡ଼ା

# ବିଜୁ ଯୁବ ବାହିନୀ ଅର୍ଥର ଅଡିଟ୍ ଦାବିରେ ଏଜିଙ୍କୁ ଭେଟିଲା ବିଜେପି ଯୁବମୋର୍ଚ୍ଚା

ଭୁବନେଶ୍ୱର,୧୭।୩(ନି.ପ୍ର): ଗତ ୨୦୧୯ ସାଧାରଣ ନିର୍ବାଚନ ଜିତିବା ପାଇଁ ଶାସକ ବିଜେଡି କୋଟି କୋଟି ଟଙ୍କା ବ୍ୟୟ କରି ବିଜୁଯୁବ ବାହିନୀ ଗଠନ କରିଥିଲେ । ଓଡିଶା ଲୋକଙ୍କ ଝାଳବୁହା ପଇସା ଓ କରଦାତାଙ୍କ ଟିକସ ଅର୍ଥରେ ନିଜ ରାଜନୈତିକ ଫାଇଦା ହାସଲ କରିବା ପାଇଁ ଶାସକ ବିଜେଡି ଯୁବକମାନଙ୍କୁ ବ୍ୟବହାର କରିଥିଲା । ଏବେ ଯୁବ ବାହିନୀକୁ ରାଜ୍ୟ ସରକାର ବନ୍ଦ କରି ଲକ୍ଷ ଲକ୍ଷ ଯୁବକ ଯୁବତୀମାନଙ୍କ ଭବିଷ୍ୟତକୁ ଅନ୍ଧକାର ଭିତରକୁ ଠେଲି ଦେଇଛନ୍ତି । ଯୁବ ବାହିନୀ ନାଁରେ ବିଗତ ତିନି ବର୍ଷରେ ୪୫୦ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ କରି ଦଳୀୟ ପ୍ରଚାର ପାଇଁ ରାଜ୍ୟ ରାଜକୋଷରୁ ଖର୍ଚ୍ଚ କରାଯାଇଥିବା ଅର୍ଥର ଅଡିଟ କରିବା ଦାବିରେ ରାଜ୍ୟ ଯୁବମୋର୍ଚ୍ଚା ସଭାପତି ଶ୍ରୀ ଇରାସିସ ଆଚାର୍ଯ୍ୟଙ୍କ ନେତୃତ୍ୱରେ ଏକ ପ୍ରତିନିଧୀ ଦଳ ପ୍ରଧାନ ମହାଲାଖାଗାରଙ୍କୁ ଭେଟି ସ୍ମାରକପତ୍ର ପ୍ରଦାନ କରିଛି । ରାଜ୍ୟ ସରକାର ବିଜୁଯୁବ ବାହିନୀ କାହିଁକି ଗଠନ କରିଥିଲେ ? ଯୁବ ବାହିନୀ ନାଁରେ ବିଗତ ତିନିବର୍ଷରେ ୪୫୦ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ କରି ଦଳୀୟ ପ୍ରଚାର ପାଇଁ ରାଜକୋଷରୁ ଖର୍ଚ୍ଚ କରି ଓଡିଶାବାସୀଙ୍କୁ ପ୍ରତାରିତ କରିଛନ୍ତି ବୋଲି ରାଜ୍ୟ ଯୁବମୋର୍ଚ୍ଚା ସଭାପତି ଶ୍ରୀ ଇରାସିସ ଆଚାର୍ଯ୍ୟ ଅଭିଯୋଗ କରିଛନ୍ତି । ୨୦୧୩ ଷ୍ଟେଟ ଯୁଥ ପଲିସିକୁ ଆଧାର କରି ଯୁବ ଏବଂ କ୍ରୀଡା ମନ୍ତ୍ରାଳୟ "ବିଜୁ ଯୁବ ଶକ୍ତିକରଣ ଯୋଜନା" ତିଆରି କରିଥିଲେ ତାକୁ ଆହୁରି କ୍ରିୟାଶୀଳ କରିବା ପାଇଁ ବିଜୁ ଯୁବ ବାହିନୀ ଗଠନ କରିଥିଲେ । ୧୪ ମାର୍ଚ୍ଚ ୨୦୧୮ ରେ କ୍ୟାବିନେଟ୍ ବୈଠକରେ ଏହା ପାରିତ ହୋଇଥିଲା । ସେତେବେଳେ କୁହାଗଲା ଓଡିଶାରେ ୮୦୦୦ ଯୁବ ବାହିନୀ ତିଆରି ହେବେ । ୬୭୯୮ ଗ୍ରାମ ପଂଚାୟତ ତଥା ୧୧୪ ଏନଏସି ଓ ମ୍ୟୁନିସପାଲିଟି ପାଇଁ ଆଗାମୀ ତିନିବର୍ଷ ପାଇଁ ପ୍ରାୟ ୪୫୦ କୋଟି ଟଙ୍କା ବଜେଟ୍‌ର ପ୍ରାବଧାନ କରାଗଲା । ମୁଖ୍ୟମନ୍ତ୍ରୀ ଏହି ଯୋଜନା ଘୋଷଣା କଲାବେଳେ କହିଥିଲେ, ବିଜୁ ଯୁବ ବାହିନୀ ଯୁବବର୍ଗଙ୍କ ମଧ୍ୟରେ ସାମାଜିକ ମୂଲ୍ୟବୋଧ, ଦାୟିତ୍ୱ ବୋଧ, ସମାଜ ସେବା, ନେତୃତ୍ୱ ଗଠନରେ ଉଲ୍ଲେଖନୀୟ କାର୍ଯ୍ୟ ଗ୍ରହଣ କରିବ । ଯୁବ ବାହିନୀର ଗୁଣ୍ଡାମାନେ ବାଇକ ଚୋରି କରିବା, ସାମ୍ବାଦିକଙ୍କୁ ମାଡ ମାରିବା, ଥାନାରେ ପଶି ପୋଲିସଙ୍କୁ ଆକ୍ରମଣ କରିବା, ନିର୍ବାଚନ ବେଳେ ଲୋକଙ୍କୁ ଟଙ୍କା ବାଂଟି ଭୋଟ ହାତେଇବା ଆଦି କାର୍ଯ୍ୟ କରିଥିଲେ ବୋଲି ଶ୍ରୀ ଆଚାର୍ଯ୍ୟ ଅଭିଯୋଗ କରିଛନ୍ତି । ସିଏଜିଙ୍କ ନିର୍ଦ୍ଦେଶ ସତ୍ତ୍ୱେ ରାଜ୍ୟ ସରକାର ୨୦୧୮ରେ ହକି ବିଶ୍ୱକପ ଆଳ ଦେଖାଇ ବିଜୁ ଯୁବ ବାହିନୀ ଅର୍ଥର ଅଡିଟ୍ କରିନଥିଲେ । ଏବେ ଓଡିଶାର ଜନତାଙ୍କ ସ୍ୱାର୍ଥକୁ ପ୍ରାଧାନ୍ୟ ଦେଇ ବିଜୁଯୁବ ବାହିନୀର ଅର୍ଥକୁ ଅଡିଟ କରିବା ପାଇଁ ପ୍ରତିନିଧୀ ଦଳ ପ୍ରଧାନ ମହାଲାଖାଗାରଙ୍କୁ ନିବେଦନ କରିଛନ୍ତି ଏବଂ ଏହା ସହ ସାଢେ ୪ କୋଟି ଓଡିଆ ଏହାର ସୋସିଆଲ ଅଡିଟ କରିବେ ବୋଲି ଶ୍ରୀ ଆଚାର୍ଯ୍ୟ କହିଛନ୍ତି । ଏହି ପ୍ରତିନିଧୀ ଦଳରେ ଯୁବମୋର୍ଚ୍ଚା ରାଜ୍ୟ ଉପସଭାପତି ବିଶ୍ୱଜିତ ଷଡଙ୍ଗୀ, ସାଧାରଣ ସଂପାଦକ ଓମ ପ୍ରକାଶ ମିଶ୍ର ଓ ଦୀପକ ଗୋଛାୟତ, ସଂପାଦକ ମନୋଜ ପଣ୍ଡିମକବାଟ, ପ୍ରକାଶ ଦଳେଇ, ସଂଯୋଜକ ନାରାୟଣ କର୍ମୀ, ସ୍ୱରଜିତ ମହାନ୍ତି, ରାଣା ପୃଥ୍ୱୀରାଜ ସିଂ ଠାକୁର, ସୁବ୍ରତ କୁମାର ବିଶ୍ୱାଳ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସୁନିଲ କୁମାର ସ୍ୱାଇଁ ପ୍ରମୁଖ ସାମିଲ ଥିଲେ ।

# ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ଓ ତହସିଲଦାରଙ୍କ ପ୍ରତିଶ୍ରୁତି ପରେ କୃଷକମାନେ ଗଣଧାରଣାରୁ ଉଠିଲେ

କଣାସ,୧୭।୩(ନି.ପ୍ର): ପୁରୀ ଜିଲ୍ଲା କଣାସ ବ୍ଲକ ତହସିଲ କାର୍ଯ୍ୟାଳୟରେ ୩ ଦଫା ଦାବିକୁ ନେଇ ନୀଳାଚଳ କୃଷକ ମହାସଂଘ ପକ୍ଷରୁ ଗତକାଲି ଗଣଧାରଣା ଦିଆଯାଇଥିଲା । ତୁରନ୍ତ ଫନି କ୍ଷତିଗ୍ରସ୍ତମାନଙ୍କୁ ଚିହ୍ନଟ କରି ପ୍ରକୃତ ହିତାଧିକାରୀମାନଙ୍କୁ ସହାୟତା ପ୍ରଦାନ କରିବା, ବନ୍ୟା ଓ ବର୍ଷାରେ କ୍ଷତିଗ୍ରସ୍ତ ହୋଇଥିବା ଧାନଚାଷୀମାନଙ୍କୁ ସହାୟତା ପ୍ରଦାନ କରାଯିବା ଓ ନୀଳାଚଳ କୃଷକ ମହାସଂଘ ପକ୍ଷରୁ ୨୦୧୯ ମସିହାରେ ସାକ୍ଷୀଗୋପାଳ ତହସିଲ ଠାରେ ୯ ଦଫା ଦାବିକୁ ନେଇ କରାଯାଇଥିବା ଗଣଆନ୍ଦୋଳକୁ କାର୍ଯ୍ୟକାରୀ କରିବା ଦାବିରେ ଗତକାଲି ନୀଳାଚଳ କୃଷକ ମହାସଂଘ ଓ ପୁରୀ ଜିଲ୍ଲା ବିଭିନ୍ନ କୃଷକ ମହାସଂଘ ପକ୍ଷରୁ ଗଣଧାରଣା ଅନୁଷ୍ଠିତ ହୋଇଥିଲା । ତହସିଲଦାର ଲକ୍ଷ୍ମୀଧର ମହାରଣା ଗଣଧାରଣା ସମ୍ପର୍କରେ ପୁରୀ ଜିଲ୍ଲାପାଳଙ୍କ ସହିତ ଆଲୋଚନା କରି ଜିଲ୍ଲାପାଳଙ୍କ ଠାରୁ ନିର୍ଦ୍ଦେଶ ପାଇବା ପରେ ଗଣଧାରଣା ସ୍ଥଳକୁ ଯାଇ ମହାସଂଘର ସଭାପତି ଗୋପିନାଥ ମିଶ୍ର ଓ କୃଷକ ନେତାମାନଙ୍କ ସହିତ ଆଲୋଚନା କରି ସ୍ମାରକପତ୍ର ଗ୍ରହଣ କରିଥିଲେ । ଯଦି ଖୁବ୍ ଶୀଘ୍ର ଜିଲ୍ଲାପାଳଙ୍କ ସହିତ ବୈଠକ କରି ଦାବିଗୁଡିକ ସମୟୋଚିତ ସମାଧାନ ନ ହୁଏ ଆଗାମୀ ଦିନରେ ଆନ୍ଦୋଳନକୁ ତୀବ୍ରରୁ ତୀବ୍ରତର କରାଯିବ ବୋଲି ମହାସଂଘ ତରଫରୁ ଚେତାବନୀ ଦିଆଯାଇଛି । ଏହି ଗଣଧାରଣା ଓ ଅନଶନରେ ମହାସଂଘର ଉପାଧକ୍ଷ ନିରଞ୍ଜନ ମହାପାତ୍ର, ସମ୍ପାଦକ ଉଗ୍ରେସନ ବିଶ୍ୱାଳ, ସମନ୍ୱୟ କମିଟିର ସଂଯୋଜକ ଗୁଣନିଧି ପାତ୍ର, ଯୁଗ୍ମ ସଂଯୋଜକ ଦୁଃଶାସନ ସ୍ୱାଇଁ, ସତ୍ୟବାଦୀ ବ୍ଲକ ସଭାପତି ମଙ୍ଗୁଚରଣ ପରିଡା, ବ୍ରହ୍ମଗିରୀ ବ୍ଲକ ସଭାପତି ମାର୍କଣ୍ଡ ସ୍ୱାଇଁ, ପୁରୀ ସଦର ସଭାପତି ଅରକ୍ଷିତ ଦାଶ, ଉପସଭାପତି ଶତୃଘ୍ନ ସ୍ୱାଇଁ, ଗୋପ ବ୍ଲକ ସଭାପତି ବିପ୍ରବର ପାତ୍ର, ଆସ୍ତରଙ୍ଗ ବ୍ଲକ ସଭାପତି ବାମଦେବ ସାହୁ, ବରିଷ୍ଠ ସଭ୍ୟ ବୁଦ୍ଧିନାଥ ମଲ୍ଲିକଙ୍କ ସମେତ ଶତାଧିକ କୃଷକ ଉପସ୍ଥିତ ରହିଥିଲେ ।

# ବୁଲା କୁକୁରଙ୍କ ପାଇଁ ବିଶ୍ୱାସ ଗୃହ ନିର୍ମାଣ କଲେ ସମାଜସେବୀ ପ୍ରତାପ ସାହୁ

ଭୁବନେଶ୍ୱର,୧୭।୩ (ନି.ପ୍ର): କୁକୁର ମଣିଷର ଏକ ବିଶ୍ୱସ୍ତ ପ୍ରାଣୀ । ତେଣୁ ଅଧିକାଂଶ ଲୋକ ନିଜ ନିଜର ଘରେ ଦାମିକା ତଥା କୌତୁକିଆ ସୁନ୍ଦରିଆ କୁକୁରମାନ ରଖି ତା'ର ଖାଇବା, ପିଇବା ଠାରୁ ଆରମ୍ଭ କରି ସ୍ୱାସ୍ଥ୍ୟସେବା ପର୍ଯ୍ୟନ୍ତ ଯାବତୀୟ ସେବା, ଶୁଶ୍ରୁଷା କରିଥାନ୍ତି ଯାହାକି ନିଜର ପୁଅ ଝିଅ ଭଳି ସବୁ ସେବା ଯୋଗାଇ ଆସୁଛନ୍ତି । ହେଲେ ଏସବୁ ସତ୍ତ୍ୱେ ରାଜରାସ୍ତାରେ ହଜାର ହଜାର ସଂଖ୍ୟାରେ ବୁଲା କୁକୁର ଅତି ଦୟନୀୟ ଅବସ୍ଥାରେ ଘୁରି ବୁଲୁଛନ୍ତି । ଓଳିଏ ଖାଇଲେ, ଓଳିଏ ଉପାସ ରହୁଛନ୍ତି । କୌଣସି ସହୃଦୟ ବ୍ୟକ୍ତି ଏହି ବୁଲା କୁକୁରମାନଙ୍କୁ ରୁଟି କି ବିସ୍କୁଟ ଖଣ୍ଡିଏ ଦେଉଥିବାବେଳେ କିଛି ଖଳ ପ୍ରକୃତିର ଲୋକେ ସେମାନଙ୍କୁ ମାର ମାର ଧରଧର କରୁଛନ୍ତି । ଫଳରେ ଏହି କୁକୁରମାନେ ବେଳେ ବେଳେ ରାଗିଯାଇ ସାଧାରଣଲୋକଙ୍କୁ କାମୁଡ଼ି କରିଥାନ୍ତି । ବୁଲା କୁକୁରଙ୍କ ଏଭଳି ଅବସ୍ଥାକୁ ଦେଖି ଜଣାଶୁଣା ସମାଜସେବୀ ପ୍ରତାପ ସାହୁ ବୁଲା କୁକୁରମାନଙ୍କ ରହିବା ପାଇଁ ରାଜଧାନୀସ୍ଥିତ ନିଳାଦ୍ରୀ ବିହାର ଠାରେ 'ବିଶ୍ୱାସ' ନାମକ ଏକ ଗୃହ ନିର୍ମାଣ କରିଛନ୍ତି । ଏହି ଗୃହରେ ବୁଲା କୁକୁରମାନଙ୍କ ପାଇଁ ପାଇଖାନା, ପାଣି ପିଇବା ପାଇଁ କୁଣ୍ଡ, ଖାଇବା ଲାଗି ପ୍ରତ୍ୟେକ କୁକୁରମାନଙ୍କ ପାଇଁ ଗୋଟିଏ ଗୋଟିଏ ଥାଳିର ବ୍ୟବସ୍ଥା କରାଯାଇଛି । ଏ ବିଷୟରେ ପ୍ରତାପ ସାହୁଙ୍କୁ ପଚାରିବାରୁ, ସେ କହିଥିଲେ ଯେ ଏହି ବୁଲା ବା ବିଶ୍ୱସ୍ତ କୁକୁରମାନେ ଖରା ବା ବର୍ଷା ସମୟରେ ରହିବାକୁ ଆଶ୍ରୟ ନପାଇ କାହା ପିଣ୍ଡାରେ ବା କାହା ବାଡ଼ିରେ ଶୋଇଥାନ୍ତି । ଫଳରେ ଘରମାଲିକ ତାଙ୍କ ଉପରକୁ ଗରମପାଣି ଫୋପାଡ଼ିବା ସହିତ ବାଡ଼ିଆବାଡ଼ି ମଧ କରିଛନ୍ତି । ବିଚରା କୁକୁରମାନେ ଅଯଥାରେ ହଇରାଣ ହରକତ ହେବା ସହିତ ଅଯଥା ମାଡ଼ ଖାଇଥାନ୍ତି । କୁକୁରମାନଙ୍କ ଏହି ଅସୁବିଧାକୁ ଲାଘବ କରିବା ପାଇଁ ଶ୍ରୀ ସାହୁ 'ବିଶ୍ୱାସ' ନାମକ ଗୃହ ନିର୍ମାଣ କରି କୁକୁରମାନଙ୍କ ରହିବା ଓ ଖାଇବା ପାଇଁ ସବୁପ୍ରକାର ବନ୍ଦୋବସ୍ତ କରିଛନ୍ତି । ଯଦି ରାଜ୍ୟ ଓ କେନ୍ଦ୍ର ସରକାର ପ୍ରତ୍ୟେକ ୱାର୍ଡ଼, ପଂଚାୟତରେ ଏହି 'ବିଶ୍ୱାସ' କୁକୁରମାନଙ୍କ ପାଇଁ ଗୃହ ତିଆରି କରନ୍ତେ, ତେବେ ସେମାନେ ଏଠି ସେଠି ନଶୋଇ ଅଯଥାରେ ମାଡ଼ ଖାଆନ୍ତେ ନାହିଁ ଏବଂ ସାଧାରଣ ଜନତା କୁକୁର କାମୁଡ଼ାରୁ ବଂଚିତ ହୋଇପାରନ୍ତେ ।

# କନ୍ନଡ଼ ଫିଲ୍ମରେ ସଂଳାପ ଲେଖି ଚର୍ଚ୍ଚାରେ ଓଡିଆ ପୁଅ

ଧର୍ମଶାଳା,୧୭।୩(ନି.ପ୍ର): ଉଚ୍ଚ ଶିକ୍ଷା ଲାଭ କରି ଚାକିରୀ କରିବା ପାଇଁ ଯୁବ ପିଢୀ ବ୍ୟସ୍ତ । ମାତ୍ର ବହୁ ଯୁବକ ଯୁବତୀ ଶିକ୍ଷା ଲାଭ କରି ମଧ କିଛି ନୂଆ ଓ ସ୍ୱତନ୍ତ୍ର ପରିଚୟ ସହ ନିଜର ସ୍ୱପ୍ନ ସାକାର କରିବା ସହ ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଥାନ୍ତି । ହେଲେ ସେମାନଙ୍କୁ ବହୁ ମୂଲ୍ୟବାନ ସମୟ ଓ କଷ୍ଟ ଯନ୍ତ୍ରଣା ସହିବାକୁ ପଡିଥାଏ । ହେଲେ କିଛି ନୂଆ କରି ପରିଚୟ ପାଇଛନ୍ତି ଜଣେ ଯୁବକ । ଏଭଳି ଯୁବ ପ୍ରତିଭା ଦେଖିବାକୁ ମିଳିଛି ଯାଜପୁର ବ୍ଲକ ଝାଲପଡା ପଂଚାୟତର କାକୁଡିକୁଦ ଗ୍ରାମରେ । ଏହି ଗ୍ରାମର ପତିତପାବନ ନାୟକଙ୍କ ବଡପୁଅ ପ୍ରଶାନ୍ତ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ଲୋକାଲୋଚନକୁ ଆସିଛନ୍ତି । ପିଲାଟି ଦିନୁ ଲେଖାଲେଖି ଓ ଚିତ୍ରକଳା ପ୍ରତି ରୁଚି ରଖିଥିବା ପ୍ରଶାନ୍ତ ଶିକ୍ଷାଲାଭ ପରେ ସରକାରୀ ଚାକିରୀ ପଛରେ ନ ଯାଇ ନିଜର ବଳିଷ୍ଠ ଉଦ୍ୟମରେ ନିଜର ସ୍ୱପ୍ନକୁ ସାକାର କରିବା ପାଇଁ ସୁଦୂର ବାଙ୍ଗାଲୋର ଯାଇ ସ୍ୱରୋଜଗାରୀ ହୋଇଥିଲେ । ସେଠାରେ ଏକ ଲୁଗା କାରଖାନାରେ ଡିଜାଇନରଭାବେ କାର୍ଯ୍ୟ କରିବା ସହ ଅବସର ସମୟରେ କବିତା ଓ ସଂଳାପ ସହ ନୂଆ ନୂଆ ଭାଷାଶିକ୍ଷା ତଥା ଓଡିଆ କଳା ସଂସ୍କୃତି ଚିତ୍ରକଳାକୁ ପ୍ରସାର ଓ ପ୍ରଚାର କରିବା ନିମନ୍ତେ ଟାଟୁ ଅଙ୍କନ କରିଥାନ୍ତି । ସେ ବାଙ୍ଗାଲୋରର ଆଂଚଳିକ କନ୍ନଡ଼ ଭାଷାରେ ଶିକ୍ଷା ଲାଭ କରି ଦୁଇରୁ ଅଧିକ ପିଲ୍ମ ପାଇଁ ସଂଳାପ ଲେଖି ସାରିଛନ୍ତି । ଇତି ମଧରେ କନ୍ନଡ଼, ଓଡିଆ ଦ୍ୱିଭାଷୀ ଫିଲ୍ମ 'ନବମାସ' ପାଇଁ ସଂଳାପ ଲେଖି ଉଚ୍ଚ ପ୍ରଶଂସିତ ହୋଇପାରିଛନ୍ତି । ଆଗକୁ ଆହୁରି ୨ରୁ ଅଧିକ କନ୍ନଡ଼ ପିଲ୍ମ ପାଇଁ ଲେଖା ଜାରି ରଖିଥିବା ସେ ପ୍ରକାଶ କରିଛନ୍ତି । ସେତିକି ନୁହେଁ ଆଜିକାଲି ଯୁବପିଢୀଙ୍କର ଟାଟୁର ଚାହିଦାକୁ ଦୃଷ୍ଟିରେ ରଖି ଏଥିରେ ନିଜର କ୍ୟାରିଅରକୁ ଗଢି ତୋଳିଛନ୍ତି । ତେଣୁ ଆଗାମୀ ଦିନରେ ଓଡିଆ ଓ ହିନ୍ଦୀ ଭାଷାର ଫିଲ୍ମ ପାଇଁ ସଂଳାପ ଲେଖିବାକୁ ଆଶା ରଖିଥିବା ପ୍ରଶାନ୍ତ ତାଙ୍କ ପ୍ରତିକ୍ରୀୟାରେ ପ୍ରକାଶ କରିଛନ୍ତି । ତାଙ୍କର ଏହି ସଫଳତା ପାଇଁ ସ୍ଥାନୀୟ ଅଂଚଳରେ ସେ ବେଶ୍ ପ୍ରଶଂସିତ ହୋଇପାରିଛନ୍ତି । ତେବେ ତାଙ୍କର ଏହି ଉଦ୍ୟମ ଆଗାମୀ ଦିନରେ ଯୁବପିଢୀମାନଙ୍କ ପାଇଁ ଏକ ଉଦାହରଣ ପାଲଟିବ ନିଶ୍ଚୟ ।

# ଓଡ଼ିଶା ରାଜ୍ୟ ସାକ୍ଷର ଭାରତ କର୍ମଚାରୀ ସଂଘ ପକ୍ଷରୁ ବିଧାନସଭା ସମ୍ମୁଖରେ ଧାରଣା

ଭୁବନେଶ୍ୱର,୧୭।୩ (ନି.ପ୍ର): ସାକ୍ଷର ଭାରତ ଅଭିଯାନର କର୍ମଚାରୀମାନଙ୍କ ଦେଖା ଦେଉଥିବା ବିଭିନ୍ନ ସମସ୍ୟାର ସମାଧାନ ନିମନ୍ତେ ଭାରତୀୟ ମଜଦୂର ସଂଘ ଦ୍ୱାରା ପରିଚାଳିତ ଓଡ଼ିଶା ରାଜ୍ୟ ସାକ୍ଷରୀ ଭାରତ କର୍ମଚାରୀ ସଂଘ ତରଫରୁ ସଂଯୋଜକ ଓ ପ୍ରେରକମାନଙ୍କୁ ନେଇ ଆଜି ବିଧାନସଭା ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ସହ ଧାରଣା ଦିଆଯାଇଥିଲା । ସଂଘର ସଭାପତି ଶ୍ରୀ ବସନ୍ତ କୁମାର ସାହୁ, ସାଧାରଣ ସମ୍ପାଦିକା ସବିତା ଗଡ଼ନାୟକ, ପଦ୍ମଚରଣ ପରିଡ଼ା, ଛାୟାକାନ୍ତ ସାହୁ ପ୍ରମୁଖ କର୍ମଚାରୀମାନଙ୍କର ଦେଖା ଦେଇଥିବା ସମସ୍ୟା ଉପରେ ଉଦବୋଧନ ଦେଇଥିଲେ । ରାଜ୍ୟ ଗଣଶିକ୍ଷା ବିଭାଗ ମନ୍ତ୍ରୀଙ୍କୁ ସଂଘ ପକ୍ଷରୁ ୩ଦଫା ଦାବିପତ୍ର ପ୍ରଦାନ କରାଯାଇଥିଲା । ଦାବିଗୁଡ଼ିକ ମଧରେ ସାକ୍ଷର ଭାରତ କାର୍ଯ୍ୟକ୍ରମ ବଦଳରେ ଆସିଥିବା ପଢ଼ନା ଲିଖନା ଅଭିଯାନ ଯୋଜନା କାର୍ଯ୍ୟକ୍ରମରେ ସମସ୍ତ ଜିଲ୍ଲାର ପୂର୍ବରୁ କାର୍ଯ୍ୟ କରୁଥିବା କର୍ମଚାରୀମାନଙ୍କୁ ପ୍ରଥମେ ନିଯୁକ୍ତି ପ୍ରଦାନ କରାଯିବା, ଉକ୍ତ କାର୍ଯ୍ୟକ୍ରମର କର୍ମଚାରୀମାନଙ୍କୁ ସ୍ଥାୟୀ ନିଯୁକ୍ତି ପ୍ରଦାନ କରାଯିବା, କାର୍ଯ୍ୟରତ କର୍ମଚାରୀ ସଂଯୋଜକ ଓ ପ୍ରେରକମାନଙ୍କ ବକେୟା ପାଉଣା ତୁରନ୍ତ ପ୍ରଦାନ କରାଯିବା ଅନ୍ତର୍ଭୁକ୍ତ ଅଟେ ।

# ପଶ୍ଚିମ ଓଡିଶା ବିକାଶ ପରିଷଦ କାର୍ଯ୍ୟାଳୟ ଉଦ୍‌ଘାଟିତ

ଝାରସୁଗୁଡା,୧୭।୩ (ନି.ପ୍ର): ଝାରସୁଗୁଡାରେ ଖୋଲିଲା ପଶ୍ଚିମ ଓଡିଶା ବିକାଶ ପରିଷଦର ଜିଲ୍ଲା କାର୍ଯ୍ୟାଳୟ । ଜିଲ୍ଲାପାଳ ଅଫିସର ଦ୍ୱିତୀୟ ମହଲାରେ ଗୋଟିଏ କୋଠରୀକୁ ପଶ୍ଚିମ ଓଡିଶା ବିକାଶ ପରିଷଦ କାର୍ଯ୍ୟାଳୟ କରାଯାଇଛି । ଆଜି ଝାରସୁଗୁଡା ଜିଲ୍ଲାପାଳ ସରୋଜ ସାମଲ ଏହି କାର୍ଯ୍ୟାଳୟର ଉଦଘାଟନ କରି ଜିଲ୍ଲା ଯୋଜନା ନିର୍ଦ୍ଦେଶକଙ୍କୁ ଏହି କାର୍ଯ୍ୟାଳୟର ମୁଖ୍ୟ ଭାବେ ଅବସ୍ଥାପିତ କରାଯାଇଥିବା ସୂଚନା ଦେଇଥିଲେ । ଏହାସହ ଖୁବ ଶୀଘ୍ର ଜଣେ ଡାଟା ଏଂଟ୍ରି ଅପରେଟରଙ୍କ ସହ ଅନ୍ୟ ଜଣେ କର୍ମଚାରୀଙ୍କୁ ନିଯୁକ୍ତି ଦିଆଯିବ ବୋଲି କହିଥିଲେ । କିଛିଦିନ ତଳେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପଶ୍ଚିମ ଓଡିଶାର ୧୦ ଟି ଜିଲ୍ଲା ସମେତ ଆଠମଲ୍ଲିକ ସବଡିଭିଜନରେ ଗୋଟିଏ ଲେଖାଏଁ ବିକାଶ ପରିଷଦର କର୍ଯ୍ୟାଳୟ ଖୋଲିବାକୁ ଘୋଷଣା କରିଥିଲେ । ଏହିକ୍ରମରେ ଆଜି ଝାରସୁଗୁଡାରେ ପଶ୍ଚିମ ଓଡିଶା ବିକାଶ ପରିଷଦ କାର୍ଯ୍ୟାଳୟ ଆରମ୍ଭ ହୋଇଥିବାରୁ ଯୋଜନାର ସଫଳ ରୁପାୟନ ସାଙ୍ଗକୁ ତ୍ୱରିତ ପ୍ରକ୍ରିୟାରେ ଉନ୍ନୟନ ହୋଇପାରିବ ବୋଲି ମତ ପ୍ରକାଶ ପାଇଛି ।

# ଓଡ଼ିଶା ପଣ୍ୟାଗାର ନିଗମ କର୍ମଚାରୀ ସଂଘର ନୂତନ କର୍ମକର୍ତ୍ତା ମନୋନୀତ

ଭୁବନେଶ୍ୱର,୧୭।୩ (ନି.ପ୍ର): ଓଡ଼ିଶା ରାଜ୍ୟ ପଣ୍ୟାଗାର ନିଗମ କର୍ମଚାରୀ ସଂଘର ୩୪ତମ ବାର୍ଷିକ ସାଧାରଣ ଅଧିବେଶନ, ନିଗମ ମୁଖ୍ୟ କାର୍ଯ୍ୟାଳୟ ପରିସରରେ ରବିବାର ଦିନ ବିଶିଷ୍ଟ ଶ୍ରମିକନେତା ଶ୍ରୀ ଦୁର୍ଗାଚରଣ ନାୟକଙ୍କ ପୌରହିତ୍ୟ ଓ ସଭାପତି ଶ୍ରୀ ନଳିନୀ ରଞ୍ଜନ ପତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଓଡ଼ିଶା ରାଜ୍ୟ ନିଗମ କର୍ମଚାରୀ ମହାସଂଘର ସଭାପତି ଶ୍ରୀ ନଟବର ଆଚାର୍ଯ୍ୟ ସଭା ପରିଚାଳନା କରିଥିଲେ । ଅନ୍ୟମାନଙ୍କ ମଧରେ ନିଗମ ମହାସଂଘର ବରିଷ୍ଠ କର୍ମକର୍ତ୍ତା ସତ୍ୟରଞ୍ଜନ ପଟ୍ଟନାୟକ, ଧ୍ରୁବଚରଣ ସାହୁ, ପ୍ରଫୁଲ୍ଲ ଚନ୍ଦ୍ର ଦାସ ଏବଂ ରାଜ୍ୟ କର୍ମଚାରୀ ସଂଗ୍ରାମ ସମିତିର ଶୁଭେନ୍ଦୁ ରାଉତରାୟ, ହୃଷିକେଶ ମହାପାତ୍ର, ପ୍ରଫୁଲ୍ଲ ମଲ୍ଲିକ, ହିମାଂଶୁ ସୁବୁଦ୍ଧି ଓ ଉପେନ୍ଦ୍ର ପତି ପ୍ରମୁଖ ଯୋଗ ଦେଇଥିଲେ । କର୍ମଚାରୀ ସଂଘର ସମ୍ପାଦକ ଶ୍ରୀ ସୁଦର୍ଶନ ଖଟୁଆଙ୍କ ଦ୍ୱାରା ବାର୍ଷିକ ବିବରଣୀ ପାଠ କରାଯାଇଥିଲା । ସଂଘର ସଭାପତି ଶ୍ରୀ ପତି ସାମ୍ପ୍ରତିକ ପରିସ୍ଥିତିରେ ନିଗମ କର୍ମଚାରୀ କାର୍ଯ୍ୟକ୍ଷେତ୍ରରେ ସମ୍ମୁଖୀନ ହେଉଥିବା ଅସୁବିଧା ସମ୍ପର୍କରେ ଆଲୋକପାତ କରିଥିଲେ ଓ ସମସ୍ୟାର ସମାଧାନ ଦିଗରେ ପରିଚାଳକଙ୍କ ସହିତ ଆଲୋଚନା କରିବା ପାଇଁ ଆଶ୍ୱାସନା ଦେଇଥିଲେ । ମହାମାରୀ କୋଭିଡ ସମୟରେ ଉଲ୍ଲେଖନୀୟ ସେବା ପାଇଁ କେତେକ କର୍ମଚାରୀଙ୍କୁ ସମ୍ମାନିତ କରାଯାଇଥିଲା ଓ ପରେ ପରେ ରାଜ୍ୟ ନିଗମ କର୍ମଚାରୀ ମହାସଂଘର ଶ୍ରୀମତୀ ମମତା ମହାପାତ୍ରଙ୍କ ଦ୍ୱାରା ଶାନ୍ତି ପାଠ କରାଯାଇଥିଲା । ଦ୍ୱିତୀୟ ପର୍ଯ୍ୟାୟରେ ଚଳିତବର୍ଷ ପାଇଁ ସଂଘର କର୍ମକର୍ତ୍ତା ନିର୍ବାଚନ କରାଯାଇଥିଲା । ଏଥିରେ ଶ୍ରୀ ନଳିନୀ ରଞ୍ଜନ ପତି ସଭାପତି, ଶ୍ରୀ ସୁଦର୍ଶନ ଖଟୁଆ ଉପସଭାପତି, ଶ୍ରୀ ପ୍ରଭାତ ପରିଡ଼ା ସମ୍ପାଦକ, ଶ୍ରୀ ରାହୁଳ ସେଠୀ ଯୁଗ୍ମ ସମ୍ପାଦକ, ଶ୍ରୀ ଦେବ ପ୍ରସାଦ ମହାନ୍ତି ସହ ସମ୍ପାଦକ ଓ ଶ୍ରୀମତୀ ଜ୍ୟୋସ୍ନାମୟୀ ନାୟକ କୋଷାଧକ୍ଷ ଭାବେ ନିର୍ବାଚିତ ହୋଇଛନ୍ତି ।

# ଅବସର ପ୍ରାପ୍ତ ଅଧିକ୍ଷଣ ଯନ୍ତ୍ରୀଙ୍କ ପରଲୋକ

କେନ୍ଦ୍ରାପଡ଼ା,୧୭।୩ (ନି.ପ୍ର): ପୂର୍ତ୍ତ ବିଭାଗର ଅବସର ପ୍ରାପ୍ତ ଅଧିକ୍ଷଣ ଯନ୍ତ୍ରୀ ମହମ୍ମଦ ନୁରୁଜଜମାଙ୍କର ପରଲୋକ ହୋଇଯାଇଛି । ମୃତ୍ୟୁ ବେଳକୁ ତାଙ୍କୁ ୮୫ ବର୍ଷ ହୋଇଥିଲା । ଅବସର ଗ୍ରହଣ ପରେ କେନ୍ଦ୍ରାପଡାର ଜଇପୁରା ଗ୍ରାମ(ହାଇସ୍କୁଲ ନିକଟ) ବାସ ଭବନରେ ରହୁଥିଲେ । କିଛିଦିନ ହେଲା ବାର୍ଦ୍ଧକ୍ୟ ଜନିତ ଅସୁସ୍ଥରେ ପିଡିତ ଥାଇ ଚିକିତ୍ସାଧିନ ଥିବା ଅବସ୍ଥାରେ ମଙ୍ଗଳବାର ତାଙ୍କର ପରଲୋକ ଘଟିଛି । ଖବର ପାଇ ବହୁ ବିଶିଷ୍ଟ ବ୍ୟକ୍ତି ଶେଷ ଦର୍ଶନ କରିବା ସହ ଶଦ୍ଧାଞ୍ଜଳୀ ଅର୍ପଣ କରିଥିଲେ ।

# ବିଜୁ ସେତୁ ଯୋଜନାରେ ୮୪୬ଟିର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି : ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ

ଭୁବନେଶ୍ୱର,୧୭।୩(ନି.ପ୍ର): ବିଜୁ ସେତୁ ଯୋଜନାରେ ଅଦ୍ୟାବଧି ନୂତନ ସେତୁ ନିର୍ମାଣ ନିମନ୍ତେ କୌଣସି ନିଷ୍ପତି ହୋଇନାହିଁ । ଆର୍ଥିକ ସମ୍ବଳ ଏବଂ ଆବଶ୍ୟକତାକୁ ଦୃଷ୍ଟିରେ ରଖି ପର୍ଯ୍ୟାୟକ୍ରମେ ସେତୁ ନିର୍ମାଣ ନିମନ୍ତେ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ଶ୍ରୀ ସୁଶାନ୍ତ ସିଂ କହିଛନ୍ତି । ସଭ୍ୟ ଶ୍ରୀ ସନ୍ତୋଷ ସିଂହ ସାଲୁଜାଙ୍କ ପ୍ରଶ୍ନର ଉତରରେ ଶ୍ରୀ ସିଂହ କହିଲେ ଯେ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧିନରେ ରାଜ୍ୟରେ ବିଜୁ ସେତୁ ଯୋଜନାରେ ନିର୍ମିତ ହେବାକୁ ଥିବା ମୋଟ ୧୩୩୨ ଗୋଟି ସେତୁ ମଧ୍ୟରୁ ୮୪୬ ଗୋଟି ସେତୁର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି ଏବଂ ୪୫୯ ଗୋଟି ସେତୁର ନିର୍ମାଣ କାର୍ଯ୍ୟ ଚାଲୁ ରହିଛି । ଅବଶିଷ୍ଟ ୨୭ ଗୋଟି ପ୍ରକଳ୍ପର କାର୍ଯ୍ୟ ବିଭିନ୍ନ କାରଣରୁ ଅଦ୍ୟାବଧି ଆରମ୍ଭ ହୋଇପାରିନାହିଁ । ମନ୍ତ୍ରୀ ଶ୍ରୀ ସିଂହ କହିଛନ୍ତି ଯେ, ମାଓ ପ୍ରବଣ ଜିଲ୍ଲା ଏବଂ ଦାଦନ ପ୍ରବଣ ଜିଲ୍ଲାର ୩ଟି ବ୍ଲକର ତୁରେଇକେଲା ବ୍ଲକର କଣ୍ଡାଇ ଠାରେ ଏବଂ ବଙ୍ଗମୁଣ୍ଡା ବ୍ଲକର ତାଞ୍ଜୋର ବ୍ରିଜ୍ ଠେମରା ଠାରେ ସେତୁ ନିର୍ମାଣ ନିମନ୍ତେ ଜନସାଧାରଣଙ୍କର ଆବଶ୍ୟକତାକୁ ଦୃଷ୍ଟିରେ ରଖି ବିଭାଗୀୟ ମାପଦଣ୍ଡ ଅନୁଯାୟୀ ପ୍ରାଥମିକ ସର୍ଭେ କାର୍ଯ୍ୟ ପରେ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି ।

# ଅବସରପ୍ରାପ୍ତ କର୍ମଚାରୀ ସଂଘର ବୈଠକ

ଧର୍ମଶାଳା,୧୭।୩ (ନି.ପ୍ର): ଯାଜପୁର ଜିଲା ରସୁଲପୁର ବ୍ଲକ ଅନ୍ତର୍ଗତ ବ୍ରହ୍ମବରଦା ଠାରେ ଅବସ୍ଥାପିତ ଅବସରପ୍ରାପ୍ତ କର୍ମଚାରୀ ସଂଘର ଏକ ବୈଠକ ସଂଘଗୃହ ପରିସରରେ ସଭାପତି ନାରାୟଣ ପ୍ରସାଦ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ପ୍ରଥମେ ସଂଘର ଦିବଂଗତ ସଭ୍ୟମାନଙ୍କ ଉଦ୍ଦେଶ୍ୟରେ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା । ସଂଘ ସମ୍ପାଦକ ବିଶ୍ୱନାଥ ପଣ୍ଡା ପୂର୍ବ ବୈଠକର ବିବରଣୀ ପାଠ ସହ ଆଗାମୀ ଅକ୍ଟୋବର ମାସରେ ସଂଘର ଦ୍ୱାଦଶ ବର୍ଷ ପୂର୍ତ୍ତି ଉତ୍ସବ ଅବସରରେ ମୁଖ୍ୟତଃ ଆଲୋଚନା କରାଯାଇଥିଲା । ସଭ୍ୟମାନେ ବହୁ ସଂଖ୍ୟାରେ ଅଂଶ ଗ୍ରହଣ କରି ସଂଘର ଦ୍ୱାଦଶ ବର୍ଷ ପୂର୍ତ୍ତି ସଂଘ ପାଇଁ ଏକ ଗର୍ବର କଥା ବୋଲି ପ୍ରକାଶ କରିବା ସହ ଉତ୍ସବ ପାଳନର ବିଭିନ୍ନ ଦିଗ ପ୍ରତି ଦୃଷ୍ଟିପାତ କରିଥିଲେ । ସଂଘର ସ୍ଥାୟୀ ସଭାପତି ହରିବନ୍ଧୁ ଗିରିଙ୍କ ବାର୍ଦ୍ଧକ୍ୟଜନିତ କାରଣରୁ ଆଉ ସକ୍ରୀୟ ଭାବେ ଅଂଶ ଗ୍ରହଣ କରିପାରୁ ନଥିବାରୁ ତାଙ୍କ ସ୍ଥାନରେ ବିଭିନ୍ନ ଅଫିସିଆଲ କାଗଜପତ୍ର କାର୍ଯ୍ୟ ତୁଲାଇବା ନିମନ୍ତେ ମହମ୍ମଦ ଇବ୍ରାହିମଙ୍କୁ କାର୍ଯ୍ୟକାରୀ ସଭାପତି ଭାବେ ସର୍ବ ସମ୍ମତିକ୍ରମେ ମନୋନିତ କରାଯାଇଥିଲା । ଏହାଛଡା ବିଷ୍ଣୁ ଚରଣ ସାହୁଙ୍କୁ ସହକାରୀ ସମ୍ପାଦକ ଭାବେ ମଧ ମନୋନିତ କରାଯାଇଥିଲା । ଆଗାମୀ ଏପ୍ରିଲ ମାସ ୧୪ ତାରିଖଠାରୁ ସଂଘ ତରଫରୁ ପ୍ରତିବର୍ଷ ଭଳି ଚଳିତ ବର୍ଷ ଜଳଛତ୍ର କାର୍ଯ୍ୟକ୍ରମକୁ ହାତକୁ ନିଆଯାଇଛି । ବାର୍ଷିକ ଉତ୍ସବ ପାଳନ ସଂକ୍ରାନ୍ତରେ ଅନ୍ୟାନ୍ୟ ଆଲୋଚନା ଗୁଡିକୁ ଆସନ୍ତା ମାସରେ ବୈଠକ କରାଯିବ ବୋଲି ସମୟ ଧାର୍ଯ୍ୟ କରାଯାଇଛି । ଏହି ଆଲୋଚନାରେ ନିମାଇଁ ଚରଣ ଦାସ, ନାରାୟଣ ଚନ୍ଦ୍ର ଦାଶ, ନିତ୍ୟାନନ୍ଦ ବେହେରା, ସେକ୍ ଜଲାଲୁଦ୍ଦିନ, ଯୁନୁସ ଖାଁ, ଚୈତନ୍ୟ ନାୟକ, ଶରତ ଚନ୍ଦ୍ର ବେହେରା ଓ ସୁଦର୍ଶନ ପାଣି ସମେତ ବହୁ ସଭ୍ୟ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ । ଶେଷରେ ସେକ୍ ଜଲାଲୁଦ୍ଦିନ ଧନ୍ୟବାଦ ଅର୍ପଣ କରିଥିଲେ ।

# ସଙ୍କଟମୋଚନଙ୍କ ୧୦ ବାର୍ଷିକ ଜନ୍ମୋତ୍ସବ

କୋରାଇ, ୧୬ ମାର୍ଚ୍ଚ (ହି.ସ.) – ପଥରପଦା ପଂଚାୟତ ଅନ୍ତର୍ଗତ ଓଚିନ୍ଦା ଗିରିସାହି ଠାରେ ସଙ୍କଟମୋଚନଙ୍କ ପ୍ରତିଷ୍ଠା ଉତ୍ସବ ବା ୧୦ ବାର୍ଷିକ ଜନ୍ମୋତ୍ସବ ଆଜି ଆରମ୍ଭ ହୋଇଛି । ୩ଦିନ ବ୍ୟାପି ଯଜ୍ଞ ଓ ନାମ ଯଜ୍ଞ କରାଯିବା ସହ ଗୁରୁବାର ଯଜ୍ଞର ପୂର୍ଣ୍ଣାହୂତି ଦିଆଯିବ । ଆଜି ପ୍ରତ୍ୟୁଷରୁ ଶତାଧିକ ଭକ୍ତ ପୂର୍ଣ୍ଣତୋୟା ବୈତରଣୀ ନଦୀରୁ କଳସ ବୁଡାଇ ନାମ ଯଜ୍ଞ କରି ମହାବୀର ପୀଠରେ ପହଂଚିଥିଲେ । ପୂଜକ ପରମାନନ୍ଦ ସତପଥି, ରବି ପଣ୍ଡା, ରଘୁନାଥ ପାଢୀ, ରାଧକାନ୍ତ ସତପଥି ଓ ପ୍ରଶନ୍ନ ପଣ୍ଡାଙ୍କ ତତ୍ୱାବଧାନରେ କର୍ତାଭାବେ ଦେବଦତ ସେନାପତି, ଗୌରାଙ୍ଗ ସାହୁ, ରଂଜନ ଗିରି ପ୍ରମୁଖ ସସ୍ତ୍ରୀକଙ୍କ ଦ୍ୱାରା ଯଜ୍ଞ କାର୍ଯ୍ୟ ଚାଲୁରହିଛି । ଏହା ସହିତ ନାମ ଯଜ୍ଞ, ଭଜନ ସନ୍ଧ୍ୟା ଓ ସଂସ୍କୃତିକ କାର୍ଯ୍ୟକ୍ରମ ମାନ କୋଭିଡ ନିୟମ ଅନୁଯାୟୀ ପାଳନ କରାଯାଉଛି । ପ୍ରକାଶ ସାହୁ, ମାୟାଧର ସାହୁ, କୈଳାସ ସେନାପତି, ଅଶୋକ ସେନାପତି, ମାନ ଗୋବିନ୍ଦ ପରିଡା, ସଦାନନ୍ଦ ସାହୁ, ବାବୁଲି ମହାରଣା, ଭୀମସେନ ଗିରି, କୃପାସିନ୍ଧୁ ସେନାପତି, ପ୍ରମୋଦ ପହୀ, ଲକ୍ଷ୍ମୀଧର ମାଝୀ, ବିଶ୍ୱନାଥ ମାଝୀଙ୍କ ସମେତ ସମସ୍ତ କାର୍ଯ୍ୟକର୍ତା ଓ ସଦସ୍ୟ ପରିଚାଳନାରେ ସହଯୋଗ କରୁଛନ୍ତି । ଗୁରୁବାର ଯଜ୍ଞର ପୂର୍ଣ୍ଣାହୂତି ସହ ସମୂହ ପ୍ରସାଦ ସେବନ କରାଯିବ । ଚଳିତ ବର୍ଷ କୋଭିଡ କଟକଣା ଯୋଗୁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମକୁ ବାତିଲ କରାଯିବା ସହ କେବଳ ବିଧି ରକ୍ଷା ପାଇଁ ପାଳନ କରାଯାଉଛି ।

# କୋଭିଡ୍ ମାଗଣା ଚାଉଳ ବଂଟନରେ ଅନିୟମିତତା

## ଜାଗୁଲେଇପଦର ଗ୍ରାମବାସୀଙ୍କ ପକ୍ଷରୁ ବିଡିଓଙ୍କୁ ଦାବିପତ୍ର

କଣାସ,୧୭।୩(ନି.ପ୍ର): କୋଭିଡ୍-୧୯ ଯୋଗୁଁ କେନ୍ଦ୍ର ସରକାର ୨୦୨୦ ମସିହା ଅପ୍ରେଲ ମାସ ଠାରୁ ନଭେମ୍ବର ମାସ ପର୍ଯ୍ୟନ୍ତ ୮ ମାସ ମାଗଣାରେ ପ୍ରତ୍ୟେକ ପରିବାରକୁ ଚାଉଳ, ଡାଲି ଓ କିରୋସିନି ଯୋଗାଇଦେଇଥିବା ବେଳେ ପୁରୀ ଜିଲ୍ଲା କଣାସ ବ୍ଲକରେ ଏହି ମାଗଣା ଚାଉଳ ବଂଟନରେ ଦୁର୍ନୀତି ହୋଇଥିବାରୁ ଦୀର୍ଘ ୧ ମାସ ହେଲା କଣାସ ବ୍ଲକର ବିଭିନ୍ନ ଗ୍ରାମପଚାଂୟତରେ ଉତେଜନା ଲାଗି ରହିବାସହ ବ୍ଲକରେ ଜନସାଧାରଣ ବିଡିଓଙ୍କ ନିଦ ହଜାଇଥିବା ଜଣାପଡିଛି । ଦୀର୍ଘ ୧ ମାସ ହେଲା କଣାସ ଗ୍ରାମପଚାଂୟତରେ ଚାଉଳ ବଂଟନରେ ଦୁର୍ନୀତି ହୋଇଥିବା ସରପଚଂ ଓ ତାଙ୍କ ସମର୍ଥକମାନେ ଅଭିଯୋଗ କରିଆସୁଥିବା ବେଳେ ଗତ ୧୦ ତାରିଖ ଦିନ ବିଜେପି ପକ୍ଷରୁ ଚାଉଳ ହଡ଼ପକୁ ନେଇ ବ୍ଲକ ସମ୍ମୁଖରେ ଗଣଧାରଣା ଦିଆଯାଇଥିଲା । ବିଡିଓ ଲୋଚନ ଦାଶ ୭ ଦିନ ମଧରେ ତଦନ୍ତ କରି କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ପ୍ରତିଶୃତି ଦେବାରୁ ବିଜେପି ନେତା ଓ କର୍ମୀମାନେ ଧାରଣାରୁ ଉଠିଥିଲେ । ବିଡିଓଙ୍କ ପ୍ରତିଶୃତି ଅନୁଯାଇ ଗତକାଲି ବିଡିଓ ଲୋଚନ ଦାଶ, ଯୋଗାଣ ଅଧିକାରୀ ଅକ୍ଷୟ କୁମାର ସେଠୀ , କଣାସ ଅତିରିକ୍ତ ତହସିଲଦାର ଅନିଲ କୁମାର ଆଚାର୍ଯ୍ୟ ଜାଗୁଲେଇପଦର ଗ୍ରାମକୁ ଯାଇ ତଦନ୍ତ କରିବା ସମୟରେ ଗ୍ରାମବାସୀମାନେ ଦୃଢ଼ ବିରୋଧ କରିବା ସହିତ ଆମେ ଚାଉଳ ପାଇନାହୁଁ ବୋଲି ଏକ ସ୍ୱରରେ ହୋ ହାଲା କରିବାରୁ ବିଡିଓ ତଦନ୍ତ କରି ନ ପାରି ଫେରିଆସିଥିଲେ । ଆଜି ଜାଗୁଲେଇପଦର ଗ୍ରାମ୍ୟ କମିଟିର କେତେକ ବ୍ୟକ୍ତି ଓ ଗ୍ରାମବାସୀମାନେ ବିଡିଓଙ୍କୁ କାର୍ଯ୍ୟାଳୟରେ ଭେଟି ଚାଉଳ ପାଇ ନ ଥିବା ସମ୍ପର୍କରେ ଲିଖିତ ଆକାରରେ ଜଣାଇବାରୁ ବିଡିଓ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ଗ୍ରାମବାସୀମାନଙ୍କୁ ପ୍ରତିଶୃତି ଦେଇଥିଲେ । ଏନେଇ ବିଡିଓ ଲୋଚନ ଦାଶଙ୍କୁ ପଚାରିବାରୁ ସେ କୁହନ୍ତି, ଜାଗୁଲେଇପଦର ଗ୍ରାମବାସୀମାନେ ଲିଖିତ ଅଭିଯୋଗ କରିବା ପରେ ଚାଉଳ ବଂଟନ ଦାୟିତ୍ୱରେ ଥିବା ରିଟେଲରକୁ ତିନିଦିନ ମଧରେ ସମସ୍ତ କାଗଜପତ୍ର ଜମା କରିବା ପାଇଁ ନିର୍ଦ୍ଦେଶ ଦେଇଛି ଏବଂ ଅନ୍ୟ ଯେଉଁ ପଚାଂୟତ ମାନଙ୍କରୁ ଅଭିଯୋଗମାନ ଆସିଛି ସେହି ଗ୍ରାମପଚାଂୟତର ଖାଉଟି ସାମଗ୍ରୀ ବଂଟନ ଦାୟିତ୍ୱରେ ଥିବା ରିଟେଲର ମାନଙ୍କୁ ତିନିଦିନ ମଧରେ କାଗଜପତ୍ର ଜମା କରିବା ପାଇଁ ନିର୍ଦ୍ଦେଶ ଦେଇଛି । ଯେଉଁ ରିଟେଲର୍ ବଂଟନରେ ଖିଳାପ କରିଥିବେ ତାଙ୍କ ବିରୁଦ୍ଧରୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ।

# ୮୧ଟି ପ୍ରାଥମିକ ସ୍କୁଲ ଓ ୨୬୩ ଅଙ୍ଗନୱାଡି କେନ୍ଦ୍ରର ହେବ ନବୀକରଣ

କେନ୍ଦ୍ରାପଡ଼ା,୧୭।୩(ନି.ପ୍ର): କେନ୍ଦ୍ରାପଡା ବ୍ଲକ ଅଂଚଳ ସମେତ ପୌରାଂଚଳରେ ଥିବା ଅଙ୍ଗନୱାଡି କେନ୍ଦ୍ର ଗୁଡିକର ନବୀକରଣ କରାଯିବ । ଏହା ସହ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ସ୍କୁଲ ଥିବା ରାସ୍ତାକୁ ଯାତାୟତ ସୁବିଧା ପାଇଁ ଫେବର ବ୍ଲକ (ରଙ୍ଗିନ୍ ) ଇଟା ବିଛାଯାଇ ଛାତ୍ରଛାତ୍ରୀ ଓ ଅବିଭାବକ ମାନଙ୍କ ଯିବାଆସିବା ବାଟକୁ ଆକର୍ଷଣୀୟ କରାଯିବ । ଏହିଭଳି ସ୍କୁଲ ଥିବା ୨୫୦ଟି ରାସ୍ତାକୁ ବ୍ଲକ ପକ୍ଷରୁ ଚିହ୍ନଟ କରାଯାଇଛି । ଅଙ୍ଗନୱାଡି କେନ୍ଦ୍ର ଗୃହ ଗୁଡିକୁ ରଙ୍ଗ କରାଯାଇ ଆକର୍ଷଣୀୟ କରାଯିବା ସହ ଛାତ୍ରଛାତ୍ରୀ ମାନଙ୍କ ବସିବା ପାଇଁ ଟେବୁଲ ଚେୟାର ଓ ବେଂଚ ର ବ୍ୟବସ୍ଥା କରାଯିବ । ଏହା ଫଳରେ ପିଲାମାନେ ଅଉ ତଳେ ବସି ପାଟ ପଢିବେ ନାହିଁ । କେନ୍ଦ୍ରାପଡା ବ୍ଲକ ପରିସରରେ ମଙ୍ଗଳବାର ଅନୁଷ୍ଠିତ ସରପଂଚ ମାନଙ୍କ ବୈଠକରେ ଏଭଳି ନିଷ୍ପତି ନିଆଯାଇଛି । କେନ୍ଦ୍ରାପଡା ବ୍ଲକରେ ୨୬୩ଟି ଅଙ୍ଗନୱାଡି କେନ୍ଦ୍ର କାର୍ଯ୍ୟ କରୁଥିବା ବେଳେ ଏହାକୁ ପରିଚାଳନା କରିବା ପାଇଁ ୨୬୯ ଜଣ ଅଙ୍ଗନୱାଡି ସହାୟକ କାର୍ଯ୍ୟ କରୁଛନ୍ତି । ଏହା ସହ ବ୍ଲକ ଅଂଚଳରେ ଥିବା ୮୧ଟି ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସହ କେତେକ ହାଇସ୍କୁଲରେ ପିଲାମାନଙ୍କ ମଧାହ୍ନ ଭୋଜନ ଖାଇବାପାଇଁ ଭୋଜନ ମଣ୍ଡପର ବ୍ୟବସ୍ଥା କରାଯିବ । ଫଳରେ ପିଲାମାନେ ଏଣେତେଣେ ବସି ଖାଦ୍ୟ ନଖାଇ ଏହି ମଣ୍ଡପରେ ଗୋଟିଏ ଯାଗାରେ ମଧାହ୍ନ ଭୋଜନ ଗ୍ରହଣ କରି ପାରିବେ । ଏ ସମ୍ବନ୍ଧୀୟ ନିଷ୍ପତି ଆଜିର ବୈଠକରେ ବ୍ଲକର ୨୭ଜଣ ସରପଂଚ ଙ୍କ ଉପସ୍ଥିତିରେ ନିଆଯାଇଛି । ଏହି ବୈଠକରେ ବିଡିଓ ଅଶ୍ୱିନୀ କୁମାର ଦାସ, ଅତିରିକ୍ତ ବିଡିଓ ଅନିରୁଦ୍ଧ ବେହେରା, ବ୍ଲକ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ଆକୁଳି ଚରଣ ସାହୁଙ୍କ ସହ କଂସାର ସରପଂଚ ପ୍ରଦ୍ୟୁମ୍ନ କୁମାର ଜେନା, ଗୁଲନଗର ସରପଂଚ ପିତବାସ ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

## ଘାଟିରୁ ଖସିଲା ଟ୍ରକ୍ ଡ୍ରାଇଭର ମୃତ, ହେଲପର୍ ଗୁରୁତର

କେନ୍ଦୁଝର,୧୭/୦୩ (ନି.ପ୍ର): ଆଜି ସକାଳୁ କେନ୍ଦୁଝର ଟାଉନ୍ ଥାନା ଅନ୍ତର୍ଗତ ଜୁଡ଼ିଆଘାଟି ତଳକୁ ଏକ ଟ୍ରକ୍ ଭାରସାମ୍ୟ ହରାଇ ଖସି ପଡିବା ଫଳରେ ଟ୍ରକ୍ ଡ୍ରାଇଭରଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିବା ବେଳେ ହେଲପର୍ ଗୁରୁତର ହୋଇଛି । କେନ୍ଦୁଝର ଅଗ୍ନିଶମ ବାହିନୀ ଟ୍ରକର ହେଲପରକୁ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତି କରିଛନ୍ତି । ଟ୍ରକ୍ ଟି କୋଲକାତା ଯାଉଥିବାର ସୂଚନା ମିଳିଥିବା ବେଳେ ମୃତ ଡ୍ରାଇଭରର ପରିଚୟ ବର୍ତମାନ ସୁଦ୍ଧା ମିଳିପାରିନାହିଁ । ଟାଉନ୍ ଥାନା ଦୁର୍ଘଟଣାଗ୍ରସ୍ତ ଟ୍ରକ୍ କୁ ଜବତ କରିବା ସହ ଘଟଣାର ତଦନ୍ତ ଚଳାଇଛି ।

# ମାରଓ୍ୱାଡ଼ି ମହିଳା ସମ୍ମେଳନର ଦିନିକିଆ ଟିଜ୍‌ମେଳା



ବାଲେଶ୍ୱର,୧୬/୦୩ (ନି.ପ୍ର): ଅଖିଳ ଭାରତୀୟ ମାରଓ୍ୱାଡ଼ି ମହିଳା ସମ୍ମେଳନ ବାଲେଶ୍ୱର ଶାଖା ପକ୍ଷରୁ ହୋଲି ଉପଲକ୍ଷେ ନାରୀଙ୍କ ଦ୍ୱାରା ବ୍ୟବହୃତ ସାମଗ୍ରୀ ସମ୍ଭାର ନେଇ ଦିନିକିଆ ଟିଜ୍ ମେଳା ବୁଧବାର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଫାଣ୍ଟାସି ହୋଟେଲ ପରିସରରେ ଆୟୋଜିତ ଏହି ମେଳାକୁ ଅଖିଳ ଭାରତୀୟ ଉତ୍କଳ ମହିଳା ସମ୍ମେଳନର ଉତ୍ତରାଞ୍ଚଳ ପ୍ରମୁଖ ଅଞ୍ଜୁ ସରାଓ୍ୱଗୀ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ଆସନ୍ତା ହୋଲି ପର୍ବରେ ସିଙ୍ଗାର ଉତ୍ସବ ପାଇଁ ମହିଳାମାନଙ୍କ ବ୍ୟବହାର ନିମନ୍ତେ ଆବଶ୍ୟକ ସାମଗ୍ରୀ ସମ୍ଭାର ଉପଲବ୍ଧ ହେବା ବେଶ ପ୍ରଶଂସନୀୟ ଉଦ୍ୟମ ବୋଲି ସେ କହିଥିଲେ। ବିଶେଷ କରି ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ସେମାନଙ୍କ ଦ୍ୱାରା ଉତ୍ପାଦିତ ସାମଗ୍ରୀକୁ ବିକ୍ରୟ ନିମନ୍ତେ ଏହି ମେଳା ସହାୟକ ହୋଇପାରିଛି ବୋଲି ଶ୍ରୀମତୀ ସରାଓ୍ୱଗୀ ମତ ପ୍ରକାଶ କରିଥିଲେ। ସମ୍ମେଳନର ବାଲେଶ୍ୱର ଶାଖା ସଭାପତି ନିଶା ମୋଦି ଏହି ମେଳା ଉଦଘାଟନୀ କାର୍ଯ୍ୟକ୍ରମରେ ପୌରୋହିତ୍ୟ କରିବା ସହ ମହିଳାଙ୍କୁ ସ୍ୱାବଲମ୍ବୀ କରିବା ଉଦ୍ଦେଶ୍ୟରେ ପ୍ରତିବର୍ଷ ବିଭିନ୍ନ ସମୟରେ ଏହା ଆୟୋଜନ କରାଯାଇଥାଏ ବୋଲି କହିଥିଲେ। ଚଳିତବର୍ଷ କରୋନା ଯୋଗୁଁ ଦୀପାବଳି ଓ ଶ୍ରାବଣ ମେଳା ବନ୍ଦ ରହିଥିବା ବେଳେ ହୋଲି ପାଇଁ ଏହି ଟିଜ ମେଳା ଆୟୋଜିତ ହୋଇଥିବା ସେ ପ୍ରକାଶ କରିଥିଲେ। ସଂଗଠନର ସମ୍ପାଦିକା ପ୍ରୀତି ଖଣ୍ଡେଲଓ୍ୱାଲ ଏଥିରେ ଉପସ୍ଥିତ ରହି ମେଳା ଆୟୋଜନର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। କେବଳ ମହିଳା ନୁହନ୍ତି ବରଂ ଭିନ୍ନକ୍ଷମ ବ୍ୟକ୍ତିଙ୍କ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ପ୍ରକାର ସାମଗ୍ରୀ ବିକ୍ରିକୁ ଏହି ମେଳାରେ ଗୁରୁତ୍ୱ ଦିଆଯାଇଥାଏ ବୋଲି ସେ କହିଥିଲେ। ଏହି ମେଳାରେ ବିଭିନ୍ନ ପ୍ରକାର ପୋଷାକ ଓ ଶାଢ଼ୀ, ଅଳଙ୍କାର, ଜୋତା, ଠାକୁର ଉପକରଣ ଓ ପୋଷାକ ଏବଂ ବିଭିନ୍ନ ପ୍ରକାର ଖାଦ୍ୟ ସାମଗ୍ରୀ ସହ ୨୧ ଗୋଟି ଷ୍ଟଲ ସ୍ଥାନିତ ହୋଇଛି।

## ଭୁବନେଶ୍ୱରରେ ଫାଟିଗଲା ବିଦ୍ୟୁତ୍ ଟ୍ରାନ୍ସଫର୍ମର : ୪ ଗୁରୁତର

ଭୁବନେଶ୍ୱର,୧୭/୦୩ (ନି.ପ୍ର): ଭୁବନେଶ୍ୱର ଚନ୍ଦ୍ରଶେଖରପୁରସ୍ଥିତ ଓମଫେଡ୍ ଅଫିସ୍ ସମ୍ମୁଖରେ ଥିବା ଏକ ବିଦ୍ୟୁତ୍ ଟ୍ରାନ୍ସଫର୍ମର ଫାଟି ଯିବାରୁ ୪ ଜଣ ଗୁରୁତର ହୋଇଛନ୍ତି। ଗୁରୁତରମାନେ ଏକ ଜଳଖିଆ ଦୋକାନର ମାଲିକ ଓ କର୍ମଚାରୀ। ସେମାନଙ୍କୁ ପ୍ରଥମେ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲ ନିଆଯାଇଥିଲା ଓ ପରେ କଟକ ଏସ୍‌ସିବିକୁ ପଠାଇଦିଆଯାଇଛି। ପୋଲିସ୍ ଘଟଣା ସ୍ଥଳରେ ପହଂଚି ଛାନଭିନ୍ କରିଛି। ଓମଫେଡ୍ ଅଫିସ୍ ଗେଟ୍ ସମ୍ମୁଖରେ ଥିବା ଏକ ବିଦ୍ୟୁତ୍ ଟ୍ରାନ୍ସଫର୍ମର ନିକଟରେ ହଠାତ୍ ଭୋର ୫ଟାରେ ଏକ ପ୍ରଚଣ୍ଡ ଶବ୍ଦ ହୋଇଥିଲା। ବିଜୟ ବେହେରା ନାମକ ବ୍ୟକ୍ତି ଟ୍ରାନ୍ସଫର୍ମର ନିକଟରେ ଏକ ଜଳଖିଆ ଦୋକାନ କରିଥିଲେ। ଏହି ଦୋକାନରେ ତାଙ୍କ ପୁଅ, ଶଳୁ ଓ ଗାଁର ଜଣେ ଯୁବକ ମଧ୍ୟ କାର୍ଯ୍ୟରତ ଥିଲେ।

## ମେ ଆଇ ହେଲ୍ପ ୟୁ ମୋ ପରିବାର ପକ୍ଷରୁ ଜଳେଶ୍ୱର ଉପକାରାଗାରରେ ଶୃଙ୍ଖଳା ଖାଦ୍ୟ ବଣ୍ଟନ ଓ ସ୍ୱଚ୍ଛତା କାର୍ଯ୍ୟକ୍ରମ

ଜଳେଶ୍ୱର, ୧୭/୩ (ନିପ୍ର) : ଆଜି ବୁଧବାର ସକାଳେ ମେ ଆଇ ହେଲ୍ପ ୟୁ, ମୋ ପରିବାର ପକ୍ଷରୁ ଜଳେଶ୍ୱର ଉପକାରାଗାରରେ ଶୃଙ୍ଖଳା ଖାଦ୍ୟ ବଣ୍ଟନ କରାଯିବା ସହିତ କାରାଗାରର ବାହାରେ ସ୍ୱଚ୍ଛତା କାର୍ଯ୍ୟକ୍ରମ କରିଥିଲେ । ସମାଜ ଠାରୁ ଦୂରରେ ରହୁଥିବା କାରାଗାରର ଅନ୍ତେବାସୀମାନଙ୍କ ମନରେ ଆନନ୍ଦ ଯୋଗାଇ ଦେବାଲାଗି ଏପରି ପ୍ରୟାସ ବୋଲି ଜଳେଶ୍ୱର ଥାନା ଆଇଆଇସି ମାନସ ଦେଓ କହିଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ରକ୍ତଦାତା ସଂଘର ସଭାପତି କମଳ ଚକ୍ରବର୍ତ୍ତୀ, ସମାଜସେବୀ ମନୋରଂଜନ ଦାସ, ସଂଗଠନର ପ୍ରତିଷ୍ଠାତା ଜଗନ୍ନାଥ ପରିଡା, ନରହରି ବେହେରା, ମନରଂଜନ ପ୍ରଧାନ, ସତ୍ୟବ୍ରତ ପ୍ରମାଣିକ, ଆଶୁତୋଷ ଜେନା, ତୋଫାନ ଆଚାର୍ଯ୍ୟ, ନାରାୟଣ ଚନ୍ଦ୍ର କର, ଶ୍ରୀମାରାଣୀ ହୁଇ, ସୁଚିସ୍ମିତା ପ୍ରଧାରନ, ସୁଷମା ପ୍ରଧାନ, ଗୀତାରାଣୀ ଦାସ, ରଂଜିତା ରାଉଳ, ଦେବବ୍ରତ ପଣ୍ଡା, ଯୋଗେଶ ରାଠୀ, ରାଜୀବ ବେହେରା, ତରଣୀ କର, ଅଂଜଳି କର,ଲିପୁ କର, ଏଲିନା ଘୋଷ, ସଚ୍ଚିଦାନନ୍ଦ ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

## ଗ୍ରାମବାସୀଙ୍କ ନିଜସ୍ୱ ଅର୍ଥରେ ନିର୍ମାଣ ହେଉଥିବା କଂକ୍ରିଟ ପୋଲକାର୍ଯ୍ୟ ତ୍ୱରାନ୍ୱିତ ଲାଗି ତହସିଲଦାରଙ୍କୁ ଦାବିପତ୍ର



ଜଳେଶ୍ୱର, ୧୭/୩ (ନିପ୍ର) : ଚାଷୀ ସବୁବେଳେ ଅବହେଳିତ । ନିଜର ପଣ୍ୟଦ୍ରବ୍ୟ ନିଜ ଘରକୁ ଆଣିବାଲାଗି ରାସ୍ତାଟିଏ ଲାଗି ବର୍ଷବର୍ଷ ଧରି ସରକାରଙ୍କ ନିକଟରେ ଗ୍ରାମବାସୀମାନେ ଦାବି କରିଆସୁଥିଲେ ମଧ୍ୟ ସେଥିପ୍ରତି କେହି କର୍ଣ୍ଣପାତ କରୁନାହାନ୍ତି । ଶେଷରେ ନିଜସ୍ୱ ଅର୍ଥରେ ଏକ କଂକ୍ରିଟ ପୋଲ ନିର୍ମାଣ କରିବାର ନିଷ୍ପତ୍ତି ନେଇ କାର୍ଯ୍ୟ ଆରମ୍ଭପରେ ଏବେ ପ୍ରଶାସନ ପକ୍ଷରୁ ଛାଟ ଲାଗିଛି । ଏପରି ଏକ ଦୃଶ୍ୟ ଦେଖିବାକୁ ମିଳିଛି ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ରାଇବଣିଆରର ରାଜନଗରପାଟଣା ଗ୍ରାମରେ । ଘଟଣାରୁ ପ୍ରକାଶ, ରାଜନଗରପାଟଣା ଗ୍ରାମଟି ସୁବର୍ଣ୍ଣରେଖା ନଦୀ କୂଳରେ ଅବସ୍ଥିତ । ସେମାନଙ୍କ ଚାଷ ଜମିକୁ ଯିବାଲାଗି ଏକ ଖାଲ ପ୍ରତିବନ୍ଧକ ସୃଷ୍ଟି କରି ଆସୁଥିଲା । ଗ୍ରାମବାସୀମାନେ ନିଜସ୍ୱ ଖର୍ଚ୍ଚରେ ଏକ କାଠପୋଲ ନିର୍ମାଣ କରି ଚାଷ କାର୍ଯ୍ୟ କରିବାଲାଗି ଯିବା ଆସିବା କରି ଆସୁଥିଲେ। ଏବେ ତାହା ଭଂଗିଯିବାପରେ ଗ୍ରାମବାସୀମାନେ ସରକାରଙ୍କ ବାରମ୍ବାର ଦୃଷ୍ଟି ଆକର୍ଷଣ କରି ନିରାଶ ହେବାପରେ ଗ୍ରାମସଭାର ନିଷ୍ପତ୍ତି ଅନୁଯାୟୀ ନିଜସ୍ୱ ଅର୍ଥରେ ଏକ କଂକ୍ରିଟ ପୋଲ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲେ। ମାତ୍ର କେତେକ ନ୍ୟସ୍ତସ୍ୱାର୍ଥ ବ୍ୟକ୍ତିଙ୍କ ଅଭିଯୋଗ ପରେ ଜଳେଶ୍ୱର ତହସିଲ ପକ୍ଷରୁ ନିର୍ମାଣ କାର୍ଯ୍ୟ ବନ୍ଦ କରାଯାଇଛି । ଏହାର ପ୍ରତିବାଦରେ ଆଜି ବୁଧବାର ଗ୍ରାମର ଶହ ଶହ ମହିଳା, ପୁରୁଷ ଜଳେଶ୍ୱର ତହସିଲଦାରଙ୍କୁ ଆଦେଶ ପ୍ରତ୍ୟାହାର ଲାଗି ଏକ ଦାବିପତ୍ର ପ୍ରଦାନ କରିଛନ୍ତି ।

## ସୁନିଲ ସତ୍ୟାଙ୍କ ଏନ୍‌ଟିପିସି ଆଂଚଳିକ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଭାବରେ ଯୋଗଦାନ

ଭୁବନେଶ୍ୱର,୧୭/୦୩ (ନି.ପ୍ର): ଶ୍ରୀ ସୁନିଲ କୁମାର ସତ୍ୟା ଏନ୍‌ଟିପିସି(ପୂର୍ବକ୍ଷେତ୍ର-୨)ର ଆଂଚଳିକ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଭାବରେ ଯୋଗଦାନ କରିଛନ୍ତି। ଶ୍ରୀ ସତ୍ୟାଙ୍କର ପାଓ୍ୱାର ପ୍ଲାଂଟ ସଂଚାଳନ ଏବଂ ରକ୍ଷଣାବେକ୍ଷଣ କ୍ଷେତ୍ରରେ ୩୪ ବର୍ଷରୁ ଅଧିକ ଅଭିଜ୍ଞତା ରହିଅଛି। ବିଗତ ୩୪ ବର୍ଷର କର୍ମଜୀବନରେ ସେ ଏନଟିପିସିର ଔର ୟା ଗ୍ୟାସ ପାଓ୍ୱାର ପ୍ଲାଂଟ, ଦାଦ୍ରୀ ଥର୍ମାଲ ପାଓ୍ୱାର ପ୍ଲାଂଟ, ସୋଲାପୁର ସୁପର ଥର୍ମାଲ ପାଓ୍ୱାର ପ୍ଲାଂଟ ଏବଂ ଚାର୍ଲିପାରି ସୁପର ପାଓ୍ୱାର ପ୍ଲାଂଟଗୁଡ଼ିକରେ ବିଭିନ୍ନ କ୍ଷମତାରେ ସଫଳତାର ସହିତ କାର୍ଯ୍ୟ କରିଅଛନ୍ତି। ପ୍ରୋଜେକ୍ଟ ମ୍ୟାନେଜମେଂଟ ଏବଂ ଅପରେସନ ଆଣ୍ଡ ମେଂଟେନାନ୍ସ କ୍ଷେତ୍ରରେ ବିପୁଳ ଅଭିଜ୍ଞତା ବ୍ୟତୀତ ଶ୍ରୀ ସତ୍ୟା ସବ୍-କ୍ରିଟିକ୍‌ର ଏବଂ ସୁପର କ୍ରିଟିକାଲ ପାଓ୍ୱାର ଜେନେରେସନ ଟେକ୍ନୋଲୋଜି କ୍ଷେତ୍ରରେ ମଧ୍ୟ ବହୁ ଅଭିଜ୍ଞତା ହାସଲ କରିଛନ୍ତି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

## ଆଲୁମିନିୟମ ଏୟାର ବ୍ୟାଟେରୀ .....

ଅଟୋମୋଟିଭ୍ ଉତ୍ପାଦନକାରୀ କମ୍ପାନୀକୁ ଆଲୁମିନିୟମ-ଏୟାର ବ୍ୟାଟେରୀ ଟେକ୍ନୋଲୋଜି ଯୋଗାଇବ । ଇଣ୍ଡିଆନ ଅଏଲ ଏବଂ ଫିନର୍ଜି କମ୍ପାନୀ ସ୍ୱଚ୍ଛ, ସ୍ଥାୟୀ, ସୁଲଭ ଏବଂ ସୁରକ୍ଷିତ ଉର୍ଜାକୁ ଗୁରୁତ୍ୱ ଦେଇ ଏହାକୁ ଉପଲବ୍ଧ କରିବା ସହ ନୂଆ ଯାତ୍ରା ଆରମ୍ଭ କରିଥିବାରୁ ଏହି ଦୁଇ କମ୍ପାନୀକୁ ଧନ୍ୟବାଦ ଜଣାଇଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ସେ କହିଛନ୍ତି ଯେ ଅଟୋମୋଟିଭ୍ କ୍ଷେତ୍ରରେ ଆଲୁମିନିୟମ ଏୟାର ଟେକ୍ନୋଲୋଜିର ବ୍ୟବସାୟକୁ ସହଯୋଗ କରିବା ପାଇଁ ଇଣ୍ଡିଆନ ଅଏଲ-ଫିନର୍ଜି ପ୍ରାଇଭେଟ ଲିମିଟେଡ୍ ସହ ଅଟୋମୋଟିଭ୍ ଉତ୍ପାଦନକାରୀ ମାରୁତି ସୁଜୁକି ଏବଂ ଅଶୋକ ଲେଲ୍ୟାଣ୍ଡ ମଧ୍ୟରେ ଲେଟର ଅଫ୍ ଇଂଟେଟ୍ ନେଇ ମଧ୍ୟ ଆଜି ଚୁକ୍ତି ହୋଇଯାଇଛି । ଆତ୍ମନିର୍ଭର ଭାରତ ଦିଗରେ ଏହା ବଡ଼ ଉପଲବ୍ଧି । ଏହି ଟେକ୍ନୋଲୋଜି ପରିବହନ କ୍ଷେତ୍ରରେ ପ୍ରଦୂଷଣ କମାଇବାରେ ସହାୟକ ହେବ । ଏହି ଯୌଥ ଉଦ୍ୟୋଗ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଇସ୍ରାଏଲର ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ମଧ୍ୟରେ ନୂଆଦିଲ୍ଲୀ ଠାରେ ୨୦୧୮ ରେ ହୋଇଥିବା ବୁଝାମଣା ପତ୍ରର ପ୍ରତିଫଳନ । ପ୍ରଦୂଷଣ କମ କରିବା ଭଳି ଉର୍ଜା ମାଧ୍ୟମରେ ଭାରତ ଜଳବାୟୁ ପରିବର୍ତନକୁ ହ୍ରାସ କରିବା ଦିଗରେ ନିଜର ପ୍ରତିବଦ୍ଧତା ଦର୍ଶାଇଛି । ଏହା ଭବିଷ୍ୟତ ପାଇଁ ଏକ ମହତ୍ତ୍ୱପୂର୍ଣ୍ଣ ପଦକ୍ଷେପ । ଏହି ପଦକ୍ଷେପ ଆଲୁମିନିୟମ ଏୟାର ବ୍ୟାଟେରୀ ପରିସଂସ୍ଥାନର ସ୍ୱଦେଶୀ ବିକାଶକୁ ସୁବିଧା ପ୍ରଦାନ କରିବା ସହ ବିଦ୍ୟୁତଚାଳିତ ଯାନବାହାନର ଟେକ୍ନୋଲୋଜି କ୍ଷେତ୍ରରେ ମେକ୍ ଇନ୍ ଇଣ୍ଡିଆକୁ ମଜବୁତ୍ କରିବ । ଏହାସହ ଅନ୍ୟାନ୍ୟ ସ୍ୱଚ୍ଛ ଉର୍ଜା ଦିଗରେ ଗବେଷଣା ଏବଂ ବିକାଶ, ଟେକ୍ନୋଲୋଜି ଟ୍ରାନ୍ସଫର, ପୁଞ୍ଜିନିବେଶ, କ୍ଷମତା ନିର୍ମାଣକୁ ପ୍ରୋତ୍ସାହନ ପ୍ରଦାନ କରିବ ବୋଲି ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି ।

## ବିଧାନସଭା ନିର୍ବାଚନ ପାଇଁ ଇସ୍ତାହାର ....

ବିକାଶ-ଆଧାରିତ ଇସ୍ତାହାର। ଏହା ଲୋକମାନଙ୍କର, ଲୋକମାନଙ୍କ ଦ୍ୱାରା ଏବଂ ଲୋକମାନଙ୍କ ପାଇଁ ଇସ୍ତାହାର। ଟିଏମସି କ୍ଷମତାକୁ ଆସିଲେ ଲୋକଙ୍କୁ ମାଗଣାରେ ରାସନ ଦିଆଯିବା ସହ ପ୍ରତି ୪ମାସରେ 'ଦୁଆରେ ସରକାର' କାର୍ଯ୍ୟକ୍ରମର ଆୟୋଜନ କରାଯିବ। ଏହା ସହ ଗରିବଙ୍କୁ ବାର୍ଷିକ ଆର୍ଥିକ ସହାୟତା ମଧ୍ୟ ଯୋଗାଇ ଦିଆଯିବ। ଏହି ଯୋଜନା ଅଧୀନରେ ସାଧାରଣ ଜାତି ହିତାଧିକାରୀମାନେ ବାର୍ଷିକ ୬,୦୦୦ ଟଙ୍କା ଆର୍ଥିକ ସହାୟତା ପାଇବେ। ସେହିଭଳି ପଛୁଆ ସମ୍ପ୍ରଦାୟ ପାଇଁ ଆର୍ଥିକ ସହାୟତା ୧୨,୦୦୦ ଟଙ୍କା ହେବ। ଅନ୍ୟପକ୍ଷରେ, ପ୍ରତ୍ୟେକ ଗରିବଙ୍କ ଘରକୁ ମାଗଣା ରାସନ ଯୋଗାଇଦେବା ଭଳି କିଛି ଯୋଜନା ବିଷୟରେ ମମତା ବାନାର୍ଜୀ ଘୋଷଣା କରିଛନ୍ତି କି ନାହିଁ ଜାଣିବା ପାଇଁ ଏହାକୁ ନିଜ ଆଡୁ ତଦନ୍ତ ପରିସରଭୁକ୍ତ କରି ନିର୍ବାଚନ ଆୟୋଗ ପୁରୁଲିଆର ଜିଲ୍ଲା ନିର୍ବାଚନ ଅଧିକାରୀଙ୍କୁ ରିପୋର୍ଟ ମାଗିଛନ୍ତି। ଏହି ଘଟଣା ବିଷୟରେ ପଚରାଯିବା ପରେ ମମତା ବାନାର୍ଜୀ କହିଛନ୍ତି ଯେ, ନିର୍ବାଚନ ଆୟୋଗ ବିଜେପି ଦ୍ୱାରା ପରିଚାଳିତ ହେଉଛି। ସେମାନେ ନିର୍ବାଚନ ଆୟୋଗର କ୍ଷମତାର ଅପବ୍ୟବହାର କରୁଛନ୍ତି।

## ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନାବେଳେ ....

ହୋଇଛି ବୋଲି କୁହାଯାଇପାରିବ । ସାରା ଦେଶରେ ଏବେ ଯେତିକି ଟିକା ମହଜୁଦ ରହିଛି ତାହାର ୬.୫ ପ୍ରତିଶତ ନଷ୍ଟ ହେଉଛି । ତେଲେଙ୍ଗାନା ଓ ଆନ୍ଧ୍ରପ୍ରଦେଶରେ ସର୍ବାଧିକ ଟିକା ନଷ୍ଟ ହେଉଛି । ତେଲେଙ୍ଗାନାରେ ୧୭.୬ ପ୍ରତିଶତ ଓ ଆନ୍ଧ୍ରରେ ୧୧.୬ ପ୍ରତିଶତ ଟିକା ନଷ୍ଟ ହେଉଛି । ସେହିପରି ଉତ୍ତରପ୍ରଦେଶରେ ୯.୪ ପ୍ରତିଶତ ଟିକା ନଷ୍ଟ ହେଉଛି । ଟିକା ଯେପରି ନଷ୍ଟ ନହୁଏ ସେ ଦିଗରେ ଯତ୍ନବାନ ହେବାକୁ ମନ୍ତ୍ରାଳୟ ପକ୍ଷରୁ ରାଜ୍ୟମାନଙ୍କୁ ସତର୍କ କରାଇଦିଆଯାଇଛି ।

## ଦିଲ୍ଲୀ ବିଶ୍ୱର ସବୁଠାରୁ ....

ଅଧିକ ପ୍ରଦୂଷିତ ରାଜଧାନୀ । ରିପୋର୍ଟ ମୁତାବକ ବିଶ୍ୱର ସବୁଠାରୁ ପ୍ରଦୂଷିତ ସହର ମାନଙ୍କ ମାନଙ୍କ ମଧ୍ୟରେ ଭାରତରେ ଅଧିକ ସହର ରହିଛି । ବିଶ୍ୱର ୩୦ ସହର ମଧ୍ୟରୁ ଭାରତରେ ୨୨ ଟି ସହର ରହିଛି । ଦିଲ୍ଲୀ ବ୍ୟତୀତ ଉତ୍ତରପ୍ରଦେଶର ଗାଜିଆବାଦ, ବୁଲନ୍ଦସହର, ଜଲାଲପୁର, ନୋଏଡା, ଗ୍ରେଟର ନୋଏଡା, କାନପୁର, ଲକ୍ଷ୍ନୌ, ମିରଠ୍, ଆଗ୍ରା, ଓ ମୁଜାଫରନଗର । ସେହିଭଳି ରାଜସ୍ଥାନର ଭିବାଡୀ, ହରିଆଣାର ଫରିଦାବାଦ, ଜୀନ୍ଦ, ହିସାର, ଫତେହାବାଦ, ବନ୍ଧବାଡୀ, ଗୁରୁଗ୍ରାମ, ଯମୁନାନଗର, ରୋହତକ , ବିହାରର ମୁଜାଫରପୁର ଆଦି ସହର ରହିଛି । ଅନ୍ୟପ;ଟେ ବିଶ୍ୱର ସବୁଠାରୁ ଅଧିକ ପ୍ରଦୁଷିତ ସହର ଭାବେ ଚୀନର ଶିଂଜୟାଙ୍ଗ ସହର ରହିଛି । ଉପର ପଟୁ ୨ ରୁ ୧୦ ଅର୍ଥାତ ପ୍ରମୁଖ ୧୦ ଟି ପ୍ରଦୂଷିତ ସହର ମଧ୍ୟରୁ ୯ ଟି ସହର ଭାରତରେ ରହିଛି ।

## ସୁବାସଙ୍କ କ୍ଷମା ପ୍ରାର୍ଥନା ଦାବିରେ ରାଜ୍ୟପାଳଙ୍କୁ ଭେଟିଲା ବିଜେଡି

ଭୁବନେଶ୍ୱର,୧୭/୦୩ (ନି.ପ୍ର): ବିଜେପି ବିଧାୟକ ସୁବାସ ପାଣିଗ୍ରାହୀଙ୍କ କ୍ଷମା ପ୍ରାର୍ଥନା ଦାବି ନେଇ ୫ ଦିନ ଧରି ବିଜେଡି ବିଧାୟକମାନେ ବିଧାନସଭାରେ ହଙ୍ଗଗୋଳ ଜାରି ରଖିଛନ୍ତି। ବୁଧବାର ଦିନ ମଧ୍ୟ ବିଧାନସଭା ଆରମ୍ଭରୁ ବିଜେଡିର ଏହି ଦାବି ସହ ବିରୋଧୀଙ୍କ ମଣ୍ଡି ସମସ୍ୟା ପ୍ରସଙ୍ଗ ଯୋଗୁଁ ଗୃହ ଅଚଳ ହୋଇଥିଲା। ଆଜି ପୁଣି ଗୃହ ମୁଲତବୀ ହେବା ପରେ ରାଜ୍ୟପାଳଙ୍କୁ ଭେଟିଛନ୍ତି ବିଜେଡି ସଦସ୍ୟ । ବିଧାନସଭାରୁ ପଦଯାତ୍ରାରେ ରାଜଭବନ ଅଭିମୁଖେ ଯାଇ ବିଜେଡି ବିଧାୟକମାନେ ରାଜ୍ୟପାଳଙ୍କୁ ଭେଟିଥିଲେ। ବିଜେପି ବିଧାୟକ ସୁବାସ ପାଣିଗ୍ରାହୀ ବିଧାନସଭାରେ ସାନିଟାଇଜର ପିଇ ଆତ୍ମହତ୍ୟା ପାଇଁ ଉଦ୍ୟମ କରି ଗୃହର ମର୍ଯ୍ୟାଦା କ୍ଷୁର୍ଣ୍ଣ କରିଛନ୍ତି ବୋଲି ବିଜେଡି ବିଧାୟକମାନେ ଦର୍ଶାଇଛନ୍ତି। ଏହି ଅବସରରେ ବିଜେଡି ବିଧାୟକ ଦେବୀ ପ୍ରସାଦ ମିଶ୍ର କହିଛନ୍ତି ଯେ ବିଧାନସଭାରେ ଅଚଳାବସ୍ଥା ଚାଲିଥିବାରୁ ବିଜୁ ଜନତା ଦଳ ଶ୍ରୀ ପାଣିଗ୍ରାହୀଙ୍କ ନିସର୍ତ କ୍ଷମା ପ୍ରାର୍ଥନା ଦାବି କରିଛନ୍ତି। ସେହିପରି ବିଜେପି ଦଳ ଉପନେତା ବିଷ୍ଣୁ ସେଠୀ କହିଛନ୍ତି ଯେ ସୁବାସ କାହିଁକି ଭୁଲ ମାଗିବେ। ମନ୍ତ୍ରୀ ବିଧାନସଭାରେ ଭୁଲ୍ ତଥ୍ୟ ଦେଇଛନ୍ତି , ସେ ପ୍ରଥମେ କ୍ଷମା ମାଗନ୍ତୁ । ମଣ୍ଡିରୁ ଧାନ ନଉଠିବା ପର୍ଯ୍ୟନ୍ତ ଆମେ ଆନ୍ଦୋଳନ ଜାରି ରଖିବୁ ବୋଲି ସେ କହିଛନ୍ତି। ସେହିପରି କଂଗ୍ରେସ ବିଧାୟକ ତାରା ପ୍ରସାଦ ବାହିନୀପତି କହିଛନ୍ତି ଯେ ବିଜେଡି - ବିଜେପି ମିଳିତ ଭାବରେ ଗୃହକୁ ଚଳାଇବାକୁ ଚାହୁଁ ନାହାନ୍ତି। କଂଗ୍ରେସ ଦାବି କରୁଛି ଯେ ଯେତେ ଧାନ ଅଛି ତାହା ମଣ୍ଡିରୁ ଉଠିବା ଦରକାର। ସରକାର ଏଥିପାଇଁ ନିଷ୍ପତି ନିଅନ୍ତୁ। କଂଗ୍ରେସ ଏ ଦାବିରୁ ଓହରିବ ନାହିଁ। ମୁଖ୍ୟମନ୍ତ୍ରୀ ତୁରନ୍ତ ସର୍ବଦଳୀୟ ବୈଠକ ଡାକିବାକୁ ସେ ଅନୁରୋଧ କରିଛନ୍ତି। ଉଲ୍ଲେଖ୍ୟଯୋଗ୍ୟ ଯେ ମଣ୍ଡିରେ ଚାଷୀ ଭୋଗୁଥିବା ସମସ୍ୟା ଉପସ୍ଥାପନ କରି ବିଧାନସଭାରେ ସାନିଟାଇଜର ପିଇବାକୁ ଉଦ୍ୟମ କରିଥିଲେ ଦେବଗଡର ବିଜେପି ବିଧାୟକ ସୁବାସ ପାଣିଗ୍ରାହୀ ।

## ଓସିଏ 'ଭିଜନ-୨୦୨୪' ଆନ୍ତଃ ଜିଲ୍ଲା କ୍ଲବ ସିନିୟର ଲିଗ୍ ଟୁର୍ଣ୍ଣାମେଣ୍ଟ



ଭଦ୍ରକ,୧୭/୦୩ (ନି.ପ୍ର): ଚରମ୍ପା ରେଲଓ୍ୱେ ଗ୍ରାଉଣ୍ଡ ଓ ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟ ପଡ଼ିଆ ଦୁଇଟି ସ୍ଥାନରେ ଓଡ଼ିଶା କ୍ରିକେଟ ଆସୋସିଏସନ ଆନୁକୂଲ୍ୟରେ 'ଭିଜନ-୨୦୨୪' ପରିପ୍ରେକ୍ଷୀରେ ଜିଲ୍ଲା କ୍ରିକେଟ ଆସୋସିସିଏସନ ଦ୍ୱାରା ଆୟୋଜିତ ହୋଇ ଚାଲୁଥିବା ଆନ୍ତଃ ଜିଲ୍ଲା ସିନିୟର କ୍ଲବ ଲିଗ ଟୁର୍ଣ୍ଣାମେଣ୍ଟରେ ଆଜି ୨ଟି ମ୍ୟାଚ ଅନୁଷ୍ଠିତ ହୋଇଥିଲା। ସେଥିମଧ୍ୟରୁ ଗୋଟିଏ ମ୍ୟାଚରେ ଗାନ୍ଧୀ କ୍ଲବ ବିଜୟୀ ହୋଇଥିବା ବେଳେ ଅନ୍ୟ ଏକ ମ୍ୟାଚରେ ସାଳନ୍ଦୀ କ୍ଲବ ବିଜୟୀ ହୋଇଛି। ଆଜି ଭଦ୍ରକ କଲେଜ ପଡ଼ିଆରେ ଅନୁଷ୍ଠିତ ମ୍ୟାଚ ଗାନ୍ଧୀ କ୍ଲବ ଓ ସୂର୍ଯ୍ୟଶିଖା କ୍ଲବ ମଧ୍ୟରେ ଖେଳା ଯାଇଥିଲା। ସୂର୍ଯ୍ୟଶିଖା କ୍ଲବ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୩୧.୩ ଓଭରରେ ୧୫୨ ରନ କରି ସମସ୍ତ ଖେଳାଳୀ ଆଉଟ ହୋଇଯାଇଥିଲେ। ଦଳ ପକ୍ଷରୁ ସରୋଜ କୁମାର ଧଳ ୫୩, ସତ୍ୟ ପ୍ରକାଶ ଦାସ ୨୯ ଓ ସୂର୍ଯ୍ୟକାନ୍ତ ବାରିକ ୨୭ ରନ କରିଥିଲେ। ଗାନ୍ଧୀ କ୍ଲବ ପକ୍ଷରୁ ନିର୍ଣ୍ଣେକ ଘୋଷ ୩ଟି, ଅନନ୍ତ ନାୟକ ୩ଟି ଓ ସନ୍ଦିପ ମହାକୁଡ ୨ଟି ଉଇକେଟ ନେଇଥିଲେ। ଦ୍ୱିତୀୟ ଇନିଙ୍ଗ୍‌ସରେ ବ୍ୟାଟିଂ କରି ଗାନ୍ଧୀ କ୍ଲବ ୨୮.୪ ଓଭରରେ ୬ ଉଇକେଟ ହରାଇ ୧୫୫ ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ସନ୍ଦିପ ମହାକୁଡ଼ ୫୮, ଆଦିତ୍ୟ କୁମାର ସାହୁ ୨୨, ଦିବ୍ୟଜ୍ୟୋତି ସାହୁ ୨୧ ରନ କରିଥିବା ବେଳେ ସୂର୍ଯ୍ୟଶିଖା କ୍ଲବ ପକ୍ଷରୁ ସୂର୍ଯ୍ୟକାନ୍ତ ବାରିକ ୨ଟି ଉଇକେଟ ନେଇଥିଲେ। ଏହି ମ୍ୟାଚକୁ ଦେବବ୍ରତ ଦାଶ ଓ ସାର୍ଥକ ବିଶ୍ୱାଳ ଅମ୍ପାୟାର ଭାବେ ମ୍ୟାଚ ପରିଚାଳନା କରିଥିବା ବେଳେ ସସ୍ମିତା ସାହୁ ଓ ଅସିତ ଦାସ ସ୍କୋରର ଥିଲେ। ସେହିପରି ଅନ୍ୟ ଏକ ମ୍ୟାଚ ରେଲଓ୍ୱେ ପଡ଼ିଆରେ ଅନୁଷ୍ଠିତ ହୋଇଥିଲା। ଏହି ମ୍ୟାଚ ଉତ୍କଳିକା କ୍ଲବ ଓ ସାଳନ୍ଦୀ କ୍ଲବ ମଧ୍ୟରେ ଖେଳା ଯାଇଥିଲା। ସାଳନଦୀ କ୍ଲବ ଟସ୍ ଜିତି ବ୍ୟାଟିଂ କରି ୪୦ ଓଭରରେ ୯ ଉଇକେଟ ହରାଇ ୨୬୫ ରନ କରିଥିଲା। ଶିବାନନ୍ଦ ମଲ୍ଲିକ ୭୪, ଇନ୍ଦ୍ରଜିତ ମହାନ୍ତି ୭୦, ସତ୍ୟବ୍ରତ ବେହେରା ୨୮ ଓ ମୃତ୍ୟୁଞ୍ଜୟ ଜେନା ୨୨ ରନ କରିଥିଲେ। ଉତ୍କଳିକା ପକ୍ଷରୁ ସତ୍ୟସୁନ୍ଦର ମହାକୁଡ଼ ୨ଟି, ମନୋଜ କୁମାର ବାରିକ, ୨ଟି ଓ ବସନ୍ତ କୁମାର ମହାଳିକ ଗୋଟିଏ ଉଇକେଟ ନେଇଥିଲେ। ଦ୍ୱିତୀୟାର୍ଦ୍ଧ ବ୍ୟାଟିଂରେ ଉତ୍କଳିକା ଦଳ ୩୫.୨ ଓଭରରେ ୨୦୭ ରନ କରି ଅଲ୍ ଆଉଟ ହୋଇ ମ୍ୟାଚ ହାରିଥିଲେ। ସତ୍ୟରଂଜନ ଦାସ ୫୩, ରଶ୍ମିରଂଜନ ମହାକୁଡ ୫୧ ଓ ଚନ୍ଦ୍ର ଶେଖର ବେହେରା ୨୪ ରନ କରିଥିଲେ। ସାଳନ୍ଦୀ ଦଳର ନନ୍ଦ ମୁଣ୍ଡା ୪ଟି, ରଂଜିତ କୁମାର ବାରିକ ୩ଟି ଓ ଅଭିଜିତ୍ ଦାସ ୨ଟି ଉଇକେଟ ନେଇଥିଲେ। ନନ୍ଦ ମୁଣ୍ଡାଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ କରାଯାଇଥିଲା।

## ଜଗତସିଂହପୁର ଜିଲ୍ଲାରେ ୨ ଜଣ କରୋନା , ଆକ୍ରାନ୍ତଙ୍କ ସଂଖ୍ୟା ୯୧୬୮ କୁ ବୃଦ୍ଧି

ଜଗତସିଂହପୁର,୧୭/୦୩ (ନି.ପ୍ର): ଜଗତସିଂହପୁର ଜିଲ୍ଲାରେ ଆଜି ୨ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇନାହାନ୍ତି। ଏରସମା ରୁ ୧ ଜଣ, ତିର୍ତୋଲ ରୁ ୧ ଜଣ, ଏହାକୁ ମିଶାଇ ଜିଲ୍ଲାରେ ମୋଟ୍ ଆକ୍ରାନ୍ତଙ୍କ ସଂଖ୍ୟା ୯୧୬୮ କୁ ବୃଦ୍ଧି ପାଇଛି। ଅଦ୍ୟାବଧି ୪୨ ଆକ୍ରାନ୍ତ ସୁସ୍ଥ ହେଲେଣି. ଜିଲ୍ଲାରେ କରୋନାଜନିତ ସକ୍ରିୟ ମାମଲା ୪ ରହିଛି। ଏହାକୁ ମିଶାଇ ଆଜି ଜିଲ୍ଲାରୁ କରୋନାଜନିତ ମୃତ୍ୟୁ ସଂଖ୍ୟା ୩୮ ।

## ୫ଟି ଦୂରଗାମୀ ଟ୍ରେନର ସେବା ବୃଦ୍ଧି

ଭୁବନେଶ୍ୱର,୧୭/୦୩ (ନି.ପ୍ର): ଦୈନନ୍ଦିନ ଚଳାଚଳ କରୁଥିବା ହାଓଡ଼ା-ପୁରୀ-ହାଓଡ଼ା ବିଶେଷ ଟ୍ରେନ ସହିତ ପୂର୍ବତଟ ରେଳପଥ ମଧ୍ୟଦେଇ ଯାତାୟାତ କରୁଥିବା ପାଂଚଟି ଦୂରଗାମୀ ଟ୍ରେନର ସେବାକୁ ରେଳମନ୍ତ୍ରଣାଳୟ ପକ୍ଷରୁ ବୃଦ୍ଧି କରାଯାଇଛି । ହାଟିଆରୁ ପ୍ରତ୍ୟେକ ମଙ୍ଗଳବାର ଏବଂ ଯଶୋବନ୍ତପୁର ଠାରୁ ପ୍ରତ୍ୟେକ ଗୁରୁବାର ଦିନ ଛାଡୁଥିବା ୦୨୮୩୫/୦୨୮୩୬ ହାଟିଆ-ଯଶୋବନ୍ତପୁର-ହାଟିଆ ସାପ୍ତାହିକ ବିଶେଷ ଟ୍ରେନ ୨୪ ଜୁନ୍ ପର୍ଯ୍ୟନ୍ତ ଚଳାଚଳ କରିବ । ହାଓଡ଼ା ଓ ଯଶୋବନ୍ତପୁର ମଧ୍ୟରେ ସବୁଦିନ ଚଳାଚଳ କରୁଥିବା ୦୨୮୭୩/୦୨୮୭୪ ହାଓଡ଼ା-ଯଶୋବନ୍ତପୁର-ହାଓଡ଼ା ବିଶେଷ ଟ୍ରେନ ହାଓଡ଼ା ଠାରୁ ୨୮ ଜୁନ୍ ପର୍ଯ୍ୟନ୍ତ ଏବଂ ଯଶୋବନ୍ତପୁର ଠାରୁ ୩୦ ଜୁନ୍ ପର୍ଯ୍ୟନ୍ତ ଚଳାଚଳ କରିବ। ହାଓଡ଼ା ଠାରୁ ପ୍ରତି ରବିବାର ଓ ପଣ୍ଡିଚେରୀ ଠାରୁ ପ୍ରତି ବୁଧବାର ଦିନ ଛାଡୁଥିବା ୦୨୮୬୭/୦୨୮୬୮ ହାଓଡ଼ା-ପଣ୍ଡିଚେରୀ-ହାଓଡ଼ା ବିଶେଷ ଟ୍ରେନ ୩୦ ଜୁନ୍ ଚଳାଚଳ କରିବ। ହାଓଡ଼ା ଠାରୁ ପ୍ରତ୍ୟେକ ଶନିବାର ଏବଂ ଏର୍ଣ୍ଣାକୁଲମ ଠାରୁ ପ୍ରତ୍ୟେକ ସୋମବାର ଛାଡୁଥିବା ୦୨୮୭୭/୦୨୮୭୮ ହାଓଡ଼ା-ଏର୍ଣ୍ଣାକୁଲମ-ହାଓଡ଼ା ସାପ୍ତାହିକ ବିଶେଷ ଟ୍ରେନ ୨୬ ଏପ୍ରିଲ୍, ୨୦୨୧ ପର୍ଯ୍ୟନ୍ତ ଚଳାଚଳ କରିବ । ହାଓଡ଼ା ଓ ପୁରୀ ମଧ୍ୟରେ ଦୈନିକ ଚଳାଚଳ କରିଥିବା ୦୨୮୩୭/୦୨୮୩୮ ହାଓଡ଼ା-ପୁରୀ-ହାଓଡ଼ା ବିଶେଷ ଟ୍ରେନ ହାଓଡ଼ା ଠାରୁ ୨୯ ଜୁନ୍ ପର୍ଯ୍ୟନ୍ତ ଏବଂ ପୁରୀ ଠାରୁ ୩୦ ଜୁନ୍, ୨୦୨୧ ପର୍ଯ୍ୟନ୍ତ ଚଳାଚଳ କରିବ ।

# ଆଇଆଇଟି ଖରାଗପୁରର ସ୍ପ୍ରିଙ୍ଗଫେଷ୍ଟ ୨୦୨୧ ଅନୁଷ୍ଠିତ

କୋଲକାତା,୧୭/୦୩ (ନି.ପ୍ର): ସ୍ପ୍ରିଙ୍ଗଫେଷ୍ଟ ଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ୍ ଅଫ ଟେକ୍ନୋଲୋଜି ଖଡ଼ଗପୁରର ବାର୍ଷିକ, ସାମାଜିକ ଓ ସାଂସ୍କୃତିକ ଉତ୍ସବ। ୧୦୦୦୦୦ରୁ ଅଧିକ ଅନଲାଇନ୍‌ପ୍ରେଫଞ୍ଜସହିତ, ଏସିଆର ସ୍ପ୍ରିଙ୍ଗଫେଷ୍ଟ ହେଉଛି ଅନ୍ୟତମ, ଯାହା ଛାତ୍ରମାନଙ୍କ ଦ୍ୱାରା ସମ୍ପୂର୍ଣ୍ଣ ଭାବରେ ଆୟୋଜିତ ହୁଏ। ଭାରତର ପ୍ରାୟ ୭୫୦ ପ୍ରମୁଖ କଲେଜରୁ ଉତ୍ସାହୀ ଛାତ୍ରମାନେ ଖଡ଼ଗପୁରକୁ ଆସିଥାନ୍ତି ଏହି ୩ଦିନିଆ ମଜା ଏବଂ ଆନନ୍ଦ ଉତ୍ସବରେ। ବସନ୍ତ ଫେଷ୍ଟ୨ ୦ ୨୧ଫେଷ୍ଟର ୬ ୨ତମ ସଂସ୍କରଣ ଥିଲା ଏବଂ ୧୯ରୁ୨ ୧ ଫେବୃଆରୀ, ୨୦୨୧ରେ ଘଟିଥିଲା। ଚଳିତବର୍ଷ ଦିଲ୍ଲୀ, ମୁମ୍ବାଇ, ପୁଣେ, ବାଙ୍ଗାଲୋର, ହାଇଦ୍ରାବାଦ, ଅହମ୍ମଦାବାଦ, ନାଗପୁର, ଗୁଆହାଟୀ, ଭୁବନେଶ୍ୱର, ରାଂଚି, କୋଲକାତା, ପୁଣେ, ଦେହରାଡୁନ୍, ପାଟନା, ଜୟପୁର, ଚେନ୍ନାଇ, ଭାଇଜାଗ, ରାୟପୁର, ଇନ୍ଦୋର ଏବଂ ଚଣ୍ଡିଗଡ଼ ଏହାର ନୃତ୍ୟ, ଡ୍ରାମା, ସଙ୍ଗୀତ, ଫ୍ୟାଶନ ଏବଂ ସାହିତ୍ୟ ଇଭେଣ୍ଟ ପାଇଁ ଦେଶବ୍ୟାପୀ ପ୍ରିଲିମ୍‌ହିଁହାଇକେ ଯୋଜନା କରିଛି। ଏତେସବୁ ପିଲାମାନଙ୍କ ମଧ୍ୟରେ ଲୁକ୍କାୟିତ ପ୍ରତିଭା ଆଣିବା ପାଇଁ ଆବଶ୍ୟକ, ଏବଂ ବାୟୁରେ ଚମତ୍କାର ଉତ୍ସାହ, ସ୍ପ୍ରିଙ୍ଗଫେଷ୍ଟର ଏହି ସଂସ୍କରଣ ବୋଧହୁଏ ପୂର୍ବ ଅପେକ୍ଷା ଅଧିକ ବଢ଼ିଥାଏ। ସ୍ପ୍ରିଙ୍ଗଫେଷ୍ଟ ୧୨ଟି ଧାରାକୁ ଅନ୍ତର୍ଭୁକ୍ତ କରିବ ହୁଇଭେଣ୍ଟଆୟୋଜନ କରିଥାଏ ଏବଂ୧୩୦ରୁ ଅଧିକ ଇଭେଣ୍ଟଭାରତରଶ୍ରେଷ୍ଠମାନଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା କରାଯାଇଥାଏ ଯେଉଁଥିରେ ମୋଟ ନଗଦ ପୁରସ୍କାର ପ୍ରାୟ ୩୫ଲକ୍ଷ ରହିଛି।ଏତେ ସବୁ ପିଲାମାନଙ୍କ ମଧ୍ୟରେ ଲୁକ୍କାୟିତ ପ୍ରତିଭା ଆଣିବା ପାଇଁ ଆବଶ୍ୟକ । ଏହି ଇଭେଣ୍ଟ ଗୁଡିକ ଶ୍ରେଷ୍ଠ ମାନଙ୍କ ପାଇଁ ଏକ ଯୁଦ୍ଧକ୍ଷେତ୍ର ଭଳିଏବଂ ସେମାନେ ନିଜ ଜୀବନର ସର୍ବୋତ୍ତମ ସମୟ ଅନୁଭବ କରନ୍ତି । ଆମର ଗତବର୍ଷର ସାମାଜିକ ପଦକ୍ଷେପ - ପ୍ରୟତନ: ଗୋପାଳୀ (ଆଇଆଇଟି କ୍ୟାମ୍ପସ ଠାରୁ୫ ଲଙ୍କ କିଲୋମିଟର ଦୂରରେ ଅବସ୍ଥିତ ଏକଗାଁ) ର ଲୋକଙ୍କ ଜୀବନ ଶୈଳୀରେ ଉନ୍ନତି ଆଣିବା ଏବଂ ଗ୍ରାମାଂଚଳ ଗୁଡିକ ସମ୍ମୁଖୀନ ହେଉଥିବା ସାମାଜିକ, ଅର୍ଥନୈତିକ ଏବଂ ଶିକ୍ଷାଗତ ସମସ୍ୟାର ମୁକାବିଲା ପାଇଁ କ୍ଷୁଧାକୁ ବାହାର କରିବା। ଏହାର ପ୍ରକଳ୍ପ ଏବଂ ପଦକ୍ଷେପ ମାଧ୍ୟମରେ। ଆଇଆଇଟି ଖରଗପୁର କ୍ୟାମ୍ପସରେ ଏବଂ ଆଖପାଖରେ ଥିବା ସ୍କୁଲ ପିଲାମାନଙ୍କ ମଧ୍ୟରେ ଭୋକ ସମସ୍ୟା ଦୂର କରିବାକୁ ଆମେ ଲକ୍ଷ୍ୟ ରଖିଛୁ। ଷ୍ଟାର-ନାଇଟ୍ସ ସବୁବେଳେ ସ୍ପ୍ରିଙ୍ଗ ଫେଷ୍ଟର ଆକର୍ଷଣର ଏକ ଅବିଚ୍ଛେଦ୍ୟ ଅଙ୍ଗ। ଶାନ, ବିଶାଲ-ଶେଖର, ଫରହାନଅଖତର, ଅମିତ ତ୍ରିବେଦୀ, ଶଙ୍କର-ଏହସାନ-ଲୟ, ସଲିମ-ସୁଲେମାନ, କେ.କେ. , ପ୍ରତୀକକୁହାଦ, ରଘୁ ଦୀକ୍ଷିତ ପ୍ରକଳ୍ପ, ଅଗ୍ନି, ଇଣ୍ଡିଆନ ଓସିଏନ, ସ୍ୱାର୍ଥମା, ପାରିକରାମା, ଇଉଫୋରିଆ, ପେଣ୍ଟାଗ୍ରାମ୍, ଲୋକାଲଟ୍ରେନ୍ ଏବଂ ବିଗତ ବର୍ଷଗୁଡିକରେ ସ୍ପ୍ରିଙ୍ଗ ଫେଷ୍ଟରେ ଆହୁରି ଅନେକ ସ୍ମାରକୀ ପ୍ରଦର୍ଶନ ଘଟିଛି। ଏପ୍ରିଲ ସୁଦ୍ଧା ଡେଡ୍, ସ୍ମାରକୀ, ଟେସେରାକ୍ଟ ଭଳି ଆନ୍ତର୍ଜାତୀୟ ବ୍ୟାଣ୍ଡ ସ୍ପ୍ରିଙ୍ଗଫେଷ୍ଟରେ ଦର୍ଶକଙ୍କୁ ରୋକ୍ ଦେଇଛି। ଏହି ବର୍ଷ, ସ୍ପ୍ରିଙ୍ଗଫେଷ୍ଟରେ ଅମାଲମଲିକ, ଇଣ୍ଡିଆନଓସିଏନ, ବ୍ୟାସଜାକର୍ସ, ଜେଟ୍ରିକ୍ସ ଏକ୍ସ ସବସ୍ୱେସ୍ ଏବଂ ଅନ୍ୟାନ୍ୟ ଦ୍ୱାରା ଆକର୍ଷଣୀୟ ପ୍ରଦର୍ଶନକୁ ଦେଖି ଆମେ ୩ଦିନ ପାଇଁ ବହୁତ ଆନନ୍ଦ ଉପଭୋଗ କଲୁ। ସ୍ପ୍ରିଙ୍ଗଫେଷ୍ଟ, ଆଇଆଇଟି ଖରାଗପୁର ଫେସବୁକ ପରିଦର୍ଶନ କରନ୍ତୁ କିମ୍ବା ଅଧିକ ଜାଣିବା ପାଇଁ **www.springfest.in** ରେ ଆମର ୱେବସାଇଟକୁ ଲଗ୍‌ଇନ କରନ୍ତୁ।

## ରାଷ୍ଟ୍ରୀୟ ଏକତା ଶିବିରରେ ଯୋଗଦେଲେ ଓଡ଼ିଶାର ସ୍ୱୟଂସେବକ

ଭୁବନେଶ୍ୱର,୧୭/୦୩ (ନି.ପ୍ର): ଓଡ଼ିଶା ଦଳ ଛାତ୍ରୀ ସ୍ୱୟଂସେବିକାମାନଙ୍କ ମଧ୍ୟରେ କିଟ୍ ବିଶ୍ୱବିଦ୍ୟାଳୟରୁ ଆକାଂକ୍ଷା କବି, ତୁଳସୀ ମହିଳା ମହାବିଦ୍ୟାଳୟ କେନ୍ଦ୍ରାପଡ଼ାରୁ ପୂର୍ଣ୍ଣିମା ପତି ଏବଂ ସଂଗୀତା ସାହୁ, କମଳା ନେହେରୁ ମହିଳା ମହାବିଦ୍ୟାଳୟରୁ ପୂଜା ଡାକୁଆ ଏବଂ ସଂଗୀତା ପ୍ରଧାନ ଓ ଛାତ୍ର ସ୍ୱୟଂସେବକମାନଙ୍କ ମଧ୍ୟରେ ସନାତନ ହରିଚନ୍ଦନ ଡିଗ୍ରୀ ମହାବିଦ୍ୟାଳୟରୁ ଅଶ୍ୱିନୀ କୁମାର ମିଶ୍ର, ଲୋକନାଥ ମହାବିଦ୍ୟାଳୟରୁ ଶଶାଙ୍କ ଶେଖର ପତି ଏବଂ ଶ୍ରୀକାନ୍ତ ପଣ୍ଡା, ବିଜୁ ପଟ୍ଟନାୟକ ମହାବିଦ୍ୟାଳୟରୁ ଅଭିଜିତ କୁମାର ଏବଂ ଅଜିତ୍ କୁମାର ଯେଉଁମାନେ କେନ୍ଦ୍ରାପଡ଼ା ଜିଲ୍ଲା ଜାତୀୟ ସେବା ଯୋଜନା ଅଧିକାରୀ ଡ. ପଦ୍ମଜା କବି ଶତପଥୀଙ୍କ ନେତୃତ୍ୱରେ ୨୦୨୧ ମାର୍ଚ୍ଚ ୧୦-୧୬ ବରେଲି ଉତର ପ୍ରଦେଶ ଠାରେ ଜାତୀୟ ସେବା ଯୋଜନା ଦ୍ୱାରା ଆୟୋଜିତ ରାଷ୍ଟ୍ରୀୟ ଏକତା ଶିବିରରେ ଯୋଗ ଦେଇଥିଲେ। ପ୍ରତିଦିନ ଉଭୟ ସ୍ୱୟଂସେବକ ଏବଂ ସ୍ୱୟଂସେବିକା ବିଭିନ୍ନ କାର୍ଯ୍ୟକ୍ରମ ଯଥା ବିଶ୍ୱବିଦ୍ୟାଳୟ ପରିସର ସଫେଇ, ଯୋଗ ଓ ପ୍ରାତଃ ବ୍ୟାୟାମ, ସାଂସ୍କୃତିକ କାର୍ଯ୍ୟକ୍ରମ, ପରସ୍ପର ରାଜ୍ୟ ମଧ୍ୟରେ ଭାବ ବିନିମୟ ଭଳି କାର୍ଯ୍ୟରେ ଅଂଶ ଗ୍ରହଣ କରିଥିଲେ। ସ୍ୱୟଂସେବକମାନଙ୍କ ମଧ୍ୟରେ ଭିନ୍ନ ପ୍ରତିଯୋଗିତା ଯଥା - ବକ୍ତୃତା, ରଙ୍ଗୋଲି, କବିତା ଆବୃତି, ସାଂସ୍କୃତିକ ନୃତ୍ୟ ଓ ସଙ୍ଗୀତର ଆୟୋଜନ ମଧ୍ୟ ହୋଇଥିଲା। ଯେଉଁଥିରେ ଓଡ଼ିଶା ରାଜ୍ୟ କିଟ୍ ବିଶ୍ୱବିଦ୍ୟାଳୟ ସ୍ୱୟଂସେବିକା ଆକାଂକ୍ଷା କବି ବକ୍ତୃତା ପ୍ରତିଯୋଗିତାରେ ରେ ନିଜର ଚମତ୍କାର ପ୍ରଦର୍ଶନ କରି ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଏହି ଅବସରରେ ପ୍ରତ୍ୟେକ ସ୍ୱୟଂସେବକଙ୍କୁ ଇଜ୍ଜତନଗରରେ ରହିଥିବା ରେଳ କାରଖାନା, ଜାତୀୟ ପଶୁ ଗବେଷଣା ପ୍ରତିଷ୍ଠାନ ଓ ବରେଲିରେ ଥିବା ଏକ ସୁନ୍ଦର ମଲର ପରିଦର୍ଶନ କରିବାର ସୁଯୋଗ ମିଳିଥିଲା।

# ଲିଙ୍ଗରାଜ ମନ୍ଦିର ସମେତ ଏକାମ୍ର କ୍ଷେତ୍ରର ସମସ୍ତ ସେବାୟତମାନଙ୍କୁ କୋଭିଡ ଟିକା ପ୍ରଦାନ କରାଯାଉ : ବାବୁସିଂ

ଭୁବନେଶ୍ୱର,୧୭/୦୩ (ନି.ପ୍ର): କରୋନା କବଳରୁ ରକ୍ଷା ପାଇବା ପାଇଁ ପୁରୀ ଶ୍ରୀଜଗନ୍ନାଥ ମନ୍ଦିରର ସମସ୍ତ ସେବାୟତମାନଙ୍କୁ କୋଭିଡ ଟୀକା ପ୍ରଦାନ କରାଯିବାର ନିଷ୍ପତି ସ୍ୱାଗତଯୋଗ୍ୟ। ପୁରୀ ଭଳି ଏକାମ୍ର କ୍ଷେତ୍ରର ସେବାୟତ ମାନଙ୍କୁ କୋଭିଡ୍ ଟୀକା ପ୍ରଦାନ କରାଗଲେ କରୋନା ଭଳି ମହାମାରୀ ରୋଗ ଉପରେ ରୋକ୍ ଲାଗିପାରିବ। ଟୀକା ଲଗାଇବା ପରେ ସେବାୟତମାନେ ନିର୍ଭୟରେ ପ୍ରଭୁଙ୍କ ସମସ୍ତ ନୀତିକାନ୍ତି ସୂଚାରୁ ରୂପେ ତୁଲାଇ ପାରିବେ ବୋଲି କହିବା ସହ ଲିଙ୍ଗରାଜ ମନ୍ଦିର ସମେତ ଏକାମ୍ର କ୍ଷେତ୍ରର ସମସ୍ତ ସେବାୟତ ମାନଙ୍କୁ କୋଭିଡ ଟୀକା ପ୍ରଦାନ କରିବାର ବିହିତ ବ୍ୟବସ୍ଥା ଗ୍ରହଣ କରିବାକୁ ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଭୁବନେଶ୍ୱର ଜିଲ୍ଲା ସଭାପତି ଶ୍ରୀ ବାବୁ ସିଂ ପତ୍ରଲେଖି ଅନୁରୋଧ କରିଛନ୍ତି। ଶ୍ରୀ ସିଂ ପତ୍ରରେ ଉଲ୍ଲେଖ କରି କହିଛନ୍ତି ଯେ, ପୂର୍ବରୁ କରୋନା କଟକଣା ଯୋଗୁଁ ବହୁଭକ୍ତ ଓ ସେବାୟତ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଦୀର୍ଘ ୧୦ ମାସ ଧରି କରୋନା କଟକଣା ପାଇଁ ରାଜ୍ୟରେ ମନ୍ଦିରଗୁଡ଼ିକ ଖୋଲାଯାଉ ନଥିଲା। କିନ୍ତୁ ବର୍ତମାନ ସ୍ଥିତି ସୁଧୁରିବାରେ ଲାଗିଲାଣି। ଯାହାଫଳରେ କି, ପୁରୀ ଶ୍ରୀଜଗନ୍ନାଥ ଧାମ ଓ ଏକାମ୍ର କ୍ଷେତ୍ର ଲିଙ୍ଗରାଜ ମନ୍ଦିର ସମେତ ଅନ୍ୟାନ୍ୟ ମନ୍ଦିରଗୁଡ଼ିକ ଭକ୍ତମାନଙ୍କ ପାଇଁ ଖୋଲିଲାଣି। ଏବେ ବିଭିନ୍ନ ମନ୍ଦିରକୁ ଭକ୍ତମାନଙ୍କର ସୁଅ ଛୁଟିଛି। ବିଶେଷ କରି ଏକାମ୍ର କ୍ଷେତ୍ରକୁ ରାଜ୍ୟ ତଥା ରାଜ୍ୟ ବାହାରୁ ପ୍ରତିଦିନ ହଜାର ହଜାର ସଂଖ୍ୟାରେ ଭକ୍ତ ଆସିବା ବା ଲିଙ୍ଗରାଜ ମହାପ୍ରଭୁଙ୍କ କୃପାଲାଭ କରୁଛନ୍ତି। ଏହାଦ୍ୱାରା ସେବାୟତମାନଙ୍କୁ କରୋନା ବ୍ୟାପିବାର ଆଶଙ୍କା ରହିଛି। ତେଣୁ ସେବାୟତମାନଙ୍କୁ କୋଭିଡ ଟୀକା ପ୍ରଦାନ କରାଯାଇ ମହାମାରୀ ସଂକଟରୁ ନିର୍ଭୟରେ ସେବା ପ୍ରଦାନ କରିବାର ପଦକ୍ଷେପ ଗ୍ରହଣ କରିବାକୁ ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଏହି ପତ୍ରରେ ଶ୍ରୀ ସିଂ ଅନୁରୋଧ କରିଛନ୍ତି।

## ବଙ୍ଗବନ୍ଧୁ ଶେଖ ମୁଜିବୁର ରେହମାନଙ୍କ ଜନ୍ମ ବାର୍ଷିକୀରେ ପ୍ରଧାନମନ୍ତ୍ରୀଙ୍କ ଶ୍ରଦ୍ଧାଞ୍ଜଳି

ନୂଆଦିଲ୍ଲୀ,୧୭/୦୩ (ନି.ପ୍ର): ବଙ୍ଗବନ୍ଧୁ ଶେଖ ମୁଜିବୁର ରେହମାନଙ୍କ ଜନ୍ମ ବାର୍ଷିକୀରେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି । ପ୍ରଧାନମନ୍ତ୍ରୀ ଟୁଇଟ୍ କହିଛନ୍ତି, "ମାନବାଧିକାର ଏବଂ ସ୍ୱାଧୀନତାର ସର୍ବଜୟୀ ବଙ୍ଗବନ୍ଧୁ ଶେଖ ମୁଜିବୁର ରେହମାନଙ୍କ ଜନ୍ମ ବାର୍ଷିକୀରେ ମୋର ହାର୍ଦ୍ଦିକ ଶ୍ରଦ୍ଧାଞ୍ଜଳି । ସେ ସମସ୍ତ ଭାରତୀୟଙ୍କ ପାଇଁ ମଧ ଜଣେ ନାୟକ । ଐତିହାସିକ ମୁଜିବ ବୋରଶୋ ଉତ୍ସବ ଲାଗି ଏହି ମାସ ଶେଷ ଆଡକୁ ବାଂଲାଦେଶ ଗସ୍ତ ମୋ ପାଇଁ ଏକ ଗର୍ବର ବିଷୟ" ।

# ମୟୂରଭଞ୍ଜ ଜିଲ୍ଲାସ୍ତରୀୟ ପାଂଚ ଦିନିଆ କୃଷିମହୋତ୍ସବ ଉଦ୍‌ଘାଟିତ



ବାରିପଦା,୧୭/୦୩ (ନି.ପ୍ର): "କୃଷି ଓଡିଶା" ଆନୁକୁଲ୍ୟରେ ଚଳିତ ୧୫.୦୩.୨୧ ଠାରୁ ୧୯.୦୩.୨୧ ପର୍ଯ୍ୟନ୍ତ ପାଂଚଦିନିଆ ମୟୂରଭଞ୍ଜ ଜିଲ୍ଲା ସ୍ତରୀୟ କୃଷି ମୋହତ୍ସବ ଉଦ୍‌ଘାଟିତ ହୋଇଯାଇଅଛି । ସୂଚନାଯୋଗ୍ୟ ଯେ ରାଜ୍ୟ ସରକାରଙ୍କ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଆନୁକୂଲ୍ୟରେ ରାଜ୍ୟ ସ୍ତରରୁ ମାର୍ଚ୍ଚ ୧୫-୧୯ ତାରିଖ ପର୍ଯ୍ୟନ୍ତ ଓଡିଶା କୃଷି ଅନ୍ତର୍ଗତ ସମନ୍ୱିତ ଚାଷ, ଷିଙ୍କ ବିକାଶ ତଥା କୃଷି ପ୍ରଦର୍ଶନୀ ସମ୍ପର୍କିତ ଆୟୋଜିତ କାର୍ଯ୍ୟକ୍ରମର ସିଧାପ୍ରସାରଣ (ଲାଇଭ୍ ଷ୍ଟିମିଙ୍ଗ୍) ଜରିଆରେ ଓଡିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇ ରାଜ୍ୟର ସମସ୍ତ ଜିଲ୍ଲାର ମୁଖ୍ୟ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟକୁ ସଂପ୍ରସାରିତ କରାଯାଇଛି । ଏହି ପରିପ୍ରେକ୍ଷୀରେ ମୟୂରଭଞ୍ଜ ଜିଲ୍ଲା ମୁଖ୍ୟ କୃଷି ବିଭାଗ କାର୍ଯ୍ୟାଳୟ ପରିସରରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଦାମଦୋର ସେଠୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ କୃଷି ବିଜ୍ଞାନ କେନ୍ଦ୍ର ଶ୍ୟାମାଖୁଣ୍ଟାର ବରିଷ୍ଠ ବୈଜ୍ଞାନିକ ସଂଘମିତ୍ରା ପଟ୍ଟନାୟକ, ମୟୂରଭଞ୍ଜ ଉଦ୍ୟାନକୃଷି ଉପନିର୍ଦ୍ଦେଶକ ଶିଶିର ଆଚାର୍ଯ୍ୟ, ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ପ୍ରଭାକର ସାହୁ, ମୃତିକା ସଂରକ୍ଷଣ ତଥା ଜଳଛାୟା ପ୍ରକଳ୍ପ, ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ସୁଭେନ୍ଦୁ କୁମାର ଦାସ ପ୍ରମୁଖ ସମେତ ଜିଲ୍ଲାର ସମସ୍ତ ଜିଲ୍ଲା କୃଷି ଅଧିକାରୀ ଯୋଗ ଦେଇ ଷି ଓ କୃଷିଭିତ୍ତିକ ଉଦ୍ୟୋଗୀ ମାନଙ୍କୁ ଉତ୍ସାହିତ କରିଥିଲେ। କୃଷି ଓ କୃଷକର ବିକାଶ ପାଇଁ ସରକାରଙ୍କ ଏହି କାର୍ଯ୍ୟକ୍ରମ ଜରିଆରେ ଜିଲ୍ଲାର ସମସ୍ତ ୨୬ ବ୍ଲକ୍‌ରୁ ପ୍ରତି ଦିନ ୧୫୦ ଜଣ ଷୀ/ଉଦ୍ୟୋଗୀ/କୃଷିଭିତ୍ତିକ ବ୍ୟବସାୟୀମାନଙ୍କ ସଚେତନତା ପାଇଁ କାର୍ଯ୍ୟକ୍ରମର ସିଧାସଳଖ ପ୍ରସାରଣ ଦେଖିବାର ବନ୍ଦୋବସ୍ତ କରାଯାଇଛି। ଏହି କାର୍ଯ୍ୟକ୍ରମରେ ବିଶେଷ କରି ଉନ୍ନତ ଷ କୌଶଳ, କୃଷି ଶିଳ୍ପର ବିକାଶ, ଦକ୍ଷତା ବୃଦ୍ଧି, ସମନ୍ୱିତ ଷ, ଜୈବିକ କୃଷି ଆଦି ବିଷୟବସ୍ତୁ ଉପରେ ଆଲୋଚନା/କର୍ମଶାଳା ଓ ପ୍ରଦର୍ଶନୀ ଷ୍ଟଲରେ କୃଷି ଓ ଆନୁସଙ୍ଗିକ ବିଭାଗର ତତ୍ତ୍ୱାବଧାନରେ ଖୋଲା ଯାଇଥିବା ପ୍ରଦର୍ଶନିକୁ ଦେଖି ନିଜର ଦକ୍ଷତା ବିକାଶ ପାଇଁ ବ୍ୟବସ୍ଥା କରାଯାଇଛି। ଚଳିତ ବର୍ଷର ଜିଲ୍ଲା କୃଷି ମହତ୍ସବ କାର୍ଯ୍ୟକ୍ରମରେ ସମନ୍ୱିତ ଷିଙ୍କ ବିକାଶ, ପ୍ରଦର୍ଶନୀରେ ମିଲେଟ୍ ମିଶନ, ମିଶନ ଶକ୍ତି, ଓ କୃଷି ବିଭାଗୀୟ କୌଶଳ, ଉନ୍ନତ ଯନ୍ତ୍ରପାତି ପ୍ରଦର୍ଶନ, ମାଛ ଓ ଗୋପାଳନର ଲାଇଭ ସୋ, ଛତୁ ଷ ଇତ୍ୟାଦି କୃଷିକ୍ଷେତ୍ରରେ ଉନ୍ନତମାନର ଷ କୌଶଳ, ଉନ୍ନତମାନର କୃଷିଯନ୍ତ୍ରପାତି, ଆଦି ପ୍ରଦର୍ଶନ ଜରିଆରେ ଜ୍ଞାନକୌଶଳ ଷିଙ୍କ ନିକଟରେ ପହଁଞ୍ଚାଇବା, କମ୍ ଜମିରେ କମ୍ ଖର୍ଚ୍ଚରେ କମ୍ ପରିଶ୍ରମରେ ଷି କିପରି ଅଧିକ ଉତ୍ପାଦନ କରି ଲାଭ ପାଇବ ତଥା ମାର୍କେଟିଙ୍ଗର ସୁବିଧା, ଋଣ ସୁବିଧା ମିଶ୍ରିତ ଷ ଏବଂ ଜୈବିକ ଷ ଆଦି ବିଭିନ୍ନ ଦିଗ ଉପରେ ବିଶେଷ ଗୁରୁତ୍ୱ ଦେଇ କୃଷି କ୍ଷେତ୍ରରେ ଜଡିତ ଉଦ୍ୟଗୀ/ବ୍ୟବସାୟୀମାନଙ୍କୁ ଏହି କାର୍ଯ୍ୟକ୍ରମରେ ଉତ୍ସାହିତ କରାଯାଉଅଛି । ଆୟୋଜିତ ଜିଲ୍ଲାସ୍ତରୀୟ କୃଷିମହତ୍ସବରେ କୃଷି, ଉଦ୍ୟାନକୃଷି, ପ୍ରାଣୀ ସମ୍ପଦ, ମିଲେଟ୍ ମିଶନ ଏବଂ କୃଷି ଉଦ୍ୟଗୀ/ବ୍ୟବସାୟୀମାନଙ୍କ ଦ୍ୱାରା କୃଷିଭିତ୍ତିକ ଯନ୍ତ୍ର ପାତି ଓ କାର୍ଯ୍ୟକ୍ରମ ସଂପର୍କୀତ ପ୍ରଦର୍ଶନୀମଣ୍ଡପ ଖୋଲା ଯାଇଛି ଏବଂ ଏହା ଚଳିତ ୧୯ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେଉଅଛି ।

## ମାଷ୍ଟର କାରିଗରମାନଙ୍କ ପାଇଁ ପ୍ରଶିକ୍ଷଣ କାର୍ଯ୍ୟକ୍ରମ

ଭୁବନେଶ୍ୱର,୧୭/୦୩ (ନି.ପ୍ର): ଖୋର୍ଦ୍ଧା ହସ୍ତତନ୍ତ ବୁଣା ଓ ଡିଜାଇନିଂ ଅନୁଷ୍ଠାନରେ ହସ୍ତତନ୍ତ କ୍ଷେତ୍ରର ମାଷ୍ଟର କାରିଗରମାନଙ୍କ ପାଇଁ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି । ପ୍ରାକୃତିକ ଉତ୍ସରୁ ପ୍ରାକୃତିକ ରଙ୍ଗ ବାହାର କରିବାର ପ୍ରକ୍ରିୟା ଏବଂ କପା ଏବଂ ରେଶମ ସୂତା ଉପରେ ଏହାର ରଙ୍ଗ ପ୍ରୟୋଗ ବିଷୟରେ ତାଲିମ ଦିଆଯାଉଛି । ଏହି କାର୍ଯ୍ୟକ୍ରମରେ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ, ଓଡ଼ିଶା ସରକାରଙ୍କ ଦ୍ୱାରା ଆର୍ଥିକ ଅନୁଦାନପ୍ରାପ୍ତ ଏବଂ ବୟନଶିଳ୍ପ ନିର୍ଦ୍ଦେଶକ, ଓଡ଼ିଶାଙ୍କ ଦ୍ୱାରା ରାଜ୍ୟ ହସ୍ତତନ୍ତ ପୁଂଜ ବିକାଶ ଅନୁଷ୍ଠାନକୁ ପ୍ରଦାନ କରାଯାଇଛି । ଏହି ଉଦ୍‌ଘାଟନୀ ଉତ୍ସବ କାର୍ଯ୍ୟକ୍ରମକୁ ଦକ୍ଷିଣ କେନ୍ଦ୍ରୀୟ ବିଭାଗର ବୟନ ଉପନିର୍ଦ୍ଦେଶକ ଉତ୍ପଳ ଘୋଷ ଏବଂ ରାଜ୍ୟ ହସ୍ତତନ୍ତ ପୁଂଜ ବିକାଶ ଅନୁଷ୍ଠାନର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଦିଲ୍ଲୀପ ବାଗ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ । ପ୍ରକଳ୍ପ ସଂଯୋଜକ ରଜନୀକାନ୍ତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ପ୍ରଶିକ୍ଷଣ ୧୫ ମାର୍ଚ୍ଚରୁ ଆରମ୍ଭ ହୋଇଛି । ଏହା ୧୫ ଦିନ ପର୍ଯ୍ୟନ୍ତ ଚାଲିବ । ଏହି ତାଲିମ ନେବା ନିମନ୍ତେ ଆଠଗଡ଼, ବରଗଡ଼, ଖୋର୍ଦ୍ଧା, ସୋନପୁର ଏବଂ ବାଲେଶ୍ୱର ବୟନ ମଣ୍ଡଳରୁ ଜଣେ ଲେଖାଏଁ ମାଷ୍ଟର କାରିଗର ଚୟନ କରାଯାଇଛି । ଏହି କାର୍ଯ୍ୟକ୍ରମ ରାଜ୍ୟ ହସ୍ତତନ୍ତ ପୁଂଜ ବିକାଶ ଅନୁଷ୍ଠାନ, ଭୁବନେଶ୍ୱର ଏବଂ ସହକାରୀ ବୟନ ନିର୍ଦ୍ଦେଶକ, ଖୋର୍ଦ୍ଧାଙ୍କ ସହଯୋଗରେ କାର୍ଯ୍ୟକାରୀ ହେଉଛି ।

## ସମୀକରଣ ପ୍ରକ୍ରିୟାରେ ଖାଲି ଥିବା ଶିକ୍ଷକ ପଦବୀ ଗୁଡିକ ପୂରଣ କରାଯିବ

ଭୁବନେଶ୍ୱର,୧୭/୦୩ (ନି.ପ୍ର): ଯେଉଁ ବିଦ୍ୟାଳୟ ଗୁଡିକରେ ଶିକ୍ଷକ ଓ ଶିକ୍ଷୟତ୍ରୀ ଅଭାବ ରହିଛନ୍ତି ସମୀକରଣ ପ୍ରକ୍ରିୟା ମାଧ୍ୟମରେ ସେସବୁ ବିଦ୍ୟାଳୟ ଗୁଡିକରେ ଖାଲି ଥିବା ଶିକ୍ଷକ ପଦବୀ ଗୁଡିକ ପୂରଣ କରାଯିବ ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଂଜନ ଦାଶ ପ୍ରକାଶ କରିଛନ୍ତି। ବିଧାୟକ ସୁରେଶ କୁମାରରାଉତରାୟଙ୍କ ବେକାର ସିଟି ଓ ବିଇଡି ଡିଗ୍ରୀଧାରୀଙ୍କୁ ନିଯୁକ୍ତି ସମ୍ପର୍କିତ ତାରକା ଚିହ୍ନିତ ପ୍ରଶ୍ନର ଉତରରେ ମନ୍ତ୍ରୀ ଗୃହକୁ ଜଣାଇଛନ୍ତି ଯେ ଏହି ଡିଗ୍ରୀଧାରୀ ପ୍ରଶିକ୍ଷିତ ଉପଯୁକ୍ତ ପ୍ରାର୍ଥୀମାନଙ୍କୁ ଆବଶ୍ୟକତା ଅନୁଯାୟୀ ଶିକ୍ଷକ/ଶିକ୍ଷୟତ୍ରୀ ରୂପେ ନିଯୁକ୍ତି ପ୍ରଦାନ କରାଯାଉଛି। ଯେଉଁ ପ୍ରାର୍ଥୀମାନଙ୍କର ବୟସ ଅତିକ୍ରମ କରିଗଲାଣି ସେମାନଙ୍କୁ ସରକାରୀ ବିଦ୍ୟାଳୟରେ ନିୟୋଜନ ପାଇଁ ସରକାରୀ ସ୍ତରରେ କୌଣସି ସ୍ୱତନ୍ତ୍ର ବ୍ୟବସ୍ଥା ନାହିଁ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି।

## ଶିଶିର କୁମାର ରଥ ହେଲେ ନୂଆ ପିସିସିଏଫ୍

ଭୁବନେଶ୍ୱର,୧୭/୦୩(ନି.ପ୍ର): ଆଇଏଫଏସ ଅଧିକାରୀ ଶିଶିର କୁମାର ରଥ ହେଲେ ନୂଆ ପିସିସିଏଫ। ୧୯୮୭ ବ୍ୟାଚ୍ ର ଏହି ଆଇଏଫଏସ୍ ଅଧିକାରୀଙ୍କୁ ଓଡିଶାର ପ୍ରିନସିପାଲ ଚିଫ୍ କନଜରଭେଟର ଅଫ୍ ଫରେଷ୍ଟସ୍ (ପିସିସିଏଫ୍) ଏବଂ ରାଜ୍ୟ ଫରେଷ୍ଟ ଫୋର୍ସର ମୁଖ୍ୟ ଭାବେ ନିଯୁକ୍ତି ଦିଆଯାଇଛି। ଏସମ୍ପର୍କରେ ବୁଧବାର ଦିନ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି ।

# ଯୁବକମାନେ ରାଷ୍ଟ୍ର ନିର୍ମାଣର ମହାନାୟକ

ଜଳେଶ୍ୱର, ୧୭/୩ (ନିପ୍ର) : ବ୍ୟକ୍ତିଗତ ଚେତନାରୁ ଉର୍ଦ୍ଧ୍ୱରେ ରହି ଯୁବକମାନେ ରାଷ୍ଟ୍ର ଚେତନାରେ ଉଦ୍‌ବୁଦ୍ଧ ହେବା ଉଚିତ ବୋଲି ଆୟୋଜିତ ଯୁବ ସମ୍ମିଳନୀରେ ବକ୍ତାମାନେ କହିଛନ୍ତି । ନେହେରୁ ଯୁବକେନ୍ଦ୍ର ବାଲେଶ୍ୱର ସଂଗଠନ ପକ୍ଷରୁ ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ଅଧିନ ଶାଳିକୋଠାସ୍ଥିତ ବାଗୀଶ୍ୱରୀ ସଂସ୍କୃତ ମହାବିଦ୍ୟାଳୟରେ କର୍ମଶାଳା ଅନୁଷ୍ଠିତ ହୋଇ ଯାଇଛି । ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ବିବେକାନନ୍ଦ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବନବିହାରୀ ପ୍ରଧାନ ଯୋଗ ଦେଇ ଯୁବକ ମାନଙ୍କୁ ରାଷ୍ଟ୍ର ନିର୍ମାଣରେ ପ୍ରାଧାନ୍ୟ ଦେବା ଉଚିତ୍ ବୋଲି କହିଥିଲେ । ମୁଖ୍ୟ ବକ୍ତାଭାବେ ଅଧ୍ୟାପକ ଡ. ନୀଳକଣ୍ଠ ଖଣ୍ଡା ଯୁବକମାନେ ସଂଜମି, ଏବଂ ଶୃଙ୍ଖଳିତ ହେବା ଉଚିତ୍ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ କାର୍ତ୍ତିକେଶ୍ୱର ପାତ୍ର, ମଧୁସୂଦନ ପ୍ରଧାନ ପ୍ରମୁଖ ଯୁବକ ମାନଙ୍କୁ ଉଦ୍‌ବୋଧନ ଦେଇଥିଲେ । ଏଥିରେ କିଶୋରେଶ୍ୱର ଯୁବକ ସଂଘ, ବାବା ଧବଳେଶ୍ୱର ଯୁବକ ସଂଘ, ବିଦ୍ୟାଳୟର ଜାତୀୟ ସେବାସଂସ୍ଥାର ସ୍ୱେଚ୍ଛାସେବୀ ମାନେ ଉପସ୍ଥିତ ଥିଲେ। ବିଷ୍ଣୁପ୍ରିୟା ଦଳାଇ ସ୍ୱାଗତ ସଂଗୀତ ଗାନ କରିଥିବା ବେଳେ ରାଜ୍ୟ ଦିବ୍ୟାଙ୍ଗ ସଂଗଠନର ସଦସ୍ୟ ବସନ୍ତ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। କାଯ୍ୟକ୍ରମକୁ ଅଧ୍ୟାପକ କାଳିକିଙ୍କର ଧର, ସମରବଲ୍ଲଭ ସାହୁ, ସୁଜାତାରାଣୀ ଦାସ , ଚନ୍ଦନ କୁମାର କର ଓ ଅଶୋକ ପାଣିଗ୍ରାହୀ, ରାମକୃଷ୍ଣ ଜେନା ପ୍ରମୁଖ ପରିଚାଳନା କରିଥିଲେ ।

## ଶ୍ରୀ ମିଶ୍ର ଚାରିଟେବୁଲ ଟ୍ରଷ୍ଟ ଓ ରୋଟାରୀ ମିଡ୍ ଟାଉନର ମିଳିତ ଆନୁକୂଲ୍ୟରେ ନିଶୁଳ୍କ ଚକ୍ଷୁ ପରୀକ୍ଷା ଶିବିର




ଭଦ୍ରକ,୧୭/୦୩ (ନି.ପ୍ର): ସମାଜସେବୀ ସ୍ୱର୍ଗତାଃ ଆଶାଲତା ମିଶ୍ରଙ୍କ ପଂଚମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଶ୍ରୀ ମିଶ୍ର ଚାରିଟେବୁଲ ଟ୍ରଷ୍ଟ ଓ ରୋଟାରୀ ମିଡ୍ ଟାଉନର ମିଳିତ ଆନୁକୂଲ୍ୟରେ ଆଜି ଚରମ୍ପା ବରାଳପୋଖରୀ ହନୁମାନ ହାଟସ୍ଥିତ ଭଦ୍ରକ ମ୍ୟୁନିସ୍‌ପାଲିଟି ହସ୍‌ପିଟାଲ ପରିସରରେ ଏକ ନିଶୁଳ୍କ ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଶିବିରରେ ରୋଟାରୀ କ୍ଲବ ଅଫ୍ କଟକ ଦ୍ୱାରା ପ୍ରତିଷ୍ଠିତ ଜେ.ପି.ଏମ୍ ରୋଟାରୀ ଚକ୍ଷୁ ଚିକିତ୍ସାଳୟ, କଟକ ସି.ଡି.ଏ ର ଚକ୍ଷୁ ବିଶେଷଜ୍ଞ ଡାକ୍ତରଙ୍କ ଦ୍ୱାରା ଚକ୍ଷୁ ପରୀକ୍ଷା କରାଯାଇ ପରାମର୍ଶ ଓ ଔଷଧ ପ୍ରଦାନ କରାଯାଇଛି । ଯେଉଁ ରୋଗୀମାନଙ୍କର ଚକ୍ଷୁ ପରଳ ଅପରେସନ ପାଇଁ ଯୋଗ୍ୟ ବିବେଚନା କରାଯାଇଛି ସେମାନଙ୍କୁ ଚିହ୍ନଟ କରାଯାଇ କଟକସ୍ଥିତ ଜେ.ପି.ଏମ ରୋଟାରୀ ଚକ୍ଷୁ ଚିକିତ୍ସାଳୟରେ ବିନା ମୂଲ୍ୟରେ ଅପରେସନ କରାଯିବାର ବ୍ୟବସ୍ଥା କରାଯାଇଛି।

# ଧାନ କିଣା ସମ୍ପର୍କରେ ଆଲୋଚନା କରିବାକୁ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ ବିଜେପି ବିଧାୟକ

ଭୁବନେଶ୍ୱର,୧୭/୦୩ (ନି.ପ୍ର): ଧାନମଣ୍ଡିରୁ ଧାନ କ୍ରୟ କରିବା ସମ୍ପର୍କରେ ଆଲୋଚନା କରିବା ପାଇଁ ବିରୋଧି ଦଳ ନେତାଙ୍କ ସମେତ ଦଳର ସମସ୍ତ ବିଧାୟକ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି। ଏ ସମ୍ପର୍କରେ ଚିଠିଲେଖି ଜଣାଇଛନ୍ତି ଯେ, ଧାନ କ୍ରୟ ସମସ୍ୟା ରାଜ୍ୟ ପାଇଁ ଏକ ସ୍ପର୍ଶକାତର ବିଷୟ ହୋଇଛି। ଏଥିରେ ଦର୍ଶାଇଛନ୍ତି ଯେ, ତାଙ୍କ ଦଳ ଓଡ଼ିଶା ରାଜ୍ୟର ଜନୈକ ନିର୍ବାଚିତ ପ୍ରତିନିଧି ଭାବରେ ଓଡ଼ିଶା ବିଧାନସଭାକୁ ପ୍ରତିନିଧିତ୍ୱ କରୁଛନ୍ତି। ଚଳିତ ବଜେଟ୍ ଅଧିବେଶନରେ ଉପରୋକ୍ତ ବିଷୟ ଗୃହରେ ବାରମ୍ବାର ଆଲୋଚନା ଏବଂ ଏହି ସମସ୍ୟାର ସମାଧାନ ପାଇଁ ଗୃହରେ ସମ୍ପୃକ୍ତ ବିଭାଗୀୟ ମନ୍ତ୍ରୀ ଦେଇଥିବା ପ୍ରତିଶ୍ରୁତି କାର୍ଯ୍ୟକାରୀ କରାଯାଇନାହିଁ। ତାହା ଅସତ୍ୟ ବୋଲି ପ୍ରମାଣିତ ହୋଇଛି। ଉକ୍ତ ସମସ୍ୟାର ସମାଧାନ ପାଇଁ ମୁଖ୍ୟମନ୍ତ୍ରୀଙ୍କର ବ୍ୟକ୍ତିଗତ ହସ୍ତକ୍ଷେପ ଆବଶ୍ୟକ। ମାତ୍ର ମୁଖ୍ୟମନ୍ତ୍ରୀ ଅଦ୍ୟାବଧି ଗୃହକୁ ଆସୁନାହାନ୍ତି କି ଏଭଳି ପ୍ରସଙ୍ଗରେ ମୁହଁ ଖୋଲୁନାହାନ୍ତି। ଆପଣଙ୍କର ବିଧାନସଭା ପ୍ରକୋଷ୍ଠରେ, ଲୋକସଭା ଭବନରେ କିମ୍ବା ଆପଣଙ୍କର ବାସଭବନରେ ଆଲୋଚନା ପାଇଁ ସମୟ ନିର୍ଦ୍ଧାରଣ କଲେ, ଧାନକିଣାକୁ ନେଇ ବିଧାନସଭାରେ ସୃଷ୍ଟି ହୋଇଥିବା ଅପ୍ରିତିକର ପରିସ୍ଥିତିର ଅବସାନ ହେବ। ଓଡ଼ିଶାର ଚାଷୀକୂଳ ଉପକୃତ ହେବେ ବୋଲି ଉକ୍ତ ଚିଠିରେ ଉଲ୍ଲେଖ କରିଛନ୍ତି।

## ସୁବର୍ଣ୍ଣରେଖା ଯୁବକ କ୍ରୀଡାସଂସଦ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଯାପିତ : ଜାମକୁଣ୍ଡାଟିମ ଚମ୍ପିୟାନ

ବାଲିଆପାଳ,୧୭/୦୩ (ନି.ପ୍ର): ବାଲିଆପାଳ ପଂଚାୟତ ଅନ୍ତର୍ଗତ ନେତାଜି ଷ୍ଟାଡିୟମରେ ଗତ ୮ ତାରିଖ ପାଖରୁ ସୁବର୍ଣ୍ଣରେଖା ଯୁବ କ୍ରିଡା ସଂସଦ ଆନୁକୂଲ୍ୟରେ ଆରମ୍ଭ ହୋଇଥିବା କ୍ରିକେଟ ଟୁର୍ଣ୍ଣାମେଂଟ ବୁଧବାର ଉଦଯାପିତ ହୋଇଯାଇଛି । ଏହି ଟୁର୍ଣ୍ଣାମେଂଟରେ ବାଲିଆପାଳ ବ୍ଲକର ବିଭିନ୍ନ ସ୍ଥାନର ୮ଟି ଟିମ ଅଂଶଗ୍ରହଣ କରିଥିଲେ । ଫାଇନାଲ ଖେଳ ଜାମକୁଣ୍ଡା କ୍ରକେଟ ଟିମ ସହିତ ବିଷ୍ଣୁପୁର ସାହାବନ୍ଦର କ୍ରକେଟ ଟିମ ସହିତ ଅନୁଷ୍ଠିତ ହୋଇଥିଲା । ସାହାବନ୍ଦର ଟିମ ଟସ ଜିତି ପ୍ରଥମେ ବ୍ୟାଟିଙ୍ଗ କରିଥିଲା । ନିର୍ଦ୍ଧାରିତ ୨୦ ଓଭରୁ ୧୮ ଓଭରରେ ଏହି ଟିମ ସମସ୍ତ ଉଇକେଟ ହରାଇ ୧୩୭ ରନ କରିବାକୁ ସକ୍ଷମ ହୋଇଥିଲା । ଜବାବରେ ଜାମକୁଣ୍ଡା କ୍ରକେଟ ଟିମ ୧୮ ଓଭରରେ ୫ ଉଇକେଟ ହରାଇ ୧୩୮ ରନ କରି ଚମ୍ପିୟାନ ହୋଇଥିଲା । ଉଦଯାପନୀ ଉତ୍ସବରେ ୨୧ନଂ ଜୋନ ଜିଲ୍ଲାପରିଷଦ ସଦସ୍ୟ ରବିନ୍ଦ୍ରନାଥ ଅଣ୍ଡିଆ ଯୋଗ ଦେଇ ବିଜୟ ଟିମକୁ ଟ୍ରଫି ସହିତ ୧୧ ହଜାର ଟଙ୍କା ଏବଂ ରନର୍ସ ଅପ ଟିମକୁ ଟ୍ରଫି ସହିତ ୯ ହଜାର ଟଙ୍କାର ଅର୍ଥ ରାଶି ପ୍ରଦାନ କରିଥିଲେ । ଖେଳ ପରିଚାଳନା ଦାୟିତ୍ୱରେ ପଶ୍ଚିମବଙ୍ଗରୁ ଆସିଥିବା ଟି.ଭୂୟାଁଙ୍କ ସହିତ ରାକେଶ ଜେନା ରହିଥିଲେ । ଟି.ଭୂୟାଁ ଉତ୍ତମ ଖେଳ ପରିଚାଳନା ପାଇଁ ଦର୍ଶକଙ୍କ ଠାରୁ ପ୍ରଶଂସା ପାଇବା ସହିତ ୧ ହଜାର ଟଙ୍କାର ଅର୍ଥ ରାଶି ପୁରଷ୍କାର ପାଇଥିଲେ ।

# ବିଦ୍ୟାଳୟ ମିଶ୍ରଣକୁ ବିରୋଧ କରି ତିନୋଟି ସ୍କୁଲର ଛାତ୍ର ଛାତ୍ରୀ ଓ ଅଭିଭାବକଙ୍କ ବି.ଇ.ଓ ଅଫିସ ଆଗରେ ବିକ୍ଷୋଭ




ବାଲିଆପାଳ,୧୭/୦୩ (ନି.ପ୍ର): ପିଲା ସଂଖ୍ୟା କମ ଥିବା ଦର୍ଶାଇ ବାଲିଆପାଳ ବ୍ଲକର ୨୧ଟି ପ୍ରାଥମିକ ବିଦ୍ୟାଳୟକୁ ଗଣଶିକ୍ଷା ବିଭାଗ ବନ୍ଦ କରି ଅନ୍ୟ ବିଦ୍ୟାଳୟ ସହିତ ମିଶ୍ରଣ ପାଇଁ ନିଷ୍ପତି ନେଇଛନ୍ତି । ଏହାକୁ ସମ୍ପୃକ୍ତ ବିଦ୍ୟାଳୟର ଛାତ୍ରଛାତ୍ରୀ ଓ ଅଭିଭାବକ ମାନେ ବିରୋଧ କରି ଆସୁଛନ୍ତି । ଆଜି ବାଲିଆପାଳ ପଂଚାୟତର ବାଲିଆପାଳ ଉର୍ଦ୍ଦୁ ପ୍ରାଥମିକ ବିଦ୍ୟାଳୟ ଓ ଗୁନାପୁର ପ୍ରାଥମିକ ବିଦ୍ୟାଳୟ ଏବଂ ବିଷ୍ଣୁପୁର ପଂଚାୟତର ବିଷ୍ଣୁପୁର ଚଡସାହି ପ୍ରାଥମିକ ବିଦ୍ୟାଳୟର ଶତାଧୀକ ଛାତ୍ର ଚାତ୍ରୀ ସ୍କୁଲ ମିଶ୍ରଣ ନିଷ୍ପତ୍ତିକୁ ବିରୋଧ କରି ବାଲିଆପାଳ ବସ ଷ୍ଟାଣ୍ଡରୁ ଏକ ଶୋଭାଯାତ୍ରାରେ ୨ କି.ମି. ଦୂର ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲେ । ରାସ୍ତାରେ ଯିବା ବେଳେ ଏବଂ ବି.ଇ.ଓ. ଅଫିସ ଆଗରେ ପିଲା ମାନେ ଆମକୁ ଆମ ସ୍କୁଲ ଫେରାଇ ଦିଅ, ଆମ ସ୍କୁଲ ଖୋଲା ରଖି ନିୟମିତ ପାଠ ପଢାଉ,ଦେଉଥିବା ଚାଉଳ ଅଣ୍ଡା ସବୁ ଫେରାଇ ନିଅ ଆଦି ସ୍ଲୋଗାନ ଦେବା ସହ ପ୍ଲାକାର୍ଡ ଧରି ବି.ଇ.ଓ ଅଫିସ ଆଗରେ ଭିକ୍ଷୋବ କରିଥିଲେ । ବାଲିଆପାଳ ଉର୍ଦ୍ଦୁ ପ୍ରାଥମିକ ବିଦ୍ୟାଳୟରେ ଓଡିଆ ସିଲାବସ ସହିତ ଅତିରିକ୍ତ ଭାବେ ଉର୍ଦ୍ଦୁ ଭାଷାରେ ଶିକ୍ଷା ପ୍ରଦାନ କରାଯାଏ । ବ୍ଲକର ଏହା ଏକ ମାତ୍ର ଉର୍ଦ୍ଦୁ ସ୍କଲ ହୋଇଥିବା ବେଳେ ଏଥିରେ ବାଲିଆପାଳ ସଂଖ୍ୟାଲଘୁ ବସ୍ତିର ଅଧିକାଂଶ ପିଲା ଅଧ୍ୟୟନ କରି ଉର୍ଦ୍ଦୁ ଶିକ୍ଷା ଗ୍ରହଣ କରନ୍ତି ମାତ୍ର ଏହି ବିଦ୍ୟାଳୟଟିକୁ ବାଲିଆପାଳ ପ୍ରାଥମିକ ବିଦ୍ୟାଳୟ ସହିତ ମିଶାଇ ଦିଆଯାଇଥିବାରୁ ସଂଖ୍ୟାଲଘୁ ସମ୍ପ୍ରଦାୟର ପିଲା ମାନେ ଉର୍ଦ୍ଦୁ ଶିକ୍ଷାରୁ ବଂଚିତ ହେବେ ବୋଲି ଅଭିଯୋଗ କରିଛନ୍ତି । ସେହିପରି ଗୁନାପୁର ପ୍ରାଥମିକ ବିଦ୍ୟାଳୟ, ଚଡସାହି ପ୍ରାଥମିକ ବିଦ୍ୟାଳୟ କ୍ଷେତ୍ରରେ ଗଣ ଶିକ୍ଷା ବିଭାଗ ଗ୍ରାଉଣ୍ଡ ଜିରୋରୁ ବାସ୍ତବ ସ୍ଥିତି ଅନୁଧ୍ୟାନ ନକରି ନେଇଥିବା ଏଭଳି ଅବସ୍ତବ ନିଷ୍ପତି କାର୍ଯ୍ୟକାରୀ ହେଲେ ପିଲାମାନେ ଶିକ୍ଷା ଅଧିକାର ସୁଯୋଗରୁ ବଂଚିତ ହେବେ ବୋଲି ଅଭିଭାବକ ମାନେ କହିଛନ୍ତି । ସୂଚନାଯୋଗ୍ୟ ଯେ ବାଲିଆପାଳ ବ୍ଲକର ୨୧ଟି ସ୍କୁଲ ବନ୍ଦ ହେବା ଯୋଗୁଁ ସ୍କୁଲ ଘର ସମେତ ଅନ୍ୟାନ୍ୟ ଉପକରଣ ସବୁ ନଷ୍ଟ ହେବ । ବିଦ୍ୟାଳୟ ସ୍ଥାନ ପରିତ୍ୟକ୍ତ ହୋଇ ପଡିରହିବ । ତେଣୁ ପିଲା ସଂଖ୍ୟା ବୃଦ୍ଧି ପାଇଁ ଉଦ୍ୟମ ନକରି ସ୍କୁଲ ବନ୍ଦ ନିଷ୍ପତିକୁ କଂଗ୍ରେସ ଦଳ ବିରୋଧ କରିବା ସହିତ ଆନ୍ଦୋଳନର ଚେତାବନୀ ଦେଇଛି । ବାଲିଆପାଳ ବ୍ଲକ ଶିକ୍ଷାଧିକାରୀ ନାରାୟଣ ପ୍ରସାଦ ଦାସ ବିକ୍ଷୋଭକାରୀ ଚାତ୍ରଛାତ୍ରୀଙ୍କ ଠାରୁ ଦାବିପତ୍ର ଗ୍ରହଣ କରି ଏହାକୁ ଉଚ୍ଚ କର୍ତ୍ତୃପକ୍ଷଙ୍କ ବିଚାର ପାଇଁ ପଠାଇଦେବେ ବୋଲି କହିଛନ୍ତି ।

## ୧୦୦ଟି ଉଚ୍ଚବିଦ୍ୟାଳୟ ହୋଇଛି ଉତ୍କର୍ଷତା କେନ୍ଦ୍ର

ଭୁବନେଶ୍ୱର,୧୭/୦୩ (ନି.ପ୍ର): ମସିହାରେ ୧୦୦ଟି ଉଚ୍ଚବିଦ୍ୟାଳୟକୁ ଉତ୍କର୍ଷତା କେନ୍ଦ୍ର ଭାବେ ଚିହ୍ନଟ କରାଯାଇଛି। ଉକ୍ତ ବିଦ୍ୟାଳୟ ଗୁଡିକର ଭିତିଭୂମି ଓ ମାନବ ସମ୍ବଳର ଆବଶ୍ୟକତାକୁ ଆକଳନ କରି ଏଗୁଡିକୁ ପୂରଣ କରିବାପାଇଁ ପଦକ୍ଷେପ ନିଆଯାଉଛି। ଏହି ବିଦ୍ୟାଳୟ ଗୁଡିକୁ ପରବର୍ତୀ ସମୟରେ ଅନ୍ୟ ଓଡିଆ ମାଧ୍ୟମ ବିଦ୍ୟାଳୟଗୁଡିକ ପାଇଁ ଆଦର୍ଶ ଭାବରେ ପ୍ରସ୍ତୁତ କରିବା ଲାଗି ପ୍ରକ୍ରିୟା ଆରମ୍ଭ ହୋଇଛି। ବିଧାୟକ ମୋହନ ଚରଣ ମାଝୀଙ୍କର ଆଦର୍ଶ ବିଦ୍ୟାଳୟ ଗଠନ ସମ୍ପର୍କିତ ତାରକା ଚିହ୍ନିତ ପ୍ରଶ୍ନର ଉତରରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଂଜନ ଦାଶ ଏହା କହିଛନ୍ତି ।

## ବାଣିଜ୍ୟ ଅଧ୍ୟାପକଙ୍କ ପିଏଚଡି ଲାଭ

କେନ୍ଦ୍ରାପଡ଼ା,୧୭/୦୩ (ନି.ପ୍ର): ବ୍ରାହ୍ମଣୀ କଲେଜର ଅଧ୍ୟାପକ ସୁରେନ୍ଦ୍ର କୁମାର ମଲିକ ବାଣିଜ୍ୟ ବିଭାଗର ମାନେଜମେଣ୍ଟ ଉପରେ ଗବେଷଣା କରି ରେଭେନ୍‌ସା ବିଶ୍ୱ ବିଦ୍ୟାଳୟରୁ ପିଏଚଡି ଡିଗ୍ରୀ ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି । ଡ଼ଃ ପ୍ରଫେସର ତୁଷାରକାନ୍ତ ପାଣିଙ୍କ ତତ୍ତ୍ୱାବଧାନରେ ୨୦୧୭ ମସିହାରୁ ଗବେଷଣା କରି ଆସୁଥିଲେ । ତାଙ୍କର ସନ୍ଦର୍ଭ କଲିକତା ବିଶ୍ୱ ବିଦ୍ୟାଳୟର ପ୍ରଫେସର ସୁଦିପ ବାନାର୍ଜୀ ଓ ଓସମାନିଆ ବିଶ୍ୱ ବିଦ୍ୟାଳୟର ପ୍ରଫେସର ଏସଭି ସତ୍ୟନାରାୟଣଙ୍କ ଉଚ୍ଚ ପ୍ରଶଂସିତ ହୋଇଛନ୍ତି ।

# ବିପର୍ଯ୍ୟସ୍ତ ଶିକ୍ଷା ଓ ଉତ୍କଟ ବେକାରୀ ବିରୋଧରେ ଭୁବନେଶ୍ୱର ସମାବେଶ ୨୨ରେ




ବାଲେଶ୍ୱର,୧୭/୦୩ (ନି.ପ୍ର): ଶ୍ରମିକ ସଂଗଠନ 'ସିଆଇଟିୟୁ', ଛାତ୍ରସଂଗଠନ ଏସଏଫଆଇ ଓ 'ଡିୱାଇଏଫଆଇ'ର ମିଳିତ ସହଯୋଗରେ 'ସମସ୍ତଙ୍କୁ ନିଯୁକ୍ତି ଓ ଶିକ୍ଷା ବ୍ୟବସ୍ଥାର ଉନ୍ନତି' ଶୀର୍ଷକ ଏକ ଆଲୋଚନାଚକ୍ର ବାଲେଶ୍ୱର ସହରର ନୂଆବଜାରସ୍ଥିତ ଶ୍ରମିକ ଭବନରେ ଅନୁଷ୍ଠିତ ହୋଇଯାଇଛି। ଶ୍ରମିକ ନେତା ଶିଶିର ହୁଇ, ନିର୍ମଳ ନାୟକ, ବିଜୟ ପାତ୍ର, ପ୍ରେମରଂଜନ ପାତ୍ର ପ୍ରମୁଖ ଯୋଗଦେଇ ସାମ୍ପ୍ରତିକ ସ୍ଥିତିରେ ଦେଶରେ ଦେଖାଦେଇଥିବା ବେକାରୀ ସମସ୍ୟା ଓ ଶିକ୍ଷା ବ୍ୟବସ୍ଥାର ଘରୋଇକରଣ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ଦେଶ ସ୍ୱାଧୀନତାର ୭୨ ବର୍ଷ ପରେ ବି ବେକାରୀ ସମସ୍ୟା ଉତ୍କଟ ହୋଇଥିବା ବେଳେ ସରକାରୀ ସଂସ୍ଥାରେ ଖାଲିପଡ଼ିଥିବା ପଦବୀ ଉଚ୍ଛେଦ ସହ ନିଯୁକ୍ତି ସୁଯୋଗ ସରକାର ସଂକୁଚିତ କରିଦେଇଥିବା ବକ୍ତାମାନେ ଆରୋପ କରିଥିଲେ। ଅନ୍ୟପକ୍ଷରେ କରୋନା ସଂକ୍ରମଣକୁ ଆଳ କରି ଅନେକ ସରକାରୀ ଓ ବେସରକାରୀ ସଂସ୍ଥାରେ ବ୍ୟାପକ ଛଟେଇ ଚାଲିଛି। କେନ୍ଦ୍ରର ବିଜେପି ସରକାର ବ୍ୟାଙ୍କ, ଜୀବନବୀମା, ଏଆର ଇଣ୍ଡିଆ, ରେଳ, ଖଣି ପ୍ରଭୃତି ରାଷ୍ଟ୍ରାୟତ୍ତ ଉଦ୍ୟୋଗକୁ ଘରୋଇକରଣ କରିବା ଫଳରେ ନିଯୁକ୍ତିର ସମସ୍ତ ରାସ୍ତ ବନ୍ଦ ହୋଇଯାଇଥିବା ସେମାନେ କହିଥିଲେ। ଅନୁରୂପ ଭାବେ ଅବ୍ୟବସ୍ଥିତ ଶିକ୍ଷା କ୍ଷେତ୍ରରେ ଘରୋଇକରଣର ଓ ବ୍ୟବସାୟୀକରଣକୁ ସରକାର ଉତ୍ସାହିତ କରିଚାଲିଥିବା ବେଳେ ସାଧାରଣ ଲୋକଙ୍କ ପାଇଁ ଶିକ୍ଷାଧିକାର ଆଇନ ମୂଲ୍ୟହୀନ ହୋଇପଡ଼ିଛି ବୋଲି ବକ୍ତାମାନେ କହିଥିଲେ। ଏହା ବିରୋଧରେ ସ୍ୱର ଉତ୍ତୋଳନ ସହ ଗଣ ଆନ୍ଦୋଳନ ପାଇଁ ସେମାନେ ଆହ୍ୱାନ ଦେଇଥିଲେ। ଏନେଇ ଆସନ୍ତା ୨୨ ତାରିଖରେ ଭୁବନେଶ୍ୱରଠାରେ ଛାତ୍ର, ଶ୍ରମିକ ଓ ଯୁବ ସମାବେଶରେ ଅଧିକ ସଂଖ୍ୟାରେ ଯୋଗ ଦେବା ସହ ୨୬ ତାରିଖର ଭାରତ ବନ୍ଦକୁ ସଫଳ କରିବା ପାଇଁ ବକ୍ତାମାନେ ଆହ୍ୱାନ ଦେଇଥିଲେ। ନିକୁଞ୍ଜ ବସନ୍ତ ରାୟଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ସୁଶାନ୍ତ ନାୟକ, ଦୀପ୍ତିମାନ ଆଚାର୍ଯ୍ୟ, ଉମାକାନ୍ତ ପାତ୍ର, ଭଗବାନ ମହାନ୍ତି, ମୃତ୍ୟୁଞ୍ଜୟ ରାଉତ, ବସନ୍ତ ମାଝୀ, ଶ୍ୟାମସୁନ୍ଦର ଜେନା, ଈଶାଣୀ ଷଡ଼ଙ୍ଗୀ, ପୂର୍ଣ୍ଣିମା ବେହେରା ପ୍ରମୁଖ ଉପସ୍ଥିତ ରହି ବକ୍ତବ୍ୟ ପ୍ରଦାନ କରିଥିଲେ ।

## ଘୋଷଣା

ମୁଁ ଶ୍ରୀମତୀ ରାଜେଶ୍ୱରୀ ଦାସ ଅଧିକାରୀ, ସ୍ୱା- ରାମନାରାୟଣ ଦାସ, ସା:- ଆଗରଗୋହିରା, ପୋ: - ହାତିଆଡିହା, ଥା: ରୁପ୍‌ସା, ଜି: ବାଲେଶ୍ୱର

ଜଣାଉଅଛୁ କି, ଆମ୍ଭେ ନିମ୍ନ ତହସିଲ ସଂପତ୍ତି କ୍ରୟକରି ବସ୍ତା ତହସିଲ ଜରିଆରେ ନାମଜାରୀ କରି ଅରିଜିନାଲ ପଟ୍ଟା ନ ପାଇ ସାର୍ଟିଫାଏଡ୍ ପଟ୍ଟା ପାଇଥିଲୁ । ଆମ୍ଭେ ଉକ୍ତ ପଟ୍ଟାକୁ ଅନ୍ୟ କେଉଁଠାରେ ବନ୍ଧକ ବା ହସ୍ତାନ୍ତର କରୁନାହୁଁ ।

ତହସିଲ ସଂପତ୍ତି ବିବରଣୀ

ମୌଜା-କାଦକୌଜା, ଖାତା-୧୪୨/୪୩, ପ୍ଲଟ ନଂ-୧୭୩, ରକବା-୦୮ ଡି.

❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❐ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❐ Managing & Executive Editor : Srustidhar Parida
❐ Editor: Sairindhree Sahoo